୬ ସିଏସକେକୁ ୫୦ ରନ୍‌ରେ ହରାଇଲା ଆରସିବି



ସର୍ବାଧିକ ବିଶ୍ୱାସଯୋଗ୍ୟ ସମ୍ବାଦପତ୍ର

31 YEARS

# ସମ୍ବାଦ କଳିକା

The Sambad Kalika

E-mail : sambadkalikanews@gmail.com

e-paper www.sambadkalika.in

TM

ଓଡ଼ିଶାର ଏକମାତ୍ର ISO ସ୍ୱୀକୃତିପ୍ରାପ୍ତ ସମ୍ବାଦପତ୍ର

The only ISO Certified Odia Newspaper NS-EN ISO 9001:2008

୮ ପୃଷ୍ଠା ମୂଲ୍ୟ : ୨.୦୦ ଟଙ୍କା

8 Pages,₹ 2.00

● ବର୍ଷ–୩୨ ● ସଂଖ୍ୟା–୬୦ ● ୨୯ ମାର୍ଚ୍ଚ ୨୦୨୫, ଶନିବାର ● ଭୁବନେଶ୍ୱର ● Vol -32 ● Issue-60 ● 29th March 2025, Saturday ● Bhubaneswar

RNI Regd.No. : 52640/94 Postal Regd.No. : BN-60/25-27

### ମହିଳା ଓ ଶିଶୁ ବିକାଶ, ମିଶନ ଶକ୍ତି, ପର୍ଯ୍ୟଟନ ବିଭାଗ ଖର୍ଚ୍ଚ ଦାବି ପାରିତ

## ସୁଭଦ୍ରା ଯୋଜନାର ସଫଳତାରେ ବିରୋଧୀ ପୀଡା ଅନୁଭବ କରୁଛନ୍ତି

ଭୁବନେଶ୍ୱର, ୨୮।୩

ନ୍ୟୁଜ୍ ବ୍ୟୁରୋ



ଶୁକ୍ରବାର ବିଧାନସଭାରେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା ୨୦୨୫-୨୬ ଆର୍ଥିକ ବର୍ଷ ପାଇଁ ମହିଳା ଓ ଶିଶୁ ବିକାଶ ବିଭାଗର ସର୍ବମୋଟ ୧୫୨୨୨ କୋଟି ୮୪ ଲକ୍ଷ ୨୪ ହଜାର, ମିଶନ ଶକ୍ତି ବିଭାଗର ୨୭୭୪ କୋଟି ୭୩ ଲକ୍ଷ ୨ ହଜାର ଏବଂ ପର୍ଯ୍ୟଟନ ବିଭାଗର ମୋଟ୍ ୮୨୦ କୋଟି ୪ ଲକ୍ଷ ୫୬ ହଜାର ଟଙ୍କାର ଖର୍ଚ୍ଚ ଦାବି ବିଚାର ଆଲୋଚନା ଓ ପାରିତ ପାଇଁ ଉପସ୍ଥାପନ କରିଥିଲେ। ଦୀର୍ଘ ସମୟ ଧରି ଖର୍ଚ୍ଚ ଦାବି ଉପରେ ଆଲୋଚନା ପରେ ତାହା ଗୃହୀତ ହୋଇଥିଲା। ଆଲୋଚନାର ଉତ୍ତର ଦେଇ ଉପମୁଖ୍ୟମନ୍ତ୍ରୀ କହିଥିଲେ ଘୋଷଣା ଅନୁସାରେ ରାଜ୍ୟରେ ନୂଆ ସରକାର କ୍ଷମତାକୁ ଆସିବା ପରେ ମହିଳାମାନଙ୍କ ସଶକ୍ତିକରଣ ପାଇଁ ସୁଭଦ୍ରା ଯୋଜନାର ଶୁଭାରମ୍ଭ କରିଛନ୍ତି। ଯାହା ଘୋଷଣା କରାଯାଇଥିଲା ୫ ହଜାର ଲେଖାଏଁ ଦୁଇଟି କିସ୍ତି ହିସାବରେ ବର୍ଷକୁ ୧୦ ହଜାର ଦିଆଯାଇଥିବା ବେଳେ ୫ ବର୍ଷରେ ୫୦ ହଜାର ଟଙ୍କାର ଆର୍ଥିକ ସହାୟତା ପ୍ରଦାନ କରାଯିବ। ସୁଭଦ୍ରା ଯୋଜନା ଏକ ମହିଳା କେନ୍ଦ୍ରୀତ ଏବଂ ପରିବର୍ତ୍ତନ ମୂଳକ ଐତିହାସିକ କାର୍ଯ୍ୟକ୍ରମ। ୨୦ରୁ ୬୦ ବର୍ଷ ପର୍ଯ୍ୟନ୍ତ ବୟସର ମହିଳାଙ୍କୁ ଏହି ଯୋଜନାରେ ଅନ୍ତର୍ଭୁକ୍ତ କରାଯାଇଛି ଏବଂ ଏକ କୋଟି ମହିଳା ଏଥିରେ ଉପକୃତ ହେଉଛନ୍ତି। ହେଲେ ବିରୋଧୀ ଦଳ ଏଥିରେ ପୀଡା ଅନୁଭବ କରୁଛନ୍ତି ବୋଲି ସେ କହିଥିଲେ। ରାଜ୍ୟରେ ମହିଳା ଓ ଶିଶୁ ବିକାଶ କାର୍ଯ୍ୟକ୍ରମ ପାଇଁ ବିରୋଧୀ ଦଳ ଯେଉଁ ସବୁ ସକାରାତ୍ମକ ପ୍ରସ୍ତାବ ରଖିଛନ୍ତି ଏବଂ ଦାବି ଉଠାଇଛନ୍ତି ତାହାକୁ ସରକାର ସହୃଦୟତାର ସହ ବିଚାର କରିବେ ବୋଲି ସେ କହିଛନ୍ତି। ହେଲେ ମହିଳାଙ୍କୁ ସମ୍ମାନ ପ୍ରସଙ୍ଗରେ ଉପମୁଖ୍ୟମନ୍ତ୍ରୀ ବିରୋଧୀ ଦଳଙ୍କୁ କଡା ଭାଷାରେ ସମାଲୋଚନା କରିଛନ୍ତି। ସେ କହିଛନ୍ତି ବିରୋଧୀ ଦଳ ବିଶେଷକରି ଉଭୟ କଂଗ୍ରେସ ଓ ବିଜେଡ଼ି ମହିଳାଙ୍କ ବିକାଶ ପାଇଁ ବହୁତ କିଛି କରିଛନ୍ତି ବୋଲି ଯାହା କହୁଛନ୍ତି ବାସ୍ତବରେ ତାହା ନୁହେଁ ବରଂ ସେମାନେ ମହିଳାଙ୍କୁ ମିଛ କହି ଠକିଛନ୍ତି ଓ ଧୋକା ଦେଇଛନ୍ତି। ଏପରିକି ସେମାନେ ବିଧାନସଭାରେ ମହିଳା ବାଚସ୍ପତିଙ୍କୁ ଅସମ୍ମାନ ପ୍ରଦର୍ଶନ କରିଛନ୍ତି। ମୁହଁକୁ କାଗଜ ଫିଙ୍ଗିଛନ୍ତି ଏବଂ ଛି ଛି ଥୁ ଥୁ କହିଛନ୍ତି। ଇଏ କେଉଁ ପ୍ରକାର ସମ୍ମାନ ବୋଲି ସେ ପ୍ରଶ୍ନ କରିଥିଲେ। ସେ ଆହୁରି ମଧ୍ୟ କହିଥିଲେ ଯେ, ମୋହନ ମାଝୀଙ୍କ ନେତୃତ୍ୱାଧୀନ ରାଜ୍ୟ ସରକାର ପ୍ରକୃତରେ ମହିଳାମାନଙ୍କ ବିକାଶ ପାଇଁ ଗୁରୁତ୍ୱ ପ୍ରଦାନ ପୂର୍ବକ ସମସ୍ତ କାର୍ଯ୍ୟକ୍ରମ ଗ୍ରହଣ କରିଛନ୍ତି। ଓଡ଼ିଶା ପୁଷ୍ଟି ମିଶନ ପାଇଁ ଚଳିତ ବର୍ଷ ୧୦୦ କୋଟି ଟଙ୍କାର ବ୍ୟବସ୍ଥା କରାଯାଇଥିବା ବେଳେ ମୁଖ୍ୟମନ୍ତ୍ରୀ କନ୍ୟା ବିବାହ ଯୋଜନା ପାଇଁ ୧୨ କୋଟି ଟଙ୍କା, ସୁଭଦ୍ରା ସମ୍ବେଦନା ନାମରେ ନୂଆ ଯୋଜନା କାର୍ଯ୍ୟକାରୀ କରିବାକୁ ପ୍ରସ୍ତାବ ରଖାଯାଇଛି। ଏହି ଯୋଜନାରେ ୨୦.୪୯ କୋଟିର ଅର୍ଥ ବ୍ୟବସ୍ଥା କରାଯାଇଥିବା ବେଳେ ଆଦିବାସୀ ପିଲାମାନଙ୍କ *(ପୃଷ୍ଠା ୭ରେ)*

## ମିଆଁମାରରେ ମୃତ୍ୟୁର ତାଣ୍ଡବ : ୫୯ ମୃତ



ନୂଆଦିଲ୍ଲୀ, ୨୮।୩

ମିଆଁମାର ଏବଂ ଥାଇଲ୍ୟାଣ୍ଡରେ ବ୍ୟାପକ କ୍ଷୟକ୍ଷତି ଘଟାଇଛି ଭୂମିକମ୍ପ। ଶୁକ୍ରବାର ସକାଳେ ମିଆଁମାରରେ ଦୁଇଟି ବଡ଼ ଭୂମିକମ୍ପ ଅନୁଭୂତ ହୋଇଥିଲା, ଯାହା ଫଳରେ ବ୍ୟାପକ କ୍ଷୟକ୍ଷତି ଘଟିଛି । ଆମେରିକାର ଭୂତତ୍ତ୍ୱ ସର୍ଭେ (ୟୁଏସଜିଏସ) ଏହାର ତୀବ୍ରତା ରିକ୍ଟର ସ୍କେଲ୍‌ରେ ୭.୫ ହେବ ବୋଲି ଆକଳନ କରିଛି । ଏହା ସହ ଦ୍ୱିତୀୟ ଭୂମିକମ୍ପର ତୀବ୍ରତା ୭.୦ ଥିଲା ବୋଲି ସାମ୍ନାକୁ ଆସିଛି। ଭୂମିକମ୍ପରେ ଥାଇଲ୍ୟାଣ୍ଡ ମଧ୍ୟ ଥରି ଉଠିଛି । ଏଠାରେ ମଧ୍ୟ ବ୍ୟାପକ କ୍ଷୟକ୍ଷତି ଘଟିଥିବା ଜଣାପଡ଼ିଛି। *(ପୃଷ୍ଠା ୭ରେ)*

### ସମସ୍ତ ପ୍ରକାର ସହାୟତା ପାଇଁ ଭାରତ ପ୍ରସ୍ତୁତ

ନୂଆଦିଲ୍ଲୀ, ୨୮।୩



ମିଆଁମାର ଓ ଥାଇଲାଣ୍ଡ ଭୂମିକମ୍ପକୁ ନେଇ ଉଦ୍‌ବେଗ ପ୍ରକାଶ କରିଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି। ସ୍ଥିତି ନେଇ ଉଦ୍‌ବେଗ ପ୍ରକାଶ କରିବାସହ ସମସ୍ତଙ୍କ ସୁରକ୍ଷା କାମନା କରିଛନ୍ତି ଶ୍ରୀ ମୋଦି। ଏହି ସମୟରେ ସମସ୍ତ ପ୍ରକାର ସହାୟତା ଯୋଗାଇ ଦେବାକୁ ଭାରତ ପ୍ରସ୍ତୁତ ଅଛି ବୋଲି ସେ କହିଛନ୍ତି । ଦୁଇ ଦେଶର ସରକାର ସହ ଯୋଗାଯୋଗରେ ରହିବାକୁ ବୈଦେଶିକ *(ପୃଷ୍ଠା ୭ରେ)*

### ଓଇଆର୍‌ସି ଅଧ୍ୟକ୍ଷ ହେଲେ ପ୍ରଦୀପ ଜେନା



ଭୁବନେଶ୍ୱର, ୨୮।୩

ନ୍ୟୁଜ୍ ବ୍ୟୁରୋ

ରାଜ୍ୟ ସରକାରଙ୍କ ପୂର୍ବତନ ମୁଖ୍ୟ ଶାସନ ସଚିବ ପ୍ରଦୀପ ଜେନା ଓଡ଼ିଶା ବିଦ୍ୟୁତ ନିୟାମକ ଆୟୋଗ(ଓଇଆରସି)ର ଅଧ୍ୟକ୍ଷ ଭାବେ ନିଯୁକ୍ତି ପାଇଛନ୍ତି। ଆଇଏଏସ ଅଧିକାରୀ ସୁରେଶ ମହାପାତ୍ରଙ୍କ ପରେ ଏହି ପଦବୀ ଦୀର୍ଘ ଦିନ ଧରି ଖାଲି ପଡ଼ିଥିଲା। *(ପୃଷ୍ଠା ୭ରେ)*

### ୨୨ ବିଭାଗ ଖର୍ଚ୍ଚ ଦାବି ଗିଲୋଟିନ୍‌ରେ ପାରିତ

ଭୁବନେଶ୍ୱର, ୨୮।୩

ନ୍ୟୁଜ୍ ବ୍ୟୁରୋ

ଶୁକ୍ରବାର ବିଧାନସଭାରେ ୨୦୨୫-୨୬ ଆର୍ଥିକ ବର୍ଷ ପାଇଁ ୨୨ଟି ବିଭାଗର ଖର୍ଚ୍ଚ ଦାବି 'ଗିଲୋଟିନ୍' ଜରିଆରେ ପାରିତ ହୋଇଛି। ବାଚସ୍ପତି ସୁରମା ପାଢୀ ଏଥିପାଇଁ ସନ୍ଧ୍ୟା ୭ଟା ସମୟ ନିର୍ଦ୍ଧାରଣ କରିଥିଲେ। ଗୃହରେ ଅନାଲୋଚିତ ୨୨ଟି ବିଭାଗ ଯଥା ଆଇନ୍, ଅର୍ଥ, ବାଣିଜ୍ୟ, ଓଡ଼ିଶା ବିଧାନସଭା, ଶ୍ରମ ଓ ରାଜ୍ୟ କର୍ମଚାରୀ ବୀମା, ଯୋଜନା ଓ ସଂଯୋଜନ, ସାଧାରଣ ଅଭିଯୋଗ ଓ ପେନ୍‌ସନ୍ ପ୍ରଶାସନ, କୃଷି ଓ କୃଷକ ସଶକ୍ତକରଣ, ସୂଚନା ଓ ଲୋକ *(ପୃଷ୍ଠା ୭ରେ)*

### ବୈଜ୍ଞାନିକ ସମ୍ବର୍ଦ୍ଧନା ଓ ପୁରସ୍କାର ପ୍ରଦାନ ଉତ୍ସବ

## ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟା ହିଁ ବିକାଶର ମୂଳମନ୍ତ୍ର

ଭୁବନେଶ୍ୱର, ୨୮।୩

ନ୍ୟୁଜ୍ ବ୍ୟୁରୋ




ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟା ହିଁ ବିକାଶର ମୂଳମନ୍ତ୍ର । ବିଜ୍ଞାନର ଉପଯୋଗ ସାଧାରଣ ଜନତାଙ୍କ ସୁବିଧା ସୁଯୋଗକୁ ଆଖି ଆଗରେ ରଖି ସ୍ଥାୟୀ ପରିବର୍ତ୍ତନ ଆଣିବାରେ ନିୟୋଜିତ ହେବା ଉଚିତ । ଏଥିପାଇଁ ତୃଣମୂଳ ସ୍ତରରେ ଗବେଷଣା ହେବା ସହିତ ବିଜ୍ଞାନ ଓ କାରିଗରୀ କ୍ଷେତ୍ରରେ ବ୍ୟାପକ ଉନ୍ନତି ଆଣି ଅର୍ଥନୈତିକ ଓ ପ୍ରଗତିର ଶୀର୍ଷ ସ୍ଥାନରେ ଆମ ରାଜ୍ୟକୁ ପହଞ୍ଚାଇବା ମୂଳ ଉଦ୍ଦେଶ୍ୟ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଶୁକ୍ରବାର ଲୋକସେବା ଭବନ କନଭେନସନ ସେଣ୍ଟର ଠାରେ ଓଡ଼ିଶା ବିଜ୍ଞାନ ଏକାଡେମୀ ପକ୍ଷରୁ ଆୟୋଜିତ 'ବୈଜ୍ଞାନିକ ସମ୍ବର୍ଦ୍ଧନା ଓ ପୁରସ୍କାର ପ୍ରଦାନ ଉତ୍ସବ - ୨୦୨୩' କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଗଦାନ କରି କହିଛନ୍ତି ।

ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଥିଲେଯେ, ଆମକୁ ଅନ୍ତର୍ଜାତୀୟ ସ୍ତରରେ ଆଗକୁ ବଢିବାକୁ ହେଲେ ବୈଜ୍ଞାନିକ ଆବିଷ୍କାର ଓ ଉଦ୍ଭାବନକୁ *(ପୃଷ୍ଠା ୭ରେ)*

### ଦରମା ଓ ପେନ୍‌ସନ ବୃଦ୍ଧି ଦାବି ପ୍ରସଙ୍ଗ

## ଶାସକ-ବିରୋଧୀଙ୍କ ଉଠିଲା ଏକ ସ୍ୱର

ଭୁବନେଶ୍ୱର, ୨୮।୩

ନ୍ୟୁଜ୍ ବ୍ୟୁରୋ

ବର୍ତ୍ତମାନର ବିଧାୟକ ମାନଙ୍କ ଦରମା ଓ ପୂର୍ବତନ ବିଧାୟକ ମାନଙ୍କର ପେନସନ ବୃଦ୍ଧି ଦାବି ପ୍ରସଙ୍ଗରେ ଶୁକ୍ରବାର ବିଧାନସଭାରେ ଉଭୟ ବିରୋଧୀ-ଶାସକ ଦଳର ବିଧାୟକମାନେ ଏକ ସ୍ୱର ଉଠାଇଛନ୍ତି। ଶୂନ୍ୟ କାଳରେ ବିରୋଧୀ ଦଳ ମୁଖ୍ୟ ସଚେତକ ପ୍ରମିଳା ମଲ୍ଲିକ ପ୍ରଥମେ ଏହି ପ୍ରସଙ୍ଗରେ ବାଚସ୍ପତିଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ପୂର୍ବ ସରକାରଙ୍କ ସମୟରେ ବିଧାୟକ ଭାସ୍କର ମଢେଇଙ୍କ ଅଧ୍ୟକ୍ଷତାରେ ଗଠିତ କମିଟି ଯେଉଁ ସୁପାରିଶ କରିଛନ୍ତି ସେହି ଅନୁସାରେ ବିଧାୟକ ଓ ପୂର୍ବତନ ବିଧାୟକ ମାନଙ୍କ ପେନସନ ବୃଦ୍ଧି କରାଯିବାର ନିହାତି ଆବଶ୍ୟକତା ରହିଛି ବୋଲି ଶ୍ରୀମତୀ ମଲ୍ଲିକ କହିଥିଲେ।

ସେ ଦର୍ଶାଇଥିଲେ ବର୍ତ୍ତମାନର ବଜାର ଦର ଅନୁସାରେ ବିଧାୟକମାନଙ୍କ ଦରମା ଓ ପୂର୍ବତନ ବିଧାୟକମାନଙ୍କ ପେନ୍‌ସନ୍ ବଢାଯିବାର ଆବଶ୍ୟକତା ପଡିଛି। କାରଣ ଅନେକ ପୂର୍ବତନ ବିଧାୟକ ଲବିକୁ ଆସିବା ବେଳେ ପେନସନ ବଢ଼ାଇବା ପାଇଁ ଅନୁରୋଧ କରୁଛନ୍ତି । ମେଡ଼ିସିନ ଖର୍ଚ୍ଚ ହେଉ କି ବଜାର ଦର ଯାହା ଅଛି ତାହା ପେନସନ କୁ ଦେଖିଲେ ପର୍ଯ୍ୟାପ୍ତ ହେଉନାହିଁ । ତେଣୁ ଭାସ୍କର ମଢେଇ କମିଟି ଯେଉଁ ସୁପାରିସ କରିଛନ୍ତି ତାହା ଉପରେ ସରକାର ବିଚାର କରି ପଦକ୍ଷେପ ନେବାକୁ ସେ ବାଚସ୍ପତିଙ୍କୁ ଅନୁରୋଧ ଜଣାଇଥିଲେ। *(ପୃଷ୍ଠା ୭ରେ)*

### ଭୂମିକମ୍ପରେ ପ୍ରଭାବିତଙ୍କ ସୁରକ୍ଷା ପାଇଁ ପ୍ରାର୍ଥନା କରୁଛି



ଭୁବନେଶ୍ୱର, ୨୮।୩

ନ୍ୟୁଜ୍ ବ୍ୟୁରୋ

ମିଆଁମାର ଓ ଥାଇଲାଣ୍ଡରେ ଶୁକ୍ରବାର ହୋଇଥିବା ବଡ଼ଧରଣର ଭୂମିକମ୍ପ ନେଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଦୁଃଖ ପ୍ରକାଶ କରିଛନ୍ତି । *(ପୃଷ୍ଠା ୭ରେ)*

### ମେ ୧୫ ସୁଦ୍ଧା ପ୍ରକାଶ ପାଇବ ସିଏଚ୍‌ଏସ୍‌ଇ ଦ୍ୱାଦଶ ଶ୍ରେଣୀ ପରୀକ୍ଷାଫଳ

ଭୁବନେଶ୍ୱର, ୨୮।୩

ନ୍ୟୁଜ୍ ବ୍ୟୁରୋ

ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ (ସିଏଚ୍‌ଏସ୍‌ଇ) ଦ୍ୱାରା ପରିଚାଳିତ ଦ୍ୱାଦଶ ଶ୍ରେଣୀ ପରୀକ୍ଷା ଫଳ ମେ ୧୫ ସୁଦ୍ଧା ପ୍ରକାଶ ପାଇବ। ଦ୍ୱାଦଶ ଶ୍ରେଣୀ ଥିଓରୀ ପରୀକ୍ଷା ଗୁରୁବାର ଶେଷ ହୋଇଥିବାବେଳେ ଆସନ୍ତା ୨ ତାରିଖରୁ ମୂଲ୍ୟାୟନ ପ୍ରକ୍ରିୟା ହେବ ବୋଲି ପରିଷଦ ପକ୍ଷରୁ କୁହାଯାଇଛି।

ସୂଚନା ଅନୁଯାୟୀ ଚଳିତ ବର୍ଷ କଳା, ବାଣିଜ୍ୟ, ବିଜ୍ଞାନ ଓ ଧନ୍ଦାମୂଳକ ଶିକ୍ଷା ପାଠ୍ୟକ୍ରମରେ ପ୍ରାୟ ୩ ଲକ୍ଷ ୯୦ ହଜାର ଛାତ୍ରଛାତ୍ରୀ ପରୀକ୍ଷା ଦେଇଛନ୍ତି । ଚଳିତ ବର୍ଷ ୩୦ ଜିଲ୍ଲାରେ ମୂଲ୍ୟାୟନ କେନ୍ଦ୍ର ଖୋଲିବାକୁ ପରିଷଦ ନିଷ୍ପତ୍ତି ହୋଇଥିବା ବେଳେ ମୋଟ ୭୮ କେନ୍ଦ୍ରରେ ମୂଲ୍ୟାୟନ କରାଯିବ। କେତେକ କେନ୍ଦ୍ରରେ ଉଭୟ ଇ-ମୂଲ୍ୟାୟନ ଏବଂ ପାରମ୍ପରିକ ପଦ୍ଧତିରେ ଅଫଲାଇନ ଖାତା ଦେଖାଯିବ। ଏପ୍ରିଲ ୨ରୁ ୧୪ ମଧ୍ୟରେ ପ୍ରଥମ ପର୍ଯ୍ୟାୟ ମୂଲ୍ୟାୟନ *(ପୃଷ୍ଠା ୭ରେ)*

## ବାକ୍ ସ୍ୱାଧୀନତା ସମାଜର ଅବିଚ୍ଛେଦ୍ୟ ଅଂଶ

ନୂଆଦିଲ୍ଲୀ, ୨୮।୩



ସୁପ୍ରିମକୋର୍ଟ ଶୁକ୍ରବାର କହିଛନ୍ତି ଯେ ଅଭିବ୍ୟକ୍ତି ସ୍ୱାଧୀନତା ଏକ ସୁସ୍ଥ ସଭ୍ୟ ସମାଜର ଏକ ଅବିଚ୍ଛେଦ୍ୟ ଅଂଶ। ସୋସିଆଲ ମିଡିଆରେ କଂଗ୍ରେସ ସାଂସଦ ଇମ୍ରାନ ପ୍ରତାପଗଡ଼ିଙ୍କ ଦ୍ୱାରା ଅପଲୋଡ କରାଯାଇଥିବା ଏକ କବିତାକୁ ନେଇ ଗୁଜରାଟରେ ଦାୟର କରାଯାଇଥିବା ଏଫଆଇଆରକୁ ଖାରଜ କରି କୋର୍ଟ ଏହି ଟିପ୍ପଣୀ ଦେଇଛନ୍ତି।

ସୁପ୍ରିମକୋର୍ଟ ଗୁଜରାଟ ପୋଲିସ ବିରୁଦ୍ଧରେ କଡ଼ା ମନ୍ତବ୍ୟ ଦେଇ କହିଛନ୍ତି ଯେ ଶତ୍ରୁତାକୁ ପ୍ରୋତ୍ସାହିତ କରିବାର ଅପରାଧକୁ ଅସୁରକ୍ଷିତ ଲୋକଙ୍କ ମାନଦଣ୍ଡ ଦ୍ୱାରା ବିଚାର କରାଯାଇପାରିବ ନାହିଁ। ଯେଉଁମାନେ ସବୁକିଛିକୁ ଏକ ବିପଦ କିମ୍ବା ସମାଲୋଚନା ଭାବରେ ଦେଖନ୍ତି।

ସୁସ୍ଥ ଗଣତନ୍ତ୍ର ଚିନ୍ତାଧାରା ଏବଂ ଦୃଷ୍ଟିକୋଣର ଅଭିବ୍ୟକ୍ତି ସ୍ୱାଧୀନତାକୁ ଅନୁମତି ଦିଏ। କବିତା, ନାଟକ, କଳା, ବ୍ୟଙ୍ଗ ସମେତ ସାହିତ୍ୟ ଜୀବନକୁ ସମୃଦ୍ଧ କରିଥାଏ, ଜଷ୍ଟିସ ଏଏସ ଓକା ଏବଂ ଜଷ୍ଟିସ ଉଜ୍ଜଳ ଭୂୟାଁଙ୍କ ଖଣ୍ଡପୀଠ କହିଛନ୍ତି।

ଶିବସେନା ମୁଖ୍ୟ ଏକନାଥ ସିନ୍ଦେଙ୍କୁ ଏକ କମେଡି ଶୋରେ ବିଶ୍ୱାସଘାତକ ବୋଲି କହି ମାନହାନି ମାମଲା ସାମ୍ନା କରୁଥିବା ହାସ୍ୟ ଅଭିନେତା କୁନାଲ କାମରାଙ୍କ ସହ ଜଡ଼ିତ ବିବାଦର ପୃଷ୍ଠଭୂମିରେ ଏହି ରାୟ ଗୁରୁତ୍ୱପୂର୍ଣ୍ଣ।

### କେନ୍ଦ୍ରୀୟ କର୍ମଚାରୀଙ୍କ ୨% ବଢିଲା ମହଙ୍ଗା ଭତ୍ତା

ନୂଆଦିଲ୍ଲୀ, ୨୮।୩

ଆର୍ଥିକ ବର୍ଷ ଆରମ୍ଭ ହେବା ପୂର୍ବରୁ ମୋଦି ସରକାର ସରକାରୀ କର୍ମଚାରୀଙ୍କୁ ଏକ ବଡ଼ ଉପହାର ଦେଇଛନ୍ତି । ଶୁକ୍ରବାର ଦିନ କେନ୍ଦ୍ର ସରକାର ମହଙ୍ଗା ଭତ୍ତା ୨ ପ୍ରତିଶତ ବୃଦ୍ଧି କରିବାକୁ ନିଷ୍ପତ୍ତି ନେଇଛନ୍ତି । ଏହି ବୃଦ୍ଧି ସହିତ ଏବେ ମହଙ୍ଗା ଭତ୍ତା ୫୩ ପ୍ରତିଶତରୁ ୫୫ ପ୍ରତିଶତକୁ ବୃଦ୍ଧି ପାଇଛି, ଯାହା ଦ୍ୱାରା ଲକ୍ଷ ଲକ୍ଷ କର୍ମଚାରୀଙ୍କ ଦରମା ବୃଦ୍ଧି ହେବ।

ଏପର୍ଯ୍ୟନ୍ତ ୧୮,୦୦୦ ଟଙ୍କା ମୂଳ ଦରମା ଥିବା କର୍ମଚାରୀଙ୍କୁ ୫୩% ଭତ୍ତା ମିଳୁଥିଲା, ଯାହା ୯,୫୪୦ ଟଙ୍କା ସହିତ ସମାନ। ଏବେ ୫୫ *(ପୃଷ୍ଠା ୭ରେ)*

### ଏକାଳ ପଖାଳ



ଅସ୍ତିତ୍ୱ ଗୋଟେ ଅଛି ରାଇଜରେ
ପକେଇ ଦେବାକୁ ମନେ
ରାସ୍ତାଘାଟ ଜାମ୍ ମାରପିଟ୍ କରି
ଭାବନ୍ତି ଦେବାକୁ ପାନେ
ହେଲେ ଯାଙ୍କ ନାହିଁ ଧ୍ୟାନେ
ଜନତା ପ୍ରସଙ୍ଗ ଦବେଇ ଦେଲେ
ବଳକା ହଜିବ ଦିନେ।

## ଆଜି ବର୍ଷର ପ୍ରଥମ ସୂର୍ଯ୍ୟୋପରାଗ



ଭୁବନେଶ୍ୱର, ୨୮।୩

ନ୍ୟୁଜ୍ ବ୍ୟୁରୋ

ଶନିବାର (୨୯ ତାରିଖ) ବର୍ଷର ପ୍ରଥମ ଆଂଶିକ ସୂର୍ଯ୍ୟୋପରାଗ ସଂଗଠିତ ହେବ। ଉତ୍ତର ଆମେରିକା, ଗ୍ରୀନଲ୍ୟାଣ୍ଡ, ଆଇସଲ୍ୟାଣ୍ଡ, ଉତ୍ତର ଆଟଲାଣ୍ଟିକ ମହାସାଗର, ୟୁରୋପ ଏବଂ ଉତ୍ତର-ପଶ୍ଚିମ ଋଷରେ ଏହା ଦୃଶ୍ୟମାନ ହେବ। ତେବେ ବର୍ଷର ପ୍ରଥମ ସୂର୍ଯ୍ୟୋପରାଗ ଭାରତ କିମ୍ବା ଓଡିଶାରେ ଦୃଶ୍ୟମାନ ହେବ ନାହିଁ । ଏହା ଭାରତୀୟ ସମୟ ଦିନ ୨ଟା ୨୦ରୁ ଆରମ୍ଭ ହୋଇ ୪ଟା ୧୭ ମିନିଟରେ ସର୍ବାଧିକ ପରାଗ ୯୦% ହେବ। ସେହିପରି ଅପରାହ୍ନ ୪ ଟା ୧୪ ମିନିଟରେ ପରାଗ ଶେଷ ହେବ ବୋଲି ଜ୍ୟୋତିର୍ବିଜ୍ଞାନୀ ଡ. ଶୁଭେନ୍ଦୁ ପଟ୍ଟନାୟକ ସୂଚନା ଦେଇଛନ୍ତି।

ପରାଗ ସମୟରେ ପୃଥିବୀ, ଚନ୍ଦ୍ର ଓ ସୂର୍ଯ୍ୟର ଅବସ୍ଥିତି ଅନୁସାରେ ଆଂଶିକ, ପୂର୍ଣ୍ଣ ଏବଂ ବଳୟ ସୂର୍ଯ୍ୟୋପରାଗ ଘଟିଥାଏ। ପ୍ରତ୍ୟେକ ପୂର୍ଣ୍ଣ ସୂର୍ଯ୍ୟୋପରାଗ ପୂର୍ବରୁ ଓ ପରେ ଆଂଶିକ ପରାଗ ଦେଖାଯାଏ। ବେଳେବେଳେ ପୂର୍ଣ୍ଣ ଓ ବଳୟ ପରାଗ ମିଶି ଦେଖାଯାଏ।

ସୂର୍ଯ୍ୟ ଚାରିପଟେ ପୃଥିବୀ ଓ ପୃଥିବୀ ଚାରିପଟେ ଚନ୍ଦ୍ର ଏକ ନିର୍ଦ୍ଦିଷ୍ଟ କକ୍ଷ ପଥରେ ବୁଲୁଛନ୍ତି । ବେଳେବେଳେ ଏକ ସରଳ ରେଖାରେ ରହିଲେ ହିଁ ସୂର୍ଯ୍ୟୋପରାଗ ଓ ଚନ୍ଦ୍ରଗ୍ରହଣ *(ପୃଷ୍ଠା ୭ରେ)*

## ସାରା ରାଜ୍ୟରେ ପ୍ରବଳ ଖରା ସହ ଗୁଳୁଗୁଳି ଅନୁଭୂତ : ୪୦ ଟପିଲା ଭୁବନେଶ୍ୱର



ଭୁବନେଶ୍ୱର, ୨୮।୩

ନ୍ୟୁଜ୍ ବ୍ୟୁରୋ

ଶୁକ୍ରବାରଠାରୁ ରାଜ୍ୟରେ ପୁଣି ବଢିଛି ତାପମାତ୍ରା। ସ୍ୱାଭାବିକଠାରୁ ୩ ରୁ ୫ ଡିଗ୍ରୀ ପର୍ଯ୍ୟନ୍ତ ପାରଦ ବଢିଥିବା ନେଇ ପୂର୍ବାନୁମାନ କରିଛି ପାଣିପାଗ ବିଭାଗ। ଦିନରେ ପ୍ରବଳ ଖରା ସହ ଗୁଳୁଗୁଳି ଅନୁଭୁତ ହୋଇଛି। ଝାରସୁଗୁଡ଼ାରେ ସାଢ଼େ ୨ଟାରେ ୪୨ ଡିଗ୍ରୀ ତାପମାତ୍ରା ରେକର୍ଡ କରାଯାଇଛି । ଶୁକ୍ରବାର ୪୨.୨ ଡିଗ୍ରୀ ସହ ଝାରସୁଗୁଡ଼ା ରାଜ୍ୟର ସବୁଠୁ ଉତ୍ତପ୍ତ ସହର ପାଲଟିଛି । ସମ୍ବଲପୁର ୪୧.୬, ରାଉରକେଲା ୪୦.୨, ହୀରାକୁଦ ୪୦ଡିଗ୍ରୀ, ଭୁବନେଶ୍ୱର ୪୦.୨ ଓ ଚାନ୍ଦବାଲିର ତାପମାତ୍ରା *(ପୃଷ୍ଠା ୭ରେ)*





## ଚାଷୀ ଉତ୍ପାଦନ ଗୋଷ୍ଠୀର ସମସ୍ୟା ସଂପର୍କରେ ଆଲୋଚନା

**କେନ୍ଦ୍ରାପଡ଼ା, ନ୍ୟୁଜ୍ ବ୍ୟୁରୋ**

କେନ୍ଦ୍ରାପଡା କୃଷି ବିଜ୍ଞାନ କେନ୍ଦ୍ରରେ ଚାଷୀ ଉତ୍ପାଦନ ଗୋଷ୍ଠୀଙ୍କ ସହିତ ସମସ୍ୟାର ସମାଧାନ ପାଇଁ ସମସ୍ତ ବିଭାଗୀୟ ଅଧିକାରୀଙ୍କ ସହିତ ଆଲୋଚନା କରାଯାଇଛି । କୃଷି ବିଜ୍ଞାନ କେନ୍ଦ୍ରର ମୁଖ୍ୟ ବୈଜ୍ଞାନିକ ଡ଼ଃ ଅରବିନ୍ଦ ଦାସଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ଆଲୋଚନା ଚକ୍ରରେ ଭୁବନେଶ୍ୱରର ଓୟୁଏଟି କ୍ଷେତ୍ର ବିଜ୍ଞାନର ପ୍ରଫେସର ଡ଼ଃ ମନୋରଞ୍ଜନ ଶତପଥୀ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିବା ବେଳେ ଜିଲ୍ଲା କୃଷି ବିଭାଗର ମୁଖ୍ୟ ଅଧିକାରୀ କଲ୍ୟାଣ କୁମାର ରାୟ ଅନ୍ୟତମ ଅତିଥି ଭାବେ ଯୋଗଦେଇ ଜିଲ୍ଲାର ବିଭିନ୍ନ ବ୍ଲକରୁ ଆସିଥିବା ଚାଷୀ ଉତ୍ପାଦନ ଗୋଷ୍ଠୀ ମାନଙ୍କ ସହ ଆଲୋଚନା କରିଥିଲେ । କାର୍ଯ୍ୟକ୍ରମରେ ଉପସ୍ଥିତ ଥିବା ଚାଷୀମାନେ ସେମାନଙ୍କ ବିଭିନ୍ନ ସମାସ୍ୟାକୁ ପଚାରି ବୁଝିବା ସହ ସମାଧାନ କରିଥିଲେ ।



## ଭୁବନେଶ୍ୱର ସବୁଠୁ ସଫା ସହର:ଇନ୍ଦୋର ମେୟର

**ଭୁବନେଶ୍ୱର, ନ୍ୟୁଜ୍ ବ୍ୟୁରୋ**

ସ୍ୱଚ୍ଛତା କ୍ଷେତ୍ରରେ ମାଇଲଖୁଣ୍ଟ ସ୍ଥାପନ କରିଥିବା ଇନ୍ଦୋର ମେୟର ପୁଷ୍ୟମିତ୍ର ଭାର୍ଗବ ବିଏମସି ପରିଦର୍ଶନ କରି ଭୁବନେଶ୍ୱର ସବୁଠୁ ସଫା ସହର ବୋଲି କହିଛନ୍ତି । ବିଏମସିରେ ପହଞ୍ଚିବା ପରେ ମେୟର ସୁଲୋଚନା ଦାସ, ଡେପୁଟି ମେୟର ମଞ୍ଜୁଲତା କହଁର ଓ କମିସନର ରାଜେଶ ପ୍ରଭାକର ପାଟିଲ ସ୍ୱାଗତ କରିଥିଲେ । ସହରରେ ସ୍ୱଚ୍ଛତା କିପରି ନାଗରିକ ସହଯୋଗ ପଦ୍ଧତିରେ ପରିଣତ ହୋଇଛି ତାହା ମେୟର ବର୍ଣ୍ଣନା କରିଥିଲେ । ଇନ୍ଦୋର ମେୟର ପରିମଳକୁ ଶୀର୍ଷରେ ରଖିବା ପାଇଁ ତିନିଟି ପଦକ୍ଷେପ ନେଉଥିବା କହିଥିଲେ । ସହରବାସୀଙ୍କ ସକ୍ରିୟ ଅଂଶଗ୍ରହଣ, ସଫେଇ ମିତ୍ରଙ୍କ ଦ୍ୱାରା ଉତ୍ସର୍ଗୀକୃତ ସେବା ଓ ଉଲ୍ଲଂଘନକାରୀଙ୍କ ପ୍ରତି ଶୂନ୍ୟ ସହନଶୀଳତା । ଅତିରିକ୍ତ କମିସନର ଶୁଭେନ୍ଦୁ କୁମାର ସାହୁ ସଂଯୋଜନା କରିଥିବାବେଳେ ସହକାରୀ କମିସନର ଏନ. ଗଣେଶ ବାବୁ ଧନ୍ୟବାଦ ଦେଇଥିଲେ ।

## ସଂସଦରେ ଉଠିଲା କେନ୍ଦୁଝର ଜିଲ୍ଲାରେ ପର୍ଯ୍ୟଟନର ଆବଶ୍ୟକତା ପ୍ରସଙ୍ଗ

**କେନ୍ଦୁଝର, ନ୍ୟୁଜ୍ ବ୍ୟୁରୋ**

କେନ୍ଦୁଝର ସାଂସଦ ଅନନ୍ତ ନାୟକ ବୁଧବାର ଦିନ ଲୋକସଭାରେ ଶୂନ୍ୟକାଳରେ କେନ୍ଦୁଝର ଜିଲ୍ଲାରେ ପର୍ଯ୍ୟଟନର ଆବଶ୍ୟକତା ପ୍ରସଙ୍ଗକୁ ଜୋରଦାର ଭାବେ ଉଠାଇଛନ୍ତି । ସେ କହିଛନ୍ତି ଯେ କେନ୍ଦୁଝର ଜିଲ୍ଲାରେ ଥିବା ଅପାର ପ୍ରାକୃତିକ, ସାଂସ୍କୃତିକ ଧାର୍ମିକ ଐତିହ୍ୟ ସମ୍ପନ୍ନ ସ୍ଥଳ ଥିବା ସତ୍ୱେ ଏଠାରେ ପର୍ଯ୍ୟଟନ କ୍ଷେତ୍ରର ବିକାଶ ହୋଇପାରିନାହିଁ । ଯଦି ଏହି ପର୍ଯ୍ୟଟନସ୍ଥଳ ଗୁଡିକ ପାଇଁ ଆବଶ୍ୟକୀୟ ଭିତିଭୂମି ତିଆରି କରାଯିବ ଓ ଉଚିତ୍ ପ୍ରଚାର ପ୍ରସାର କରାଯିବ ତେବେ ଏହା କେବଳ କେନ୍ଦୁଝରର ନୁହେଁ ବରଂ ଓଡ଼ିଶାର ଅର୍ଥନୀତିକୁ ଶକ୍ତିଶାଳି କରିପାରିବ ବୋଲି କହିଛନ୍ତି । ପ୍ରାକୃତିକ ସୌନ୍ଦର୍ଯ୍ୟ ସହିତ ସାଂସ୍କୃତିକ ଓ ଧାର୍ମିକ ସ୍ଥଳ ପାଇଁ କେନ୍ଦୁଝର ଜିଲ୍ଲା ପ୍ରସିଦ୍ଧ । କେନ୍ଦୁଝର ଜିଲ୍ଲାର ପାଖାପାଖି ୧୫୦ କିମି ଦୂରତା ମଧ୍ୟରେ ୨୨ଟି ପ୍ରାକୃତିକ ସ୍ଥଳ ରହିଛି ଯେଉଁଠାରେ ପର୍ଯ୍ୟଟନର ବିକାଶ କରାଯାଇପାରିବ । ଶ୍ରୀ ନାୟକ କହିଛନ୍ତି ଯେ ଏହି ଧାର୍ମିକସ୍ଥଳ ମଧ୍ୟରେ ସର୍ବାଗ୍ରେ ରହିଛି ଘଟଗାଁ ସ୍ଥିତ ମା' ତାରିଣୀ ମନ୍ଦିର । ଏହି ମନ୍ଦିରକୁ ମହାପ୍ରଭୁ ଶ୍ରୀଜଗନ୍ନାଥ ମନ୍ଦିର ପରେ ସର୍ବାଧିକ ଭକ୍ତ ଦର୍ଶନ କରିବାକୁ ଆସିଥାନ୍ତି । କେନ୍ଦୁଝରରେ ଥିବା ଐତିହାସିକ ସ୍ଥଳ ମଧ୍ୟରେ ସିତାବିଂଜ ମଧ୍ୟ ରହିଛି ଯାହାର ରାମାୟଣ ସହ ସମ୍ପର୍କ ରହିଛି । ସେହିପରି ଭୀମକୁଣ୍ଡକୁ ମଧ୍ୟ ବିକଶିତ କରାଯିବାର ଆବଶ୍ୟକତା ରହିଛି । ଭୀମକୁଣ୍ଡ ମହାଭାରତ ସହ ସମ୍ବନ୍ଧିତ । ସେହିପରି ଅତ୍ୟନ୍ତ ପ୍ରାଚୀନ ମନ୍ଦିର କୁଶଳେଶ୍ୱର ମହାଦେବ ମନ୍ଦିର ପାଇଁ ପର୍ଯ୍ୟଟନ ଦୃଷ୍ଟିରୁ ବିକଶିତ କରାଯିବାର ଆବଶ୍ୟକତା ରହିଛି ବୋଲି ସେ କହିଛନ୍ତି । ଅନୁରୂପ ଭାବେ ବାରାଟିପରା ମହାଦେବ ଓ ମୁର୍ଗା ମହାଦେବ ମନ୍ଦିର ଓ ଚକ୍ରତୀର୍ଥ ମଧ୍ୟ ପର୍ଯ୍ୟଟନ ଦୃଷ୍ଟିରୁ ବିକାଶ କରାଯାଉ ବୋଲି ସେ ଦାବି କରିଛନ୍ତି । ଶ୍ରୀ ନାୟକ କହିଛନ୍ତି ଯେ ଗଙ୍ଗା ନଦୀ ପରି ବୈତରଣୀ ନଦୀକୁ ମଧ୍ୟ ଅତ୍ୟନ୍ତ ପବିତ୍ର ମନେ କରାଯାଇଥାଏ । ପବିତ୍ର ବୈତରଣୀ ନଦୀର ଉତ୍ପତି ସ୍ଥଳ ଗୋନାସିକାର ମଧ୍ୟ ପର୍ଯ୍ୟଟନ ଦୃଷ୍ଟିରୁ ବିକାଶ କରାଯିବା ଆବଶ୍ୟକ । ସେହିପରି କେନ୍ଦୁଝର ଜିଲ୍ଲାରେ ଅନେକ ଜଳ ପ୍ରପାତ ରହିଛି ଯାହା ପର୍ଯଟକ ମାନଙ୍କୁ ଆକର୍ଷିତ କରିଥାଏ । ଏଗୁଡିକ ମଧ୍ୟରେ ସାନଘାଗରା, ଗୁଣ୍ଡିଚାଘାଗି, ହାଣ୍ଡିଭଙ୍ଗା, ବଡ ଘାଗରା, ଖଣ୍ଡାଧାର, କରାଯିବାର ଆବଶ୍ୟକତା ରହିଛି ବୋଲି ସେ କହିଛନ୍ତି । ଶ୍ରୀ ନାୟକ କହିଛନ୍ତି ଯେ କେନ୍ଦୁଝର ଜିଲ୍ଲାରେ ଅନେକ ବଣଭୋଜୀ ପାଇଁ ଉତ୍କୃଷ୍ଟ ସ୍ଥାନ ରହିଛି । ଏଗୁଡିକ ମଧ୍ୟରେ କେଶରୀ କୁଣ୍ଡ, ତେନ୍ତେଇନାଳି, ଗିରିଡିହ ବନ୍ଧ, କାଇଁଝର, କାଇଜୋଡା, ଦରଗଡସିଳା, ଡାବରଚୁଆ, ସଂଗତହଡାକୁ ବିକଶିତ କରାଯିବାର ଆବଶ୍ୟକତା ରହିଛି ବୋଲି ଶ୍ରୀ ନାୟକ କହିଛନ୍ତି । ସାଂସଦ ଶ୍ରୀ ନାୟକ କହିଛନ୍ତି ଯେ କେନ୍ଦୁଝର ଜିଲ୍ଲାରେ ପର୍ଯଟନ ଦୃଷ୍ଟିରୁ ଅସୀମ ସମ୍ଭାବନା ଥିବା ସତ୍ୱେ ଆବଶ୍ୟକୀୟ ଭିତିଭୂମି ନଥିବା କାରଣରୁ ଓ ଉପଯୁକ୍ତ ପ୍ରଚାର ପ୍ରସାର ନହେବା କାରଣରୁ ଏହାର ଲାଭ ସ୍ଥାନୀୟ ଲୋକଙ୍କୁ ମିଳିପାରୁନାହିଁ । ତେଣୁ ଏହି ଧାର୍ମିକ- ସାଂସ୍କୃତିକ ଓ ପ୍ରାକୃତିକ ପର୍ଯ୍ୟଟନ ସ୍ଥଳ ଗୁଡିକ ପାଇଁ ଆବଶ୍ୟକୀୟ ଭିତିଭୂମି ପାଇଁ ସେ ଦାବି କରିଛନ୍ତି । ସଡକ ପରିବହନ ସହିତ ଯାତ୍ରୀ ମାନଙ୍କର ରହିବା ପାଇଁ ହୋଟେଲ- ଲଜର ବ୍ୟବସ୍ଥା, ଇଂଟରନେଟ୍ କନେକ୍ଟିଭିଟି ଭଳି ଭିତିଭୂମି ବିକାଶ କରିବା ସହ ଏହି ପର୍ଯଟନ ସ୍ଥଳ ଗୁଡିକର ବ୍ୟାପକ ପ୍ରଚାର ପ୍ରସାର କରିବାକୁ ସେ ଦାବି କରିଛନ୍ତି । ଏହି ଅଞ୍ଚଳରେ ଧାର୍ମିକ, ସାଂସ୍କୃତିକ ଓ ପରିବେଶ ଆଧାରିତ ପର୍ଯଟନକୁ ପ୍ରୋତ୍ସାହନ ଦିଆଗଲେ ସ୍ଥାନୀୟ ଯୁବକମାନଙ୍କୁ ରୋଜଗାର ମିଳିପାରିବ ବୋଲି ସେ କହିଛନ୍ତି । ଏହାସହିତ ପରିବେଶର ସୁରକ୍ଷା ସହିତ ଆଡଭେଞ୍ଚର ଟୁରିଜିମ୍‌ର ମଧ୍ୟ ବିକାଶ ହେବ । ଶ୍ରୀ ନାୟକ କହିଛନ୍ତି ଯେ କେନ୍ଦୁଝର ଜିଲ୍ଲାକୁ ପ୍ରମୁଖ ପର୍ଯଟନ ଗନ୍ତବ୍ୟ ସ୍ଥଳ ଭାବେ ବିକଶିତ କରାଗଲେ ଏହା ଦ୍ୱାରା କେବଳ ଯେ କେନ୍ଦୁଝର ନୁହେଁ ବରଂ ସାରା ଓଡ଼ିଶାର ଅର୍ଥନୀତିକୁ ଶକ୍ତିଶାଳୀ କରିବ ତେଣୁ ସେ ଏ ଦିଗରେ ବିଶେଷ ଯୋଜନା ଓ ବଜେଟ୍ ଆବଣ୍ଟନ ପାଇଁ ମଧ୍ୟ ଦାବି କରିଛନ୍ତି ।



## ରାଜ୍ୟ ସରକାରଙ୍କ ଶ୍ୱେତପତ୍ର ରାଜ୍ୟର ବିପର୍ଯ୍ୟସ୍ତ ଆଇନ୍ ଶୃଙ୍ଖଳାକୁ ଦର୍ଶାଉଛି:ବିଜେଡ଼ି

**ଭୁବନେଶ୍ୱର, ନ୍ୟୁଜ୍ ବ୍ୟୁରୋ**

ରାଜ୍ୟ ବିଜେପି ସରକାରଙ୍କ ଦ୍ୱାରା ପ୍ରଦାନ କରାଯାଇଥିବା ଶ୍ୱେତପତ୍ର ଉପରେ ବିଜୁ ଜନତା ଦଳର ବରିଷ୍ଠ ନେତା ତଥା ଆଠଗଡ଼ ବିଧାୟକ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ପ୍ରତିକ୍ରିୟା ଦେଇ ରାଜ୍ୟ ସରକାରଙ୍କ ମୁଖା ଖୋଲିଛନ୍ତି । ଶ୍ୱେତପତ୍ରରେ ପ୍ରଦାନ କରାଯାଇଥିବା ତଥ୍ୟକୁ ଉଦ୍ଧାର କରି କିପରି ରାଜ୍ୟ ସରକାର ବିଭିନ୍ନ ବିଭାଗରେ ପ୍ରାବଧାନ ଅର୍ଥକୁ ଖର୍ଚ୍ଚ କରିବାରେ ବିଫଳ ଓ ରାଜ୍ୟର ଆଇନ୍ ଶୃଙ୍ଖଳା କିପରି ବିପର୍ଯ୍ୟସ୍ତ ହୋଇପଡିଛି ବୋଲି ଶ୍ରୀ ସ୍ୱାଇଁ ଉଲ୍ଲେଖ କରିଥିଲେ । ଶ୍ରୀ ସ୍ୱାଇଁ କହିଥିଲେ, ଗୃହ ବିଭାଗ ପାଇଁ ପ୍ରାବଧାନ କରାଯାଇଥିବା ଅର୍ଥରୁ ମାତ୍ର ୬୭. ୫୦ ପ୍ରତିଶତ ଅର୍ଥ ଖର୍ଚ୍ଚ ହୋଇଛି ବୋଲି ଶ୍ୱେତପତ୍ରରେ ଉଲ୍ଲେଖ ରହିଛି । ଅର୍ଥାତ ୨, ୧୫୪ କୋଟି ଟଙ୍କା ମଧ୍ୟରୁ ମାତ୍ର ୧,୪୫୩ କୋଟି ଟଙ୍କା ଖର୍ଚ୍ଚ ହୋଇପାରିଛି । ତେଣୁ, ରାଜ୍ୟର ବିପର୍ଯ୍ୟସ୍ତ ଆଇନ୍ ଶୃଙ୍ଖଳାରେ ଏହା ପ୍ରତିଫଳିତ ହୋଇଛି । ଶ୍ରୀ ସ୍ୱାଇଁ କହିଥିଲେ, ରାଜ୍ୟରେ ଆଇନ୍ ଶୃଙ୍ଖଳା ପରିସ୍ଥିତି କିପରି ଅଛି ବୋଲି ଜାଣିବା ପାଇଁ ବିଶେଷ ଅନୁସନ୍ଧାନର ଆବଶ୍ୟକତା ନାହିଁ । ଗାଁ ପରିମଳ ଧୋବା ତୁଠରୁ ବିଧାନସଭା ଓ ଏହାର ପରିସରରେ ଆଇନ୍ ଶୃଙ୍ଖଳା ସ୍ଥିତି କିପରି ରହିଛି, ତାହା ରାଜ୍ୟବାସୀ ଗତ କିଛି ଦିନ ହେଲା ଦେଖି ଆସୁଛନ୍ତି । ଏହି କିଛି ଦିନ ତଳେ ରାଜ୍ୟରେ ହୋଲି ପାଳନ ସମୟରେ କଟକ ଭୁବନେଶ୍ୱର ସହରରେ ପୋଲିସ ଫ୍ଲାଗମାର୍ଚ୍ଚର ଆବଶ୍ୟକତା ପଡିଥିଲା । ରାଜ୍ୟରେ ସେହିଦିନ ଦୁର୍ଜନେ ମୁଣ୍ଡ ଗଡିଥିଲା । ରାଜ୍ୟରେ ବିଜେପି କ୍ଷମତାକୁ ଆସିବା ପରେ ସାମ୍ପ୍ରଦାୟିକ ହିଂସା ଦେଖିବାକୁ ମିଳୁଛି । ଜୁନ୍ ମାସରେ ବାଲେଶ୍ୱରରେ, ଅଗଷ୍ଟ ମାସରେ ଖୋର୍ଦ୍ଧା ଜିଲ୍ଲାର ମୁକୁନ୍ଦପ୍ରସାଦ ଠାରେ ଓ ସେପ୍ଟେମ୍ବର ମାସରେ ଭଦ୍ରକ ଓ ଧାମନଗରରେ ସାମ୍ପ୍ରଦାୟିକ ହିଂସା ଦୃଶ୍ୟମାନ ହୋଇଥିଲା । ରାଜ୍ୟରେ ଏପରି ଘଟଣା ବିରଳ ଥିଲା । ବିଜେପି କ୍ଷମତାସୀନ ହେବା ପରେ ଏହାର ପ୍ରତିଫଳନ ଦେଖିବାକୁ ମିଳୁଛି । ଶ୍ରୀ ସ୍ୱାଇଁ କହିଥିଲେ, ରାଜ୍ୟରେ ମହିଳାଙ୍କ ବିରୁଦ୍ଧରେ ହିଂସାକୁ ନେଇ ରାଜ୍ୟ ଉଠୁଛି ପଡୁଛି । ରାଜ୍ୟ ସରକାରଙ୍କ ଗୃହ ବିଭାଗର ତଥ୍ୟ ଅନୁଯାୟୀ ୨୦୨୪ ମସିହାରେ ୩୦୫୪ଟି ଦୁଷ୍କର୍ମ ହୋଇଛି ଯାହା ପୂର୍ବ ବର୍ଷ ତୁଳନାରେ ଢେର୍ ଅଧିକ । ୨୦୨୩ ମସିହାରେ ୨୮୨୬ ଗୋଟି ଦୁଷ୍କର୍ମ ହୋଇଥିଲା । ସେହିପରି, ରାଜ୍ୟ ସରକାରଙ୍କ ଶ୍ୱେତପତ୍ରର ତଥ୍ୟ ଅନୁଯାୟୀ ରାଜ୍ୟରେ ମହିଳାଙ୍କ ବିରୁଦ୍ଧରେ ଅପରାଧ ବୃଦ୍ଧି ପାଇ ଚାଲୁଥିବା ବେଳେ ମାତ୍ର ଚାରିରୁ ପାଞ୍ଚ ପ୍ରତିଶତ କେସ୍‌ରେ ସେମାନଙ୍କୁ ନ୍ୟାୟ ପ୍ରଦାନ କରାଯାଉଛି । ତେଣୁ, ମହିଳାଙ୍କୁ ନ୍ୟାୟ ପ୍ରଦାନ କ୍ଷେତ୍ରରେ ରାଜ୍ୟ ସରକାରଙ୍କ ପ୍ରତିବଦ୍ଧତା ନାହିଁ । ରାଜ୍ୟରେ ପ୍ରଶାସନ ଓ ସରକାରଙ୍କ ଭିତରେ ସାମସ୍ୟା ନାହିଁ । ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗର ପ୍ରଦର୍ଶନ ଅତ୍ୟନ୍ତ ନୈରାଶ୍ୟଜନକ । ଏହି ବିଭାଗରେ ଚଳିତ ବର୍ଷ ପାଇଁ ପ୍ରାବଧାନ କରାଯାଇଥିବା ଅର୍ଥରୁ ମାତ୍ର ୨୩. ୦୭ ପ୍ରତିଶତ ୨୫ ମାର୍ଚ୍ଚ ୨୦୨୫ ସୁଦ୍ଧା ଖର୍ଚ୍ଚ କରାଯାଇପାରିଛି ।

## ଏସ୍‌ସିବିରେ ଚିକିତ୍ସା ଅବହେଳା ନେଇ ଉତ୍ତେଜନା

**କଟକ, ନ୍ୟୁଜ୍ ବ୍ୟୁରୋ**

କଟକ ବଡ଼ ଡାକ୍ତରଖାନାରେ ଚିକିତ୍ସାରେ ଅବହେଳା କରାଯାଉଥିବା ନେଇ ଅଭିଯୋଗ ହୋଇଛି । ଏହାକୁ କେନ୍ଦ୍ରକରି ଗୁରୁବାର ସ୍ତ୍ରୀ ଓ ପ୍ରସୂତି ରୋଗ ବିଭାଗରେ ଉତ୍ତେଜନାମୂଳକ ପରିସ୍ଥିତି ସୃଷ୍ଟି ହୋଇଥିଲା । ରୋଗୀ ସମ୍ପର୍କୀୟ ଓ ଡାକ୍ତର ହାତାହାତି ହୋଇଛନ୍ତି । ଏ ନେଇ ମଙ୍ଗଳାବାଗ ଥାନାରେ ଉଭୟ ପକ୍ଷରୁ ଏତଲା ଦିଆଯାଇଛି । ପୋଲିସ ଉଭୟ ପକ୍ଷଙ୍କ ଅଭିଯୋଗକୁ ଆଧାର କରି ମାମଲାର ତଦନ୍ତ ଜାରି ରଖିଥିବା କହିଛି । ସୂଚନା ମୁତାବକ, କଟକର ରଞ୍ଜିତ ମହାପାତ୍ର ତାଙ୍କ ପତ୍ନୀ ଜୟଶ୍ରୀ ନାୟକଙ୍କୁ ଚିକିତ୍ସା ନିମନ୍ତେ ଗତ ୨୪ରେ ସ୍ତ୍ରୀ ଓ ପ୍ରସୂତି ରୋଗ ବିଭାଗରେ ଭର୍ତ୍ତି କରିଥିଲେ । ୩ ଦିନ ବିତିଥିଲେ ମଧ୍ୟ ଠିକ୍‌ରେ ଚିକିତ୍ସା ମିଳୁନଥିବା ଅଭିଯୋଗ ଆଣି ପରିବାର ଲୋକେ ଅନ୍ୟ ଘରୋଇ ହସ୍ପିଟାଲ୍‌କୁ ନେବାକୁ ସ୍ଥିର କରିଥିଲେ । ରୋଗୀ ସମ୍ପର୍କୀୟ ଲାମା (ଡାକ୍ତରୀ କ୍ଲିୟରାନ୍ସ) ଆଣିବା ନିମନ୍ତେ କୁଳସଚିବଙ୍କ ନିକଟକୁ ଯାଇଥିବା ବେଳେ କେତେକ ଡାକ୍ତର ତଥା ଡାକ୍ତରୀ ଛାତ୍ରଙ୍କ ସହ ବଚସା ହୋଇଥିଲା । ରୋଗୀ ସମ୍ପର୍କୀୟ ଏହାକୁ ମୋବାଇଲ୍‌ରେ ରେକର୍ଡ କରୁଥିବା ବେଳେ କେତେକ ଡାକ୍ତର ବିରୋଧ କରି ମୋବାଇଲ୍ ଛଡାଇ ନେଇଥିଲେ । ଏହାକୁ ନେଇ ଯୁକ୍ତିତର୍କ ହେବା ସହ ସ୍ଥିତି ଅଣାୟତ୍ତ ହୋଇଥଲା । ଏପରିକି ଉଭୟ ପକ୍ଷ ମଧ୍ୟରେ ଧସ୍ତାଧସ୍ତି ହୋଇଥିଲା । ସେଠାରେ ଉପସ୍ଥିତ ବ୍ୟକ୍ତି ବୁଝାସୁଝା କରିବା ପରେ ପରିସ୍ଥିତି ନିୟନ୍ତ୍ରଣ ହୋଇଥିଲା । ମାତ୍ର ଏହାର କିଛି ସମୟ ପରେ କେତେକ ଡାକ୍ତରୀ ଛାତ୍ର ତାଙ୍କୁ ମାଡ ମାରିଥିବା ନେଇ ରୋଗୀ ସମ୍ପର୍କୀୟ ଅଭିଯୋଗ ଆଣିଛନ୍ତି । ଘଟଣା ସ୍ଥଳରେ ଅତିରିକ୍ତ ଡିସିପି ଅମରେନ୍ଦ୍ର ପଣ୍ଡା ଓ ଫାଣ୍ଡି ଅଧିକାରୀ ମଣେଶ୍ୱର ପ୍ରଧାନ ପହଞ୍ଚି ସ୍ଥିତି ନିୟନ୍ତ୍ରଣ କରିବା ସହ ଉକ୍ତ ବିଭାଗର ସିସିଟିଭି ଫୁଟେଜ୍ ଯାଞ୍ଚ କରିଥିଲେ । ଏ ନେଇ ଉଭୟ ପକ୍ଷରୁ ଅଭିଯୋଗ ହୋଇଥିବା ବେଳେ ତଦନ୍ତ ଜାରି ରହିଥିବା ପୋଲିସ କହିଛି । ଅପରପକ୍ଷେ ଘଟଣାର ଯାଞ୍ଚ କରାଯାଉଛି । ହେଲେ ଡାକ୍ତରଙ୍କୁ ରୋଗୀ ସମ୍ପର୍କୀୟ ଦୁର୍ବ୍ୟବହାର କରିଥିବା ଶୁଣିବାକୁ ମିଳିଛି । ଏହା ଉପରେ ଅନୁଧ୍ୟାନ କରାଯାଉଥିବା ଅଧ୍ୟକ୍ଷା ପ୍ରଫେସର ଡା. ଲୁସି ଦାସ କହିଛନ୍ତି ।

## ବିଶିଷ୍ଟ ଲେଖିକା ପ୍ରଫୁଲ୍ଲ କୁମାରୀ ରାୟଙ୍କ ପରଲୋକ

**ଭୁବନେଶ୍ୱର, ନ୍ୟୁଜ୍ ବ୍ୟୁରୋ**

ଲେଖିକା ପ୍ରଫୁଲ୍ଲ କୁମାରୀ ରାୟଙ୍କ ପରଲୋକ ଘଟିଛି । ସେ କିଛିଦିନ ଧରି ଅସୁସ୍ଥ ଥିଲେ । ତାଙ୍କ ରଚିତ ଗଳ୍ପ, କବିତା, ଉପନ୍ୟାସ, ବେତାର ନାଟକ, ଛାନ୍ଦ, ଚମ୍ପୂ, ଜଣାଣ, ଓଡ଼ିଶୀ, ଗୀତିକବିତା ଆଦି ବେଶ୍ ଲୋକପ୍ରିୟତା ଲାଭ କରିଥିଲା । ଅଦ୍ୟାବଧି ତାଙ୍କର ୩୫ରୁ ଅଧିକ ପୁସ୍ତକ ପ୍ରକାଶ ପାଇସାରିଛି । ୩୦ରୁ ଉର୍ଦ୍ଧ୍ୱ ପାଣ୍ଡୁଲିପି ଅପ୍ରକାଶିତ ହୋଇରହିଛି । ସ୍ୱର୍ଗତା ରାୟଙ୍କ ସ୍ମରଣୀୟ ପୁସ୍ତକଗୁଡ଼ିକ ମଧ୍ୟରେ ବିଦଗ୍ଧ ନାୟିକା, ଗୋଚାରଣ, କୃଷ୍ଣଚୂଡ଼ାର ଅନେକ ରଙ୍ଗ, ଅପରାହ୍ନର ସ୍ୱପ୍ନ, ସାହାରା ଓ ଅନ୍ୟାନ୍ୟ ଗଳ୍ପ, ଏଇତ ଜୀବନ, ପୁରାଣରେ ମୁନି ଋଷି ପ୍ରମୁଖ ରହିଛି । ଏକ ସମ୍ଭ୍ରାନ୍ତ ଜମିଦାର ପରିବାରରେ ଜନ୍ମିତ ସ୍ୱର୍ଗତା ରାୟଙ୍କ ଓଡ଼ିଆ ଭାଷା ପ୍ରୀତି ତାଙ୍କର ରଚିତ ପୁସ୍ତକଗୁଡ଼ିକରେ ଦେଖିବାକୁ ମିଳେ । ଅବସରପ୍ରାପ୍ତ ଜିଲ୍ଲା ଜଜ୍ ଗୋଲଖ ଚନ୍ଦ୍ର ରାୟ ଓ ପୁଅ ଇଂ ଶୁଭେନ୍ଦୁ ରାୟଙ୍କ ନିକଟରୁ ସେ ପ୍ରେରଣା ପାଇ ସାହିତ୍ୟମନସ୍କ ରହିଥିଲେ । ଅସୁସ୍ଥତା କାରଣରୁ ବୋହୂ ସୁଜାତା ରାୟଙ୍କ ବାରଣ ସତ୍ତ୍ୱେ ସେ ଶେଷ ସମୟ ପର୍ଯ୍ୟନ୍ତ ପଢ଼ାପଢ଼ି ଜାରି ରଖିଥିଲେ ।

## ଋଷିକୁଲ୍ୟା ସୁରକ୍ଷା ପଦଯାତ୍ରା ଉଦ୍‌ଯାପିତ

**ବ୍ରହ୍ମପୁର, ନ୍ୟୁଜ୍ ବ୍ୟୁରୋ**

ଗଞ୍ଜାମ ଜିଲ୍ଲାର ଜୀବନରେଖା ରୂପେ ପରିଚିତ ଋଷିକୁଲ୍ୟାର ଉପରମୁଣ୍ଡରେ ପ୍ରସ୍ତାବିତ ଡ୍ୟାମ୍‌ର ନିର୍ମାଣ ହେଲେ ୨୩ ଗୋଟି ଗ୍ରାମ ବିସ୍ଥାପିତ ହେବା ସଙ୍ଗେ ସଙ୍ଗେ ଉକ୍ତ ଗ୍ରାମମାନଙ୍କର ଶହ ଶହ ଅଧିବାସୀ, ବହୁ ଗୃହପାଳିତ ପଶୁ ମଧ୍ୟ କ୍ଷତିଗ୍ରସ୍ତ ହେବେ । ଗାଜଲବାଡ଼ିର ଘଞ୍ଚ ଜଙ୍ଗଲ ଭଳି ଅନେକ ଜଙ୍ଗଲ, ହଜାର ହଜାର ଏକର ଚାଷ ଜମି ସବୁଦିନ ପାଇଁ ପାଣିରେ ବୁଡ଼ି ନଷ୍ଟ ହୋଇଯିବ । ଟାଟା ଓ ଆଦାନୀ ଶିଳ୍ପକୁ ଦୈନିକ ୬ କୋଟି ଲିଟର ଜଳ ଯୋଗାଇବା ଦ୍ୱାରା ପିପଲପଙ୍କ ଠାରୁ ୧୨୦ କି.ମି. ବ୍ୟାପି ପୁରୁଣାବନ୍ଧ ନିକଟସ୍ଥ ଋଷିକୁଲ୍ୟା ନଦୀ ମୁହାଣ ପର୍ଯ୍ୟନ୍ତ ଉଭୟ ପାର୍ଶ୍ୱର ଶହ ଶହ ଗାଁର ହଜାର ହଜାର ଉଠାଜଳସେଚନ ପ୍ରକଳ୍ପ ଅକାମୀ ହୋଇଯିବା ଫଳରେ ଉଭୟ ଖରା ଓ ବର୍ଷା ଦିନ ମାନଙ୍କରେ କୃଷି ଉତ୍ପାଦନ ସମ୍ପୂର୍ଣ୍ଣ ବାଧାପ୍ରାପ୍ତ ହେବ । ଏହା ସହିତ ଗଞ୍ଜାମ ଜିଲ୍ଲାର ପ୍ରାୟ ୬ ଗୋଟି ବ୍ଲକ୍ ତଥା ପୁରୀ ଜିଲ୍ଲା କୃଷ୍ଣପ୍ରସାଦ ବ୍ଲକର ହଜାର ହଜାର ଲୋକ ପାନୀୟ ଜଳ ପାଇବାରୁ ବଞ୍ଚିତ ହେବେ । ପୁଣି ପୁରୁଣା ବନ୍ଧ ନିକଟସ୍ଥ ଶହ ଶହ ମତ୍ସ୍ୟଜୀବୀ ମଧ୍ୟ ଜୀବିକା ହରାଇବେ । ଏସବୁକୁ ଦୃଷ୍ଟିରେ ରଖି ଋଷିକୁଲ୍ୟା ସୁରକ୍ଷା କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ପିପଲପଙ୍କ ଠାରୁ ଏକ ଦଶଦିନିଆ ଶୋଭାଯାତ୍ରା ପୁରୁଣା ବନ୍ଧ ନିକଟରେ ଉଦ୍‌ଯାପିତ ହୋଇଛି । ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ପ୍ରକୃତି ବନ୍ଧୁ ବିଜୟ କୁମାର ବିଶ୍ୱାଳଙ୍କ ସଂଯୋଜନାରେ ଅନୁଷ୍ଠିତ ଉଦ୍‌ଯାପନୀ ସଭାରେ ବିଶିଷ୍ଟ ପରିବେଶବିତ୍ ପ୍ରଫୁଲ୍ଲ ସାମନ୍ତରାୟ, କୃଷକ ନେତା ଭାଲଚନ୍ଦ୍ର ଷଡ଼ଙ୍ଗୀ, ଶିକ୍ଷାବିତ୍ ବାନାମ୍ବର ପଲାଇ, ପୂର୍ବତନ ବିଧାୟକ ନାରାୟଣ ରେଡ୍ଡୀ, ପୂର୍ବତନ ବ୍ଲକ୍ ଅଧ୍ୟକ୍ଷ ସୁରଥ ପ୍ରଧାନ, ଶ୍ୟାମସୁନ୍ଦର ଖାଡଙ୍ଗା, ଲେଖିକା ଡଃ ବିଧୁପ୍ରଭା ରଥ, ଲୋହିୟା ଏକାଡେମୀ ଅଧ୍ୟକ୍ଷ ଦେବୀପ୍ରସାଦ ମହାପାତ୍ର, ଆଡଭୋକେଟ୍ ଦୁର୍ଯ୍ୟୋଧନ ରେଡ୍ଡୀ, ଭିଟାମାଟି ବଞ୍ଚାଅ ଆନ୍ଦୋଳନର ଆବାହକ ଅରୁଣ ଜେନା, NAPM ର ସଭାପତି ନରେନ୍ଦ୍ର ମହାନ୍ତି, ଦୟାନଦୀ ସୁରକ୍ଷା ଆନ୍ଦୋଳନର ନେତା ସଚ୍ଚିକାନ୍ତ ପ୍ରଧାନ, ସମାଜସେବୀ ଆଦିତ୍ୟ ରଥ, ପ୍ରଫେସର ଉଷାରାଣୀ ଆଚାର୍ଯ୍ୟ, କେ ନାନ୍ଦୁଖୁ ସେନାପତି, ସମାଜସେବୀ ସୁବାସ ରାଉତ, AIKMS ସମ୍ପାଦକ ପ୍ରତାପ ନାୟକ, ମତ୍ସ୍ୟଜୀବୀ ନେତା ମାଗତା ବେହେରା, ଚାଷୀ ନେତା କିଷନ୍ ପଟ୍ଟନାୟକ, ଯୁବନେତା ଲକ୍ଷ୍ମୀ ନୃସିଂହ ରଥ, ବିଜୟ ସ୍ୱାଇଁ, ସଞ୍ଜିବ ରେଡ୍ଡୀ ପ୍ରମୁଖଙ୍କ ସମେତ ବିଭିନ୍ନ ଅଞ୍ଚଳର ଶହ ଶହ କୃଷକ ନେତା, ପରିବେଶବିତ୍ ଓ ସମାଜସେବୀମାନେ ଯୋଗଦେଇଥିଲେ । ପଦଯାତ୍ରାବେଳେ ଗଞ୍ଜାମ ବ୍ଲକ୍ ଓ ଏନ୍.ଏ. ସି.ର ବିଭିନ୍ନ ସ୍ଥାନରେ ସମ୍ବର୍ଦ୍ଧନା ଦିଆଯାଇଥିଲା । କରଣ ସାହି ନିକଟରେ ଉପନଗରପାଳ ସୁରେନ୍ଦ୍ର ବାରିକି, ପୂର୍ବତନ ଉପନଗରପାଳ ନୀଳାଞ୍ଚଳ ବାରିକି, ବିନୋଦ ମହାପାତ୍ର, ସୁଧୀର ପାଢ଼ୀ, ସୁଦାମ ଜେନା, ଦୁର୍ଗାମାଧବ ପାଣିଗ୍ରାହୀ, ଲିଙ୍ଗରାଜ ପଟ୍ଟନାୟକ ଓ ପ୍ରଭାତ ସାହୁଙ୍କ ସମେତ ଶହ ଶହ ନଗରବାସୀ ସମ୍ବର୍ଦ୍ଧନାରେ ସହଯୋଗ କରିଥିଲେ ।

## ସର୍ତ୍ତଖିଲାପରୁ ୭୬ଟି +୨ କଲେଜ ନାମଲେଖାରୁ ବଞ୍ଚିତ ହେବେ

**ଧର୍ମଶାଳା, ନ୍ୟୁଜ୍ ବ୍ୟୁରୋ**

ରାଜ୍ୟରେ ଉଚ୍ଚ ମାଧ୍ୟମିକ ନିର୍ଦ୍ଦେଶାଳୟ ଅଧୀନରେ ଥିବା ମାଧ୍ୟମିକ ବିଦ୍ୟାଳୟ ମଧ୍ୟରୁ ୭୬ଟି ଉଚ୍ଚ ବିଦ୍ୟାଳୟର ସ୍ଥାୟୀସ୍ୱୀକୃତି ନଥିବାରୁ ସେମାନେ ଚଳିତ ଶିକ୍ଷାବର୍ଷରେ +୨ ଶିକ୍ଷା ପାଇଁ ଛାତ୍ରଛାତ୍ରୀଙ୍କ ନାମଲେଖାରୁ ବଞ୍ଚିତ ହେବେ । ରାଜ୍ୟ ସରକାରଙ୍କର ଉଚ୍ଚ ମାଧ୍ୟମିକ ନିର୍ଦ୍ଦେଶାଳୟ ପକ୍ଷରୁ ସଂପୃକ୍ତ ବିଦ୍ୟାଳୟକୁ ଚିଠି ନଂ ୪୦୧୬ ତାରିଖ ୨୫/୩/୨୫ରେ ଅବଗତ କରାଇଛନ୍ତି । ୧୫ ଦିନ ମଧ୍ୟରେ କାରଣ ଦର୍ଶାଇବାକୁ ସଂପୃକ୍ତ ବିଦ୍ୟାଳୟକୁ ଜଣାଇ ଦିଆଯାଇଛି । ସ୍ଥାୟୀ ସ୍ୱୀକୃତି ପାଇଁ ଥିବା ସର୍ତ୍ତ ପୂରଣ କରିବାରେ କଲେଜଗୁଡିକ ଅବହେଳା କରିଛନ୍ତି । ନିୟମ ଅନୁଯାୟୀ ୭ ବର୍ଷ ମଧ୍ୟରେ ସ୍ଥାୟୀ ସ୍ୱୀକୃତି ନେବା ପାଇଁ କଲେଜକୁ ସୁଯୋଗ ଦିଆଯାଇଥିଲା । ଏହି କଲେଜ ମଧ୍ୟରେ ବହୁ ସେଲ୍‌ଫ୍ ଫାଇନସିଂ କଲେଜ ରହିଛି । କଲେଜ ଗୁଡିକ ମଧ୍ୟରେ ଅନୁଗୁଳ ଜିଲ୍ଲାର ୨, ବାଲେଶ୍ୱର ୯, ଭଦ୍ରକ ୩, ବଲାଙ୍ଗୀର ୩, ବୌଦ୍ଧ ୪, କଟକ ୩, ଢେଙ୍କାନାଳ ୨, ଗଜପତି ୧, ଗଞ୍ଜାମ ୪, ଜଗତସିଂହପୁର ୧, ଯାଜପୁର ୨, ଝାରସୁଗୁଡ଼ା ୪, କଳାହାଣ୍ଡି ୪, କନ୍ଧମାଳ ୨, କେନ୍ଦ୍ରାପଡ଼ା ୧, କେନ୍ଦୁଝର ୧, ଖୋର୍ଦ୍ଧା ୫, କୋରାପୁଟ ୪, ମାଲକାନଗିରି ୨, ମୟୂରଭଞ୍ଜ ୪, ନବରଙ୍ଗପୁର ୩, ନୟାଗଡ଼ ୨, ପୁରୀ ୩, ରାୟଗଡ଼ା ୨, ସମ୍ବଲପୁର ୧, ସୋନପୁର ୧ ଓ ସୁନ୍ଦରଗଡ଼ ୩ଟି ଉଚ୍ଚ ବିଦ୍ୟାଳୟ ରହିଛି । ଯାଜପୁର ଜିଲ୍ଲାର ୨ଟି ମଧ୍ୟରୁ ଗୋଟିଏ ଜାରକାର ରେନସା ବିଜ୍ଞାନ କଲେଜ ହୋଇଥିବା ବେଳେ ଅନ୍ୟଟି ଯାଜପୁର ରୋଡର ଇନ୍ଦିରାଗାନ୍ଧୀ ମହିଳା କଲେଜ (କଳା) ।

## ୩୦ କେଜି ଗଞ୍ଜେଇ ସହ କାର୍ ଜବତ:ଜଣେ ଗିରଫ

**ସୁବର୍ଣ୍ଣପୁର, ନ୍ୟୁଜ୍ ବ୍ୟୁରେ**



ସୁବର୍ଣ୍ଣପୁର ଅବକାରୀ ବିଭାଗର ପକ୍ଷରୁ ସୋନପୁର ରେଞ୍ଜ, ଜିଲ୍ଲା ମୋବାଇଲ୍ ୟୁନିଟ୍ ଓ ବିରାମହରାଜପୁର ସୁବଳୟା କମିରା ଛକ ନିକଟରେ ଗୁରୁବାର ମିଳିତ ଭାବେ ଚଢଉ କରାଯାଇଥିଲା । ବୌଦ୍ଧ ଜିଲ୍ଲା ପଟୁ ଆସୁଥିବା ଏକ ଧଳା ରଙ୍ଗର ହୋଣ୍ଡା ଆମଜା କାର୍‌କୁ ସନ୍ଦେହ କରି ପିଛା କରିଥିଲେ । କମିରା ଛକ ନିକଟରେ କାର୍‌କୁ ଅଟକ ରଖାଯାଇଥିଲା । ସେହି ସମୟରେ ଖାଲିଥିବା କାର୍ ଚାମ୍ବରରୁ ୨ ପ୍ୟାକେଟ୍ ଗଞ୍ଜେଇ ମିଳିଥିଲା । ଓଜନ ପରେ ଏହାର ପରିମାଣ ୩୦ କିଲୋ ହୋଇଥିଲା । ଏହି ଘଟଣାରେ ଡ୍ରାଇଭର ତଥା ବିଶ୍ୱମ୍ବର ମହାନନ୍ଦିଆ (୨୫) ବୌଦ୍ଧ ଜିଲ୍ଲା ଗାନ୍ଧୀଗ୍ରାମ ଥାନା ବୌଦ୍ଧ ଜିଲ୍ଲାରୁ କିଆକଟା ବ୍ରିଜ୍ ପାର ହୋଇ କଦଳିଗଡ଼ ରାସ୍ତା ଦେଇ ଗଞ୍ଜେଇ ଚାଲାଣ କରୁଥିବା ପ୍ରାଥମିକ ତଦନ୍ତରୁ ଜଣାପଡିଛି । ଏପରିକି ଗଞ୍ଜେଇ ଚୋରା ଚାଲାଣ ସମୟରେ ଓ ଅବକାରୀ ବିଭାଗର ନଜର ହଟାଇବା ପାଇଁ କାର୍‌ରେ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଥିଲା । ଏ ସମ୍ପର୍କରେ ସଦର ଅବକାରୀ ଥାନା ପକ୍ଷରୁ ଏକ ମାମଲା ରୁଜୁ କରି କେସ୍ ନଂ. ୪୦୨/୨୪-୨୫ । ବିଭାଗ ପକ୍ଷରୁ ଗଞ୍ଜେଇ ଚାଲାଣରେ ବ୍ୟବହୃତ କାର୍ ଓ ଗଞ୍ଜେଇ ଜବତ କରାଯାଇଛି । ଅଭିଯୁକ୍ତଙ୍କୁ ଶୁକ୍ରବାର କୋର୍ଟ ଚାଲାଣ କରାଯିବ ବୋଲି ଅବକାରୀ ଅଧିକାରୀ ସୂଚନା ଦେଇଛନ୍ତି । ଜିଲ୍ଲା ଅବକାରୀ ଅଧୀକ୍ଷକ ପ୍ରବୀର କୁମାର ସାମଲଙ୍କ ନିର୍ଦ୍ଦେଶକ୍ରମେ ମୋବାଇଲ୍ ଇନ୍‌ସପେକ୍ଟର ହରପ୍ରସାଦ ରଣା, ସୋନପୁର ରେଞ୍ଜ ଇନ୍‌ସପେକ୍ଟର ପ୍ରକାଶ ସା, ସବ୍‌ଇନ୍‌ସପେକ୍ଟର ଶାନ୍ତନୁ ପଟ୍ଟନାୟକ, ବିଶ୍ୱନାଥ ଭୋଇ, ଏଏସ୍‌ଆଇ ସନ୍ତୋଷ କୁମାର ସ୍ୱାଇଁ, ଲୋକନାଥ ବେହେରା ଓ ରେଣୁପ୍ରିୟା ଭୋଇ ପ୍ରମୁଖ ଏହି ଚଢଉରେ ସାମିଲ୍ ହୋଇଥିଲେ ।

## ଜିଲ୍ଲା ସ୍ତରୀୟ ନିଯୁକ୍ତି ମେଳା:୨୮୨ ଜଣ ବିଭିନ୍ନ କମ୍ପାନୀରେ ନିଯୁକ୍ତ

**ସମ୍ବଲପୁର, ନ୍ୟୁଜ୍ ବ୍ୟୁରୋ**

ଜିଲ୍ଲା ପ୍ରଶାସନ ଓ ଜିଲ୍ଲା ଦକ୍ଷତା ବିକାଶ ତଥା ନିୟୋଜନ କାର୍ଯ୍ୟାଳୟ, ସମ୍ବଲପୁରର ମିଳିତ ଆନୁକୁଲ୍ୟରେ ଧନକଉଡା ଫୁଟ୍‌ବଲ୍ ପଡିଆ ଠାରେ ଜିଲ୍ଲାସ୍ତରୀୟ ନିଯୁକ୍ତି ମେଳା ଅନୁଷ୍ଠିତ ହୋଇଯାଇଛି । ଏହି ପରିପ୍ରେକ୍ଷୀରେ ମୁଖ୍ୟ ଅତିଥି ଜିଲ୍ଲାପାଳ, ସମ୍ବଲପୁର, ସିଦ୍ଧେଶ୍ୱର ବଳିରାମ ବୋନ୍ଦର (ଆଇ.ଏ.ଏସ୍.) ଓ ସମ୍ମାନିତ ଅତିଥି ଭାବେ ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ପ୍ରସନ୍ନ କୁମାର ପାତ୍ର, ନିର୍ଦ୍ଦେଶକ-RSETI ସୁବାଷ ଚନ୍ଦ୍ର ତ୍ରିପାଠୀ ପ୍ରମୁଖ ମଞ୍ଚାସୀନ ଥିଲେ । ଜିଲ୍ଲାପାଳ, ସମ୍ବଲପୁର, ସିଦ୍ଧେଶ୍ୱର ବଳିରାମ ବୋନ୍ଦର (ଆଇ.ଏ.ଏସୟ.) ମୁଖ୍ୟ ଅତିଥି ଭାବେ ଯୋଗଦେଇ ପିଲାମାନଙ୍କୁ ତାଙ୍କର ଦକ୍ଷତାର ବିକାଶ ପାଇଁ ଉତ୍ସାହିତ କରିଥିଲେ । ଏହି ମେଳାରେ ୧୦୧୭ ଜଣ ନିଯୁକ୍ତି ଆଶାୟୀ ଯୋଗଦେଇଥିଲେ । ମେଳାରେ ଯୋଗ ଦେଇଥିବା ୨୭ଟି କମ୍ପାନୀ ଦ୍ୱାରା ଚାକିରି ଆଶାୟୀ ମାନଙ୍କର ସାକ୍ଷାତକାର ଆୟୋଜନ କରଯାଇଥିଲା । ଏତଦ୍‌ବ୍ୟତୀତ ୧୫ ଜଣ PIA'S ଏହି ମେଳାରେ ଯୋଗ ଦେଇ ୭୩୫ ଜଣ ପ୍ରାର୍ଥୀଙ୍କୁ ଦକ୍ଷତା ବିକାଶ ତାଲିମ୍‌ରେ ସାମିଲ୍ କରାଇଥିଲେ । ଉକ୍ତ ମେଳାରେ ୨୮୨ ଜଣ ପ୍ରାର୍ଥୀ / ପ୍ରାର୍ଥୀନୀ ବିଭିନ୍ନ ପଦ ପଦବୀ ପାଇଁ ନିଯୁକ୍ତି ଦାତାଙ୍କ ଦ୍ୱାରା ସିଧା ସଳଖ ପ୍ରତ୍ୟକ୍ଷ ନିଯୁକ୍ତି ପାଇଁ ଚୟନ ହୋଇଥିଲେ । ଉପ ନିର୍ଦ୍ଦେଶକ ଜିଲ୍ଲା ଦକ୍ଷତା ବିକାଶ ତଥା ନିୟୋଜନ କାର୍ଯ୍ୟାଳୟ, ସମ୍ବଲପୁର ଶଙ୍କର ଚରଣ ମୁର୍ମୁ ସ୍ୱାଗତ ଅଭିଭାଷଣ ଦେଇଥିଲା ବେଳେ, ସଭା ପରିଶେଷରେ ଉପ ମୁଖ୍ୟକାର୍ଯ୍ୟ ନିର୍ବାହୀ ଅଧିକାରୀ, ORMAS ଶ୍ରୀମନ୍ତ ହୋତା ଧନ୍ୟବାଦ ଅର୍ପଣ କରିଥିଲେ । ସଭା କାର୍ଯ୍ୟକୁ ଅଜୟ କୁମାର ନାଥ ପରିଚାଳନା କରିଥିଲେ । ଉକ୍ତ କାର୍ଯ୍ୟକ୍ରମରେ ଡେପୁଟି କମିଶନର ସୀମା ସବିତା କୁଲ୍ଲୁ, ଡ଼ି.ଜି ଲାକ୍ରା- ଦକ୍ଷତା ବିକାଶ ତଥା ନିୟୋଜନ ଅଧିକାରୀ, ବୁର୍ଲା, ସଂଗୀତା କୁମାରୀ ମେହେର ଜିଲ୍ଲା ଦକ୍ଷତା ବିକାଶ ତଥା ନିୟୋଜନ ଅଧିକାରୀ, ସମ୍ବଲପୁର ପ୍ରମୁଖ ଉପସ୍ଥିତ ଥିଲେ ।

## ଆଜିର ଭଲମନ୍ଦ



**ଗଣକ-ପଣ୍ଡିତ ଶ୍ରୀ ଚନ୍ଦ୍ରଶେଖର ନନ୍ଦ**
(ବହୁ ଗ୍ରନ୍ଥପ୍ରଣେତା ଓ ଏକାଧିକ ଓଡ଼ିଅଶ ପାଞ୍ଜି ଗଣନାକାର)
ମୋବାଇଲ୍-୯୩୩୭୬୯୩୦୨୨
csnastrology@gmail.com

**ଉଦୟକାଳୀନ ଗ୍ରହଚକ୍ର**

| | | |
|---|---|---|
| ୩ ରବି / ୪ ଗୁ | ୨ | ବୃହସ୍ପତି / ଚନ୍ଦ୍ର ୧୨ |
| ୫ | ୨୬ / ୧୨ | ୧୧ |
| ୬ / ୭ କେ | ୮ | ୯ / ୧୦ |

**ମେଷ:** କର୍ମକ୍ଷେତ୍ରରେ ପ୍ରତାରିତ ହେବେ । ସହଯୋଗ ଠାରୁ ଅସହଯୋଗର ପରିମାଣ ବଢ଼ିବ । ଅଯଥା ଦୂରଯାତ୍ରା କରିପାରନ୍ତି । ପଥରୋଧ ଭଳି ପରିସ୍ଥିତି ସୃଷ୍ଟି ହେବାର ସୂଚନା । ରୋଜଗାର ଭଲ ହେବ ।

**ବୃଷ:** ସହଯୋଗରୁ ଉନ୍ନତି ସାଧିତ ହେବ । ଆୟର ପରିମାଣରେ ଉନ୍ନତି ହେବ । ବନ୍ଧୁ ସହଯୋଗ ଲାଭ କରିବେ । ପାରିବାରିକ ଜଞ୍ଜାଳର ସମାଧାନ ହେବ । ସୁସମ୍ବାଦ ପ୍ରାପ୍ତ ହେବାର ସୂଚନା ।

**ମିଥୁନ:** ଦୂରଯାତ୍ରା କରି ସଫଳତା ଲାଭ କରିବେ । ପରିଶ୍ରମର ଫଳ ପାଇ ଉତ୍‌ଫୁଲ୍ଲିତ ହେବେ । କର୍ମଚଞ୍ଚଳ ରହିବେ । ବନ୍ଧୁଙ୍କ ଆଗମନ ଯୋଗୁ ମଉଜ ମଜ୍‌ଲିସ୍‌ରେ ସମୟ କଟିବ । ଆୟର ପରିମାଣ ଖର୍ଚ୍ଚ ସହ ସମାନ ହେବ ।

**କର୍କଟ:** କାର୍ଯ୍ୟହାନୀ, ପ୍ରତ୍ୟେକ କ୍ଷେତ୍ରରେ ବିଳମ୍ବତା ଯୋଗ । ମନରେ ଦୁଶ୍ଚିନ୍ତା ବଢ଼ିବ । ଅଲସୁଆମୀ ପ୍ରକାଶ ପାଇବ । ରୋଗାରରେ ବାଧା । ପାରିବାରିକ ଶାନ୍ତି ଲାଭ ହେବାର ସୂଚନା ।

**ସିଂହ:** ପରିଶ୍ରମ ବୃଦ୍ଧି ପାଇବ । ତଥାପି ଫଳ ଲାଭର ଆଶା କମ୍ । ଶାରୀରିକ ଅସୁସ୍ଥତା ଅନୁଭବ କରିବେ । କାର୍ଯ୍ୟ ହାନୀ । ଆୟ ଓ ବ୍ୟୟର ପରିମାଣ ସମାନ ରହିବ । ଗୃହେ ଶାନ୍ତି ଲାଭ ହେବ ।

**କନ୍ୟା:** କାର୍ଯ୍ୟକ୍ଷେତ୍ରରେ ସାଫଲ୍ୟତା ପରିମାଣ ଅଧିକ ହେବ । ସାହାଯ୍ୟ ସହଯୋଗ ଲାଭ କରିବେ । ବନ୍ଧୁ ମିଳନରୁ ଆପ୍ୟାୟିତ ହେବେ । ଆୟ ଓ ବ୍ୟୟ ପୂର୍ବ ପରି ଚାଲିବ । ପାରିବାରିକ ଶାନ୍ତି ଲାଭ କରିବେ ।

**ତୁଳା:** ବାକ୍ ସଂଯମତା ରହିବ ନାହିଁ । କର୍ମକ୍ଷେତ୍ରରେ ବିରକ୍ତି ଭାବ ପ୍ରକାଶ ପାଇବ । ମନରେ ଅହଂକାର ଆସିବ । ଆୟର ପରିମାଣ ସ୍ଥିର ରହିବ । ତରବରିଆ ଭାବେ ଭୁଲ୍ ନିଷ୍ପତ୍ତି ନେଇପାରନ୍ତି । ଘରେ ଜଞ୍ଜାଳ ବଢ଼ିବ ।

**ବିଛା:** ନିଜର ପ୍ରାଧାନ୍ୟତା ବଢ଼ିବ । ବୁଝି ବିଚାରି ପଦକ୍ଷେପ ନେବାକୁ ପଡ଼ିବ । ପରସ୍ପର ଆଲୋଚନା ଦ୍ୱାରା ଭବିଷ୍ୟତ ଉନ୍ନତି ହେବ । ଆୟ ଓ ବ୍ୟୟ ସମାନ ରହିବ । ଘରେ ଜଞ୍ଜାଳ ବୃଦ୍ଧି ହେବ ।

**ଧନୁ:** ମନରେ ଅଯଥା ଦୁଶ୍ଚିନ୍ତା ଉଙ୍କି ମାରିବ । କର୍ମକ୍ଷେତ୍ରରେ ଅସହଯୋଗ ବିରକ୍ତି କରିବ । ସହକର୍ମୀଙ୍କ ସହ ବା କୁଟୁମ୍ବେ କଳହ । ଆୟରେ ବାଧା ଆସିବ । ଶତ୍ରୁଙ୍କ ଠାରୁ ସତର୍କ ରହିବେ ।

**ମକର:** ମନରେ ଉତ୍ସାହ ଆସିବ । କର୍ମକ୍ଷେତ୍ରରେ ବେଶ୍ ପ୍ରଶଂସା ପ୍ରାପ୍ତି ହେବ । ପରୋପକାର କରିବେ । ଉଚ୍ଚ ସମ୍ମାନ ପ୍ରାପ୍ତି ହେବ । ଆୟର ପରିମାଣ ବଢ଼ିବ । ଘର ଚିନ୍ତା ମନରୁ ଯିବ ।

**କୁମ୍ଭ:** କର୍ମ ସ୍ଥାନରେ ସହଯୋଗ ମିଳିବ । ଦୂରଯାତ୍ରା କରି ସଫଳତା ହାସଲ କରିବେ । ଆଶାବାଦୀ ହେବେ । ଆୟରେ ଉନ୍ନତି ହେବ । ପ୍ରଶଂସିତ ହେବେ । ମୂଲ୍ୟବାନ ଦ୍ରବ୍ୟ ଲାଭ ଯୋଗ ରହୁଛି ।

**ମୀନ:** ଆଜି ଦିନଟି ଆପଣଙ୍କର ଭଲରେ କଟିବ । ଉତ୍ତମ ଭୋଜନରେ ଆପ୍ୟାୟିତ ହେବେ । ଆୟରେ ଉନ୍ନତି ଦେଖାଦେବ । ସମାଜ ସେବାରେ ପ୍ରଶଂସା ଲାଭ କରିବେ । ଘରେ ଆନନ୍ଦ ଦେଖାଦେବ ।

**କଳିକା ପଞ୍ଜିକା :** ଉତ୍କଳୀୟ ସନ -୧୪୩୨ ସାଲ, ଶକାବ୍ଦଃ -୧୯୪୩, ସମ୍ବତ୍ - ୨୦୮୧, ହିଜରୀ - ୧୪୪୬, କଳିଯୁଗାବ୍ଦାଃ - ୫୧୨୨, ଶ୍ରୀ ଶ୍ରୀ ଗଜପତି ମହାରାଜାଙ୍କ - ଅ୬୮ଙ୍କ

**ତା୨୯।୩।୨୦୨୫, ଚୈତ୍ର ଦି୧୬ନ, ଶନିବାର**

**ସୂର୍ଯ୍ୟୋଦୟ- ଘ୫।୪୩।୫୯** **ଚନ୍ଦ୍ରୋଦୟ- ନାସ୍ତି**

**ଅମାବାସ୍ୟା-** ଦିଘ ୪।୨୮ ପର୍ଯ୍ୟନ୍ତ । **ଉତ୍ତରଭାଦ୍ର ନକ୍ଷତ୍ର-** ସଂଘ ୭।୨୬ ପର୍ଯ୍ୟନ୍ତ । **ମୀନ ଚନ୍ଦ୍ର-** ଅହୋରାତ୍ର । **ଚନ୍ଦ୍ରଶୁଦ୍ଧି-** ମେଷ, ବୃଷ, ମିଥୁନ, କନ୍ୟା, ତୁଳା, ମକର ଓ ମୀନ ରାଶିର । **ଘାତ ଚନ୍ଦ୍ର-** ଧନୁ ରାଶିର । **ଶ୍ରାଦ୍ଧନିର୍ଣ୍ଣୟ-** ଅମାବାସ୍ୟାର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ । **ନିଷିଦ୍ଧ ଖାଦ୍ୟ-** ଆମିଷ ଦିଘ ୪।୨୮ ପରେ ପାଣିକଖାରୁ ଖାଇବା ମନା । **ଆଜିର ଶୁଭବେଳା-** ଦିଘ ୧୦।୨୦ ଗତେ ଘ ୧।୦୪ ମଧ୍ୟେ, ରାଘ ୮।୧୯ ଗତେ ଘ ୧୦।୪୦ ମଧ୍ୟେ । **ପର୍ବୋତ୍ସବ-** ଚୈତ୍ର ଅମାବାସ୍ୟା, ବାସନ୍ତୀକ ନବରାତ୍ର ଆରମ୍ଭ, ଶନି ଚଳନ, ଶହୀଦ ଲକ୍ଷ୍ମଣନାୟକ ଫାଶୀ ଦିବସ ।

## ଆଗାମୀ କାଲିର ପଞ୍ଜିକା

**କଳିକା ପଞ୍ଜିକା :** ଉତ୍କଳୀୟ ସନ -୧୪୩୨ ସାଲ, ଶକାବ୍ଦଃ -୧୯୪୩, ସମ୍ବତ୍ - ୨୦୮୧, ହିଜରୀ - ୧୪୪୬, କଳିଯୁଗାବ୍ଦାଃ - ୫୧୨୨, ଶ୍ରୀ ଶ୍ରୀ ଗଜପତି ମହାରାଜାଙ୍କ - ଅ୬୮ଙ୍କ

**ତା୩୦।୩।୨୦୨୫, ଚୈତ୍ର ଦି୧୭ନ, ରବିବାର**

**ସୂର୍ଯ୍ୟୋଦୟ- ଘ୫।୪୩।୦୭** **ଚନ୍ଦ୍ରୋଦୟ- ପ୍ରାଘ ୬।୦୬।୦୬**

**ପ୍ରତିପଦ-** ଦିଘ ୧୨।୫୦ ପର୍ଯ୍ୟନ୍ତ । **ରେବତୀ ନକ୍ଷତ୍ର ଓ ମୀନ ଚନ୍ଦ୍ର-** ଦିଘ ୪।୩୪ ପର୍ଯ୍ୟନ୍ତ । **ଚନ୍ଦ୍ରଶୁଦ୍ଧି-** ବୃଷ, ମିଥୁନ, କର୍କଟ, କନ୍ୟା, ତୁଳା, ବିଛା, ମକର, କୁମ୍ଭ ଓ ମୀନ ରାଶିର । ଦିଘ ୪।୩୪ ଗତେ ମିଥୁନ, କର୍କଟ, ସିଂହ, ତୁଳା, ବିଛା, ଧନୁ ଓ କୁମ୍ଭ ରାଶିର । **ଘାତ ଚନ୍ଦ୍ର-** ଧନୁ ରାଶିର । ଦିଘ ୪।୩୪ ପରେ ମେଷ ରାଶିର । **ଶ୍ରାଦ୍ଧନିର୍ଣ୍ଣୟ-** ପ୍ରତିପଦର ଏକୋଦ୍ଦିଷ୍ଟ ଏବଂ ଦ୍ୱିତୀୟାର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ । **ନିଷିଦ୍ଧ ଖାଦ୍ୟ-** ପାଣିକଖାରୁ ଦିଘ ୧୨।୫୦ ପରେ ବୋଇତି କଖାରୁ ଖାଇବା ମନା । **ଆଜିର ଶୁଭବେଳା-** ପ୍ରାଘ ୫।୪୬ ଗତେ ଘ ୯।୪୯ ମଧ୍ୟେ, ଦିଘ ୧।୨୨ ଗତେ ଘ ୧।୫୩ ମଧ୍ୟେ । **ପର୍ବୋତ୍ସବ-** ଦ୍ୱିତୀୟା ଚନ୍ଦ୍ର ଦର୍ଶନ ଓ ପୂଜା, ରୋଜା ଶେଷ, ଆରୋଗ୍ୟ ପ୍ରତିପଦ ।

ସମ୍ପାଦକୀୟ
31 YEARS
ସମ୍ବାଦ କଳିକା

# ୧୯୯୨ ପରଠାରୁ ସର୍ବାଧିକ ଧନୀ

ଭାରତରେ ଆୟ ବୈଷମ୍ୟ ଏକ ଚିନ୍ତାଜନକ ସ୍ତରରେ ପହଞ୍ଚିଯାଇଛି। ଧନୀକ ଶ୍ରେଣୀର ଲୋକମାନଙ୍କ ପାଖରେ ବିପୁଳ ସମ୍ପତ୍ତି ଥିବା ବେଳେ ଗରିବ ଲୋକମାନେ ଠିକ ଢଙ୍ଗରେ ଜୀବନ କାଟିବାକୁ ସଂଘର୍ଷ କରୁଛନ୍ତି। ଗତ ୧୦୦ ବର୍ଷ ଭିତରେ ଏଭଳି ସ୍ଥିତି ଦେଶରେ ଦେଖିବାକୁ ମିଳିନଥିଲା। ବର୍ତ୍ତମାନ ସମୟର ସ୍ଥିତି ଉପନିବେଶବାଦ ବେଳର ସ୍ଥିତିଠାରୁ ଖରାପ ରହିଛି। ପରାଧୀନ ସମୟରେ ମଧ୍ୟ ଦେଶରେ ଆୟ ବୈଷମ୍ୟର ଏଭଳି ବିକଳ ଚିତ୍ର ଦେଖିବାକୁ ମିଳିନଥିଲା। ୱାର୍ଲଡ୍ ଇନ୍‌ଇକ୍ୱାଲିଟି ଲ୍ୟାବ୍ର ଏକ ରିପୋର୍ଟ ଅନୁଯାୟୀ ଦେଶ ଜନସଂଖ୍ୟାର ୧ ପ୍ରତିଶତ ବଡ଼ ଧନୀଙ୍କ ପାଖରେ ଜାତୀୟ ଆୟର ସିଂହ ଭାଗ ଅର୍ଥାତ ୨୨.୬ ପ୍ରତିଶତ ଧନ ରହିଛି। ଆର୍ଥିକ ସ୍ତରରେ ଦୁର୍ବଳ ଥିବା ଜନସଂଖ୍ୟାର ୫୦ ପ୍ରତିଶତ ଲୋକଙ୍କ ପାଖରେ ଜାତୀୟ ଆୟର ମାତ୍ର ୧୫ ପ୍ରତିଶତ ରହିଛି। ଜାତୀୟ ସମ୍ପତ୍ତିର ଉପଯୁକ୍ତ ବଣ୍ଟନକୁ ନିଶ୍ଚିତ କରିବା ଲାଗି ଟିକସ ନିୟମରେ ପରିବର୍ତ୍ତନ ଆଣିବାକୁ ରିପୋର୍ଟରେ ପରାମର୍ଶ ଦିଆଯାଇଛି।

ଦେଶ ଜନସଂଖ୍ୟାରେ ଥିବା ୧ ପ୍ରତିଶତ ଅତି ବଡ଼ ଧନୀଙ୍କ ପାଖରେ ଭାରତରେ ଯେତିକି ସମ୍ପତ୍ତି ରହିଛି, ତାହା ବ୍ରାଜିଲ ଓ ଆମେରିକାରେ ବି ନାହିଁ। ୧୯୪୭ରେ ବ୍ରିଟିସ୍ ଶାସନରୁ ମୁକ୍ତ ହୋଇ ସ୍ୱାଧୀନ ହେବା ପରେ ୧୯୯୨ରେ ଭାରତ ଅର୍ଥନୀତିରେ ସଂସ୍କାର ଆଣିଥିଲା। ଏହାପରଠାରୁ ଦେଶରେ ବିଲିଓନେୟାର (୧୦୦ କୋଟି ଡଲାରରୁ ଅଧିକ ସମ୍ପତ୍ତିର ମାଲିକ) ସଂଖ୍ୟାରେ ନିୟମିତ ବୃଦ୍ଧି ଘଟୁଛି। ଭାରତରେ ଏବେ ବିଲିଓନେୟାର ରାଜ ଚାଲିଛି ବୋଲି ରିପୋର୍ଟରେ କୁହାଯାଇଛି। ୨୦୨୩ରେ ଦେଶର ୪୦.୧ ପ୍ରତିଶତ ସମ୍ପତ୍ତି ଧନୀ ଲୋକଙ୍କ ପାଖରେ ଥିଲା ଯାହା ୧୯୬୧ ପରେ ସର୍ବାଧିକ। ମୋଟ ଆୟରେ ଧନୀଙ୍କ ଭାଗ ୨୨.୬ ପ୍ରତିଶତ ରହିଛି ଯାହା ୧୯୯୨ ପରଠାରୁ ସର୍ବାଧିକ। ରିପୋର୍ଟରେ କୁହାଯାଇଛି ଯେ ଶିକ୍ଷାର ଅଭାବ ଯୋଗୁଁ ବହୁ ଲୋକ ସ୍ୱଳ୍ପ ବେତନରେ ଫସିରହିଛନ୍ତି। ସେଥିପାଇଁ ତଳ ସ୍ତରରେ ଥିବା ୫୦ ପ୍ରତିଶତ ଓ ମଧ୍ୟବିତ୍ତ ବର୍ଗର ୪୦ ପ୍ରତିଶତ ଲୋକଙ୍କ ଅଭିବୃଦ୍ଧି ଆଶାନୁରୂପ ହୋଇପାରିନାହିଁ। ୧୯୬୧ରେ ୧୦୦ କୋଟି ଡଲାରରୁ ଅଧିକ ସମ୍ପତ୍ତିର ମାଲିକଙ୍କ ସଂଖ୍ୟା ଦେଶରେ ମାତ୍ର ଏକ ଥିଲା। ୨୦୨୨ରେ ସେଭଳି ଲୋକଙ୍କ ସଂଖ୍ୟା ୧୬୨ରେ ପହଞ୍ଚିଛି। ଦେଶର ଦୁଇ ବଡ଼ ଧନୀ ହେଉଛନ୍ତି ମୁକେଶ ଅମ୍ବାନି ଓ ଗୌତମ ଆଦାନି। ଦେଶର ୧୦,୦୦୦ ବଡ଼ ଧନୀଙ୍କ ପାଖରେ ହାରାହାରି ଭାବେ ୨୨,୬୦୦ କୋଟି ଟଙ୍କାର ସମ୍ପତ୍ତି ରହିଛି। ଦେଶର ଜଣେ ସାଧାରଣ ଲୋକଙ୍କ ସମ୍ପତ୍ତି ତୁଳନାରେ ତାହା ୧୬,୭୬୩ ଗୁଣା ଅଧିକ।

## ଶ୍ରୀଶ୍ରୀ ଅଭିରାମ ସରସ୍ୱତୀଙ୍କ ଦିବ୍ୟ ସନ୍ଦେଶ

### ସତ୍ୟ ଭାଗବତ

**ପ୍ରଥମ ଅଧ୍ୟାୟ**

**ଓଁ ନାମ ମହାତ୍ମ୍ୟ**



ଶ୍ରୀ ଅଭିରାମ ସରସ୍ୱତୀ

ଦୃଢତାରେ ଗୁରୁନାମ
ଧର ଏକାଗ୍ରତେ
ମୋହ ମାୟା ଛାଡିହୃଦୁ
ନାମ ଧର ଚିତ୍ତେ (୧୬୮)

ଶୟନେ ସ୍ୱପନେ ଗୁରୁ
ସଦା ଜଗିଛନ୍ତି
ଲୟାଙ୍ଗରେ ହେତୁକର
ସେହି ରୂପକାନ୍ତି (୧୬୯)

ଗୁଣକୁ ତୁ ରୂପ ମଧ୍ୟେ
ସ୍ଥାପନ କରିବୁ
ସବସ୍ତ ଗୁରୁ ମୟ ବୋଲି
ଜ୍ଞାନ ଧରିଥିବୁ (୧୭୦)

ପୂଜା ମୂଳ ଗୁରୁ ମୂର୍ତ୍ତି
ଧ୍ୟାନ ମୂଳ ଗୁରୁ
ଜ୍ଞାନ ମୂଳ ଗୁରୁ କୃପା
ବାକ୍ୟ ମୂଳ ଗୁରୁ (୧୭୧)

ଜଗତଟି ଜଗନ୍ନାଥ
ମନରେ ଭାବିବୁ
ହୃଦୟରେ କପଟକୁ
ସବସ୍ୱଦା ତେଜିବୁ (୧୭୨)

ଭକତର ସ୍ୱଭାବଟି
ଭଗବାନ ତତ୍ତ୍ୱ
କପଟିର କପଟତା
ତା'ର ହୃଦ ତତ୍ତ୍ୱ (୧୭୩)

ଯେଉଁ ପରି ହୃଦୟର
ଭାବଟି ହୋଇବ
ସେହିପରି ମହାପ୍ରଭୁ
ଫଳ ତାକୁ ଦେବ (୧୭୪)

ସୁଚିନ୍ତାରେ ଫଳ ଗୋଟି
ସୁଫଳ ହୋଇବ
କୁଚିନ୍ତାରେ ଫଳ ଗୋଟି
କାଳ ପାଲଟିବ (୧୭୫)

ଆପଣାର କଳାକମସ୍ତ
ଜୀବଟି ଭୋଗିବ
ଦୋଷକରି ନିଜେ ସେତ
କମସ୍ତକୁ ନିନ୍ଦିବ (୧୭୬)

ତେଣୁ କରି ଭକ୍ତଭାଇ
ଇଷ୍ଟକୁ ସୁମରି
ବିବକରେ କମସ୍ତକର
ନିଷ୍ପେହେବ ପାରି (୧୭୭)

କରାଇବା କରୁଥିବା
ଯେତେ କମସମାନ
ହୃଦୟରେ ବିବେକକୁ
କରିବ ସ୍ମରଣ
(୧୭୮)

(କ୍ରମଶଃ)

# ବଧୂ ବିଦେଶିନୀ-୧୯

## କଳିଙ୍ଗ ଓ ଯବଦେଶ (ଜାଭା) ବିଷୟକ ଏକ ଇତିହାସ ଓ କଳ୍ପନା ମିଶ୍ରିତ ଉପନ୍ୟାସ

## ୩୩. ବିଦ୍ୟାଳୟ ସ୍ଥାପନ



ଦୁର୍ଗାଚରଣ ସାହୁ
ଆଇଏଏସ୍, (ଅବସରପ୍ରାପ୍ତ)
ବିଜେବି ନଗର,
ଭୁବନେଶ୍ୱର
ମୋ : ୮୯୮୪୬୫୫୩୦୩

(ପୂର୍ବ ପ୍ରକାଶିତ ଉତ୍ତାରୁ)

ଆମ୍ଭମାନଙ୍କର (ରାଜ କୁମାରୀ କଲ୍ଲୋଳିନୀ, ତା'ଗୁରୁଦେବ, ଗୁରୁମାତା ଓ ସଖୀଙ୍କର) ଆଗମନରେ ଉତ୍‌ଫୁଲିତ ହୋଇ ଭାନୁମତୀ ଦେବୀ ଗୁରୁଦେବ ଓ ଗୁରମାତାଙ୍କ ଉଦ୍ଦେଶ୍ୟରେ କହି ପକାଇଥିଲେ, "ଗୁରୁଦେବ, ତୁମ୍ଭ ପରି ମହାଜ୍ଞାନୀ ପଣ୍ଡିତଙ୍କ ସସ୍ତ୍ରୀକ ଆମ୍ଭ ଗୃହକୁ ଆଗମନ ଆମ୍ଭଙ୍କୁ ଧନ୍ୟ କରିଦେଲା। ନିଜ ଗୃହ ମନେକରି ବିଶ୍ରାମ କର।" ସେ ପୁଣି ଗୁରୁମାତାଙ୍କୁ କହିଲେ, "ଭଗିନୀ, ତୁମ୍ଭେ ମହା ପଣ୍ଡିତା ବୋଲି ଜାଣିଲି। ତୁମ୍ଭ ସହ ବାର୍ତ୍ତାଳାପ କରି ମୁଁ ଜ୍ଞାନ ଲାଭ କରିବି ବୋଲି ମୋର ହୃଦୟ ଆନଂଦ ପ୍ଲାବିତ ହୋଇଯାଉଛି। ଯାହା ଏଠାରେ ଆବଶ୍ୟକ ମୋତେ ବା ମଂଜୁଳାକୁ କହିବ।'' ଗୁରୁଦେବ ଓ ଗୁରୁମାତା ଆଭାର ପ୍ରକଟ କଲେ। ତା'ପରେ ଆମ୍ଭ ଦୁହିଁଙ୍କୁ ସ୍ନେହପୂର୍ଣ୍ଣ ନୟନରେ କହିଲେ, "ହେ ଦୁଇ କନ୍ୟା, ମୋ ପତି ତୁମ୍ଭର ସ୍ଥାନୀୟ ତତ୍ତ୍ୱାବଧାରକ ହେତୁ ତୁମ୍ଭଙ୍କୁ ଆମ୍ଭ ପରିବାରର ସଦସ୍ୟ ବୋଲି ମନେ କରୁଥିଲୁ। କିନ୍ତୁ ମୋ ପୁତ୍ରବଧୂର ତୁମ୍ଭେ ଅନ୍ତରଙ୍ଗ ବାନ୍ଧବୀ ହୋଇଥିବାରୁ ଆମ୍ଭର ପୂର୍ବ ସଂବଧ ବହୁଗୁଣିତ ହୋଇଗଲା। ନିଜ ସଖୀ ସହ ମିଳି ଆନନ୍ଦରେ ରହ।" ଆମ୍ଭେ ହାତ ଯୋଡି ଆଭାର ବ୍ୟକ୍ତ କଲୁ।

ଏହାପରେ ଆମ୍ଭ ବିଧିବଦ୍ଧ ଚର୍ଚ୍ଚା କରି ଅପରାହ୍ନରେ ଭାନୁମତୀ ମାଉସୀ ନିଜ ପୁତ୍ର ପୁତ୍ରବଧୂଙ୍କ ସହ ଆସି ଆମ୍ଭକୁ ଡାକିନେଇ, ଗୁରୁ ଆର୍ଯ୍ୟଦତ୍ତଙ୍କ ପ୍ରକୋଷ୍ଠକୁ ଗଲେ। କହିଲେ, "ଗୁରୁଦେବ, ତୁମ୍ଭର ମାର୍ଗଦର୍ଶନ ଓ ଜ୍ଞାନ ପରିବେଷଣ ପ୍ରାପ୍ତ ନିମିତ୍ତ ରହିଥିବା ମୋ ଅଭିଳାଷାର ପୂର୍ତ୍ତିପାଇଁ ମୁଁ ଏଠାକୁ ଆସିଛି। ଦୟାକରି କିଛି ଜ୍ଞାନଲୋକ ପ୍ରଦାନ କରିଲେ ତୃପ୍ତିଲାଭ କରିବି।" ଗୁରୁଦେବ ତତ୍‌କ୍ଷଣାତ୍ ଉତ୍ତର ଦେଲେ ଯେ, " ହେ ମହାଭାଗା, ଯାହା ମୁଁ ଜାଣିଛି ତୁମ୍ଭେ ପ୍ରଖ୍ୟାତ ପଣ୍ଡିତମାନଙ୍କଠାରୁ ଶିକ୍ଷାଲାଭ କରିଥିବା ଜନୈକ ବିଦୁଷୀ ନାରରୀ। ତୁମ୍ଭକୁ ମୁଁ କ'ଣ ଅଧିକ ଜ୍ଞାନଦାନ କରି ପାରିବି ? ତଥାପି ତୁମ୍ଭ ଜିଜ୍ଞାସା ଥିବା ହେତୁ ମୁଁ ଓ ମୋ ଧର୍ମପତ୍ନୀ ମିଶି କିଛି ବ୍ୟାଖାନ କରିବୁ। କିନ୍ତୁ ମୋର ଏକ ବିନତି ଯେ ତୁମ୍ଭେ ଆମ୍ଭଙ୍କୁ ପ୍ରଶ୍ନ କରିବ ଓ ଆମ୍ଭର ଉତ୍ତରକୁ ତୁମ୍ଭ ଜ୍ଞାନରଶ୍ମିରେ ସମ୍ମିଳିତ କରି ଆମ୍ଭର ଓ ଏ ବାଳକବାଳିକାଙ୍କର ଜ୍ଞାନ ବର୍ଦ୍ଧନ କରିବ।" ମାଉସୀମାତା କରଯୋଡି ସ୍ୱୀକାର କଲେ।

ତ୍ରିକୋଣୀୟ ଶାସ୍ତ୍ରାଲୋଚନା ଆରମ୍ଭ ହେଲା। ବିଭିନ୍ନ ଶାସ୍ତ୍ରାଦିର ଉପସ୍ଥାପନା ଅତୀବ ଶିକ୍ଷାପ୍ରଦ ଥିଲା। ଆମ୍ଭେ ତିନି ସଖୀ ତ ଗୁରୁଦେବଙ୍କ କୁଳପତିଙ୍କ ସହ ଶାସ୍ତ୍ରାର୍ଥ ଶୁଣିଥିଲୁ। କିନ୍ତୁ ଆମ୍ଭେ ଗୁରୁମାତା ଓ ମାଉସୀମାତାଙ୍କ ବିଦ୍ୱତ୍ୱ ବିଷୟରେ ଜାଣିଥିଲେ ମଧ୍ୟ ପ୍ରତ୍ୟକ୍ଷରେ ଅନୁଭବ କରି ନଥିଲୁ। ତେଣୁ ଉତ୍ସୁକ ନୟନରେ ସେ ଦ୍ୱୟଙ୍କ ମୁଖଶ୍ରୀ ଦର୍ଶନ କରୁଥାଉ ଓ ସେମାନଙ୍କ ମୁଖନିର୍ଗତ ଅନର୍ଗଳ ବକ୍ତବ୍ୟରେ ଆନନ୍ଦ ଲାଭ କରୁଥାଉ। ଏପରି ବହୁତ ସମୟ ଚାଲିଲା। ଶେଷରେ ଗୁରୁଦେବ କହିଲେ, "ଭଗିନୀ, ଆମ୍ଭେ ତୁମ୍ଭର ଗଭୀର ପାଣ୍ଡିତ୍ୟ ଅନୁଭବ କରି ଅତୀବ ପ୍ରୀତ। ଏତେ ଜ୍ଞାନଗରିମା ଯେ ତୁମ୍ଭେ ମସ୍ତିସ୍କରେ ଲୁକ୍‌କାୟିତ କରି ରଖିଛ, ତାହା ଜାଣି ଆମ୍ଭେ ଆଚମ୍ବିତ। ବର୍ତ୍ତମାନ ବହୁ ସମୟ ଅତିବାହିତ ହୋଇଗଲାଣି। ତେଣୁ ଏହାକୁ ଏଠାରେ ବିରତି ଦେଇ ଓ ତାହାପରେ ପୁଣିଶୀଘ୍ର ଶାସ୍ତ୍ର ବିଶ୍ଳେଷଣର ସୁଖଦ ଅନୁଭୂତି ଆସ୍ୱାଦନ କରିବା"।

ଏହା ଶୁଣି ମାଉସୀମା ଭାନୁମତୀ ଦେବୀ ଗୁରୁଦେବଙ୍କୁ ଆଭାର ପ୍ରକଟ ପରେ କହିଲେ, "ଗୁରୁଦେବ ଆଜି ମୋ ମନ ଯେ କେତେ ଆହ୍ଲାଦିତ ତାହା ପ୍ରକାଶ କରିପାରିବି ନାହିଁ। ମୁଁ ଏହିପରି ନିଜର ପୁଞ୍ଜିଭୂତ ଶିକ୍ଷାକୁ ଉଦ୍‌ଗିରଣ କରି ନିଜ ମଧ୍ୟରେ ଏକ ଆତ୍ମବିଶ୍ୱାସ ଆଜି ପାଇଅଛି। ତେଣୁ ତୁମ୍ଭକୁ ମୋର କୋଟି କୋଟି ପ୍ରଣାମ।" ଏହା ଶୁଣି ମୁଁ ଓ ସୁହାସିନୀ କହିଲୁ, "ମାଉସୀ ମା, ଆଜି ତୁମର ଓ ଗୁରୁମାତାଙ୍କର ଶାସ୍ତ୍ରାର୍ଥ ଶ୍ରବଣ କରି ଆମ୍ଭେ ଧନ୍ୟ ଧନ୍ୟ ହୋଇଗଲୁ। ତୁମ୍ଭେ ମାତା ଗାର୍ଗୀ, ମୈଥିଳୀ, ଲୋପାମୁଦ୍ରାଙ୍କ ସଦୃଶ ପ୍ରାଚୀନ କାଳର ମହାପଣ୍ଡିତା ନାରୀ ରୂପେ ଆମ୍ଭ ହୃଦଦେଶରେ ଅଂକିତ ହୋଇ ରହିଗଲ। ଏହା ଆମ୍ଭକୁ ଶିକ୍ଷାପଥରେ ଅଗ୍ରସର ହେବାକୁ ପ୍ରଭୂତ ପ୍ରେରଣାଦାୟକ ହୋଇ ରହିଗଲା।" ମଂଜୁଳା ଓ ଶୁଭ୍ରକାନ୍ତ ମଧ୍ୟ ତତ୍ ସଦୃଶ ପ୍ରଶଂସା କରିଲେ। ମାଉସୀମା ଏ ସବୁରେ ଗଦ୍‌ଗଦ୍ ହୋଇ "ଆଜି ସଂଧ୍ୟାରେ ସମସ୍ତେ ବସି କିଛି ବାର୍ତ୍ତାଳାପ କରିବା" କହି କଥା ସାଂଗ କଲେ।

ତତ୍ପରେ ସମସ୍ତେ ଦୈନନ୍ଦିନ କାର୍ଯ୍ୟ ସମାପନ କରି ପୁନଶ୍ଚ ସଂଧ୍ୟା ସମୟରେ ଗୁରୁଦେବଙ୍କ ପ୍ରକୋଷ୍ଠରେ ଉପନୀତ ହେଲୁ। ଏଥର ବାର୍ତ୍ତାଳାପ ଆରମ୍ଭ କଲେ ଶୁଭ୍ରକାନ୍ତ। କହିଲେ, "ଗୁରୁଦେବ, ଆମ୍ଭ ମାତାଙ୍କ ମନରେ କିଛି ଅବସୋସ ରହିଅଛି। ତାହା ହେଉଛି ଯେ ସେ ଶିକ୍ଷାନୁରାଗୀ ଅଟନ୍ତି। କିନ୍ତୁ ଗୃହିଣୀ ଜୀବନରେ ଜଡିତ ରହି ତାଙ୍କ ଆହରିତ ବିଦ୍ୟା ସେ ବଣ୍ଟନ କରିପାରୁନାହାଁନ୍ତି। ତାହା ହେଲା ତାଂକର ସବୁଠାରୁ ଖେଦ। ଏଥିପାଇଁ ତୁମ୍ଭେ କିଛି ଉପଦେଶ ଦେଲେ ଉତ୍ତମ ହୁଅନ୍ତା।" ଆଚାର୍ଯ୍ୟ ତତ୍‌କ୍ଷଣାତି ଉତ୍ତର ଦେଲେ, " ଏ ତ ଅତି ସରଳ କାର୍ଯ୍ୟ। ସଠିକ୍ ଭାବେ କରିପାରିଲେ ଏହାର ଅବିଳମ୍ବେ ସମାଧାନ ହୋଇଯିବ।" ସମସ୍ତେ ଅଧିକ ଜାଣିବାପାଇଁ ଉତ୍ସୁକତା ଦେଖାଇ ନିରବ ରହିବାରୁ ଆଚାର୍ଯ୍ୟ କହିଚାଲିଲେ, " କାଲିଠାରୁ ଆମ୍ଭ ଏକ ବାଳିକା ବିଦ୍ୟାଳୟ ସ୍ଥାପନା ଓ ପରିଚାଳନା କରିପାରିବା। ଗ୍ରାମର ଅଶିକ୍ଷିତା ବୃଦ୍ଧା ଯୁବତୀ ଓ ବାଳିକାମାନଙ୍କୁ ଶିକ୍ଷାର ମହତ୍ତ୍ୱ ବୁଝାଇ ବିଦ୍ୟାଳୟକୁ ଆଣିପାରିବା। ଏଥିପାଇଁ ଆମ ସମସ୍ତଙ୍କ ସହଯୋଗ ଆବଶ୍ୟକ। ଏ ବିଦ୍ୟାଳୟରେ ନିୟମିତଭାବେ ଭଗିନୀ ନିଜ ବଧୂ ମଂଜୁଳିକା ସହ ଶିକ୍ଷାଦନା କରିବେ। ଅବଶିଷ୍ଟ ଯାହାସବୁ କରାଯିବ ମୁଁ ସେ ଦିଗରେ ମାର୍ଗଦର୍ଶନ କରିବି। ବର୍ତ୍ତମାନ ଗୃହର ମୁଖ୍ୟାଭାବେ ଭଗିନୀ ଯଦି ସମ୍ମତି ଓ ସହଯୋଗ ପ୍ରଦାନ କରନ୍ତି, ସେ କାର୍ଯ୍ୟକୁ ଆମ୍ଭେ ମିଳିତ ଭାବେ ଅଗ୍ରସର କରାଇବା।" ଆମ୍ଭେ ସମସ୍ତେ ଏହା ଉତ୍ତମ ପ୍ରସ୍ତାବ ବୋଲି ହର୍ଷିତ ହୋଇ କହିଲୁ।

ଏ ସବୁ ଶୁଣି ମାଉସୀମା' ପଚାରିଲେ, " ଗୁରୁଦେବ, ଏ କ'ଣ ଏତେ ସହଜ ? ମୋ ପତି ବିଦେଶରେ ଥିବାରୁ ତାଙ୍କ ଅନୁପସ୍ଥିତିରେ ଏ କାର୍ଯ୍ୟ କରିବା ସଠିକ୍ ହେବ ନାହିଁ। ସେ ଆସିଲାପରେ ଅସମ୍ମତ ଓ କ୍ରୋଧିତ ହୋଇପାରନ୍ତି।" ଗୁରୁମାତା ତତ୍‌କ୍ଷଣାତ୍ ବଖାଣିଲେ, " ଭଗିନୀ, ଶ୍ରେଷ୍ଠୀବର ଗୃହରେ ନ ଥିବାରୁ ତୁମ୍ଭେ ହେଉଛ ଗୃହର ମୁଖ୍ୟା। ପୁନଶ୍ଚ ଏ ଏକ ଉତ୍ତମକାର୍ଯ୍ୟ। ଏଥିରେ ମଧ୍ୟ କୌଣସି ବ୍ୟୟ ହେବ ନାହିଁ। ତେଣୁ ଆର୍ଯ୍ୟ ସୋମନାଥ ନିଶ୍ଚୟ ଆନନ୍ଦିତ ହେବେ।" ଗୁରୁଦେବ ତା'ପରେ ଗୁରୁମାତାଙ୍କ କଥାରେ ସଂଯୁକ୍ତ କରି କହିଚାଲିଲେ, " ମୁଁ ଉତ୍ତମ ଭାବେ ଜ୍ଞାତ ଯେ ଶ୍ରେଷ୍ଠୀବର ଜ୍ଞାନୀ, ବିଦ୍ୟାନୁରାଣୀ ଓ ଉଦାରବାଦୀ ବ୍ୟକ୍ତି। ତେଣୁ ନିଶ୍ଚୟ ସେ ତୁମ୍ଭ କାର୍ଯ୍ୟକୁ ପ୍ରଶଂସା କରିବେ। ଯଦି କିଛି ବିପରୀତ ମତ ଦିଅନ୍ତି ମୋର ଉପଦେଶ ଓ ଏ ସମସ୍ତ ପୁତ୍ରକନ୍ୟାଙ୍କ ଆଗ୍ରହ ରକ୍ଷା କରି ତୁମ୍ଭେ ଏ ନିଷ୍ପତ୍ତି ନେଇଛ ବୋଲି କହିବ।" ଏଥିରେ ପ୍ରଶ୍ନ କରି ମାଉସୀମା' ପଚାରିଲେ, " ଏ ସବୁ ସତ୍ତ୍ୱେ ଯଦି ସେ କ୍ରୋଧ କରନ୍ତି ?" "ତେବେ ତୁମ୍ଭେ ଆମ୍ଭକୁ ଆସିବାକୁ ବାର୍ତ୍ତା ପଠାଇବ। ଆମ୍ଭେ ସମସ୍ତ ଆସି ତାଙ୍କୁ ବୁଝାଇଲେ ସେ ନିଶ୍ଚୟ ସମ୍ମତ ହେବେ। ଏହା ମୋର ଦୃଢ ବିଶ୍ୱାସ। ତଥାପି ଯଦି ସେ ସମ୍ମତ ନ ହୁଅନ୍ତି, ଅତି ବଡରେ କ'ଣ ହୋଇଯିବ ? ବିଦ୍ୟାଳୟ ଭଂଗ କରିଦେବେ। ମୋର ଦୃଢ ବିଶ୍ୱାସ ଯେ ଏ ସ୍ଥିତି କଦାପି ଆସିବ ନାହିଁ।" ଏପରି ଗୁରୁଦେବ ଉତ୍ତର ଦେଲେ। ମାଉସୀମା ଏଥିରେ ଦମ୍ଭ ଧାରଣ କହିଲେ, " ନିଶ୍ଚୟ ସେ ଅନୁମତି ଦେବେ। ମୁଁ ଅନୁରୋଧ କରି ଓ ଦୃଢତା ଦେଖାଇ ତାଙ୍କର ହାର୍ଦ୍ଦିକ ଅନୁମୋଦନ ଆଣିବାରେ ସଫଳ ହୋଇବ"। ସମସ୍ତେ ମାଉସୀମା'ଙ୍କୁ ପ୍ରସନ୍ନ ଚିତ୍ତରେ ପ୍ରଶଂସା କରିଲାଗିଲୁ।

ଏହାପରେ କିଛି କ୍ଷଣ ବିରତି ନେଇ ଗୁରୁଦେବ କହିଲେ, "ଏ ବିଦ୍ୟାଳୟର ନାମ ହେବ ଭାନୁମତୀ ଦେବୀ ବାଳିକା ବିଦ୍ୟାଳୟ, ଓଳାସୁଣୀ। ତୁମ୍ଭେ ଶାଶୁବଧୂ ଦ୍ୱୟ ଗୃହ ମଧ୍ୟସ୍ଥ କୌଣସି ସ୍ଥାନରେ ଗ୍ରାମର ବାଳିକା ପ୍ରଭୃତିକୁ ଡାକି ବିଦ୍ୟାଳୟ ଚଳାଇବ। ପରବର୍ତ୍ତୀ ସମୟରେ ତୁମ୍ଭକୁ ଗୃହ ବାହାରକୁ ଯିବାର ପଥ ସୁଗମ ହୋଇପାରିବ।" ମାଉସୀମା' ସ୍ମିତ ହସି କହିଲେ, "ଗୁରୁଦେବ, ମୋର ଏକ ନୂତନ ପ୍ରସ୍ତାବ ଅଛି।" ଗୁରଦେବ "କୁହ" ବୋଲି କହିବାରୁ ସେ ଆରମ୍ଭ କଲେ, "ପୁତ୍ର ଶୁଭ୍ରକାନ୍ତ ତା'ର ଶିକ୍ଷିତ ବଂଧୁଙ୍କ ସାହାଯ୍ୟରେ ଗ୍ରାମ ମଂଦିର ଗୃହ ବା ପ୍ରାଗଂଣରେ ଅନୁରୂପ ବାଳକ, ଯୁବକ ଓ ବୃଦ୍ଧମାନଙ୍କ ପାଇଁ ଏକ ବାଳକ ବିଦ୍ୟାଳୟ ପରିଚାଳନା କରୁ ଓ ତାହା ମୋର ପତିଙ୍କ ନାମରେ ନାମିତ କରାଗଲେ ଉତ୍ତର ହୁଅନ୍ତା।" ମାଉସୀମା'ଙ୍କ ଏ ଆଗ୍ରହ ଓ ଦାମ୍ଭିକ ଉକ୍ତି ଶୁଣି ଆମ୍ଭେ ସମସ୍ତେ ତାଙ୍କ ପ୍ରଶଂସା ମୁଖର ହୋଇ ପଡିଲୁ। ଗୁରୁମାତା ମାଉସୀମା'ଙ୍କୁ କୁଣ୍ଢାଇ ପକାଇ " ସାଧୁ, ସାଧୁ" କହିଲେ।

ତା'ପରଦିନ ସକାଳ ଆସିଲା। ଆମ୍ଭମାନଙ୍କ ସହ ସାକ୍ଷାତ କରିବାପାଇଁ ଛୋଟବଡ ବାଳିକା ନାରୀମାନେ ଆସିଲେ। ସମସ୍ତଙ୍କୁ ମାଉସୀମା' ଏକତ୍ରିତ କରି ଗୁରୁମାତା ଆଦି ଆମ୍ଭର ପରିଚୟ କରାଇଦେଲେ। ତା' ସଂଗେ ସଂଗେ ଆମ୍ଭମାନଙ୍କ ସାଗର ପାରି ହୋଇ ଏତେଦୂର ବିଦ୍ୟାର୍ଜନ ନିମିତ୍ତ ଆସିବାର ଆଗ୍ରହ ହେତୁ ପ୍ରଶଂସା କରିଲାଗିଲେ। ଏହି ପ୍ରଶଂସାରେ ଶିକ୍ଷା ଲାଭର ଉପାଦେୟତା ବଖାଣିବା ପୂର୍ବକ ଏହିପରି କନ୍ୟା ଓ ଯୁବତୀମାନେ କରିବାକୁ ଉପଦେଶ ଦେଲେ। ଏପରି କହିବା ସଂଗେ ସଂଗେ ସଦ୍ୟ କରିବାକୁ ଥିବା କାର୍ଯ୍ୟର ଘୋଷଣା କରିଲେ। କହିଲେ, " ସମସ୍ତେ ନିଜ ନିଜ କନ୍ୟା ଓ ଅନ୍ୟ ନାରୀମାନଙ୍କ ସହ ଆସି କାଲି ପ୍ରଭାତରେ ମୋ ଘରେ ଆରମ୍ଭ ହେଉଥିବାର ବାଳିକା ବିଦ୍ୟାଳୟରେ ଯୋଗ ଦିଅ। ତୁମ୍ଭ ପରିବାରର ମୁଖ୍ୟ ପୁରୁଷଙ୍କୁ ଏହି ଦିଗରେ ପ୍ରବର୍ତ୍ତାଅ। ଯଦି ସେମାନଙ୍କ ସମ୍ମତି ନ ଥାଏ, ସେମାନଙ୍କୁ ମୋ ପୁତ୍ର ପାଖକୁ ପ୍ରେରଣ କରିଦିଅ। ସେହିପରି ମଧ୍ୟ ସଂଧ୍ୟା ସମୟରେ ମଂଦିର ବେଢାରେ ବାଳକ ବିଦ୍ୟାଳୟ ଚାଲିବ। କୃଷି କାର୍ଯ୍ୟ ଶେଷକରି ବାଳକ ଓ ଅନ୍ୟ ପୁରୁଷମାନେ ମଧ୍ୟ ଏଠାକୁ ଆସି ଶିକ୍ଷାଲାଭ କରିବେ। ଏ ବିଦ୍ୟାଳୟରେ ସମସ୍ତେ ଛାତ୍ରଭାବେ ଯୋଗଦେଲେ, ସେମାନେ ପାଠପଢି ତୁମ୍ଭର ପରିବାରର ଉନ୍ନତି ଆଣିପାରିବ। ପୁଣି ଆଉ ଏକ କଥା କହୁଛି, ଯିଏ ବିଦ୍ୟାଳୟରେ ନାମ ଲେଖାଇବେ ନାହିଁ ସେମାନେ ଆସି ମଧ୍ୟ ଛାତ୍ରଛାତ୍ରୀଙ୍କ ପଛରେ ବସି ଶୁଣିପାରିବେ। ଗୁରୁଦେବଙ୍କ ଉପଦେଶ କ୍ରମେ ଆମ୍ଭେ ପଶୁପକ୍ଷୀଙ୍କ ବିଷୟରେ ଅନେକ ସୁଂଦର ସୁଂଦର ଗପ କରିବୁ। ବିଭିନ୍ନ ପୁରାଣ ଆଦିର ଗଳ୍ପ ମଧ୍ୟ କହିବୁ। ବହୁତ ଆନଂଦ ମିଳିବ।"

ବର୍ତ୍ତମାନ ମାଉସୀମା ନେତୃତ୍ୱ ନେଇଥିବାରୁ ଆମ୍ଭେମାନେ ନିରବ ରହିଲୁ। ତା'ପର ଦିନ ବିଧିବଦ୍ଧଭାବେ ଦୁଇଟି ବିଦ୍ୟାଳୟ ବହୁ ଛାତ୍ରଛାତ୍ରୀ ଓ ଦେଖଣାହାରୀଙ୍କୁ ନେଇ ଚାଲିଲା। ସମସ୍ତେ ଆନଂଦ। ଏହାର ଭବିଷ୍ୟତ କ'ଣ ହେଲା ଅଳ୍ପ ସମୟ ପରେ ତାହା ଦର୍ଶାଉଅଛି। (କ୍ରମଶଃ)

# ସାଂପ୍ରତିକ ପରିସ୍ଥିତିରେ ଆମଭାଷାର ସ୍ଥିତି ଓ ଗତି



ହିମାଂଶୁ ଶେଖର ଆଚାର୍ଯ୍ୟ
ସାରସ୍ୱତ ପରିଷଦ, ଜଗତସିଂହପୁର
ମୋ : ୯୯୩୭୧୫୧୦୫୨

କୁହାଯାଏ ମାତୃଭାଷା ମା'ର ଭାଷା - ପ୍ରାଣର ଭାଷା। ମାତୃଭାଷା ସହିତ ପ୍ରତ୍ୟେକ ମଣିଷର ନାଡିର ସମ୍ପର୍କ ରହିଛି। ଏଣୁ ମାତୃଭାଷାର ପ୍ରସାର ଓ ପ୍ରଚାର ସ୍ନେହ, ଶ୍ରଦ୍ଧା ଓ ସଂପ୍ରୀତିର ବାତାବରଣ ସୃଷ୍ଟି କରିଥାଏ । ବିଶେଷତଃ ଭାରତ ଭଳି ବହୁଭାଷାଭାଷୀ ଦେଶ ପାଇଁ ମାତୃଭାଷାର ସୁରକ୍ଷା ଅପରିହାର୍ଯ୍ୟ । ତା ନହେଲେ ଭବିଷ୍ୟତରେ ଭାଷା ସଙ୍କଟ ସୃଷ୍ଟି ହେବାର ଯଥେଷ୍ଟ ସମ୍ଭାବନା ରହିଛି । ଇତି ମଧ୍ୟରେ ପୃଥିବୀରୁ କେତୋଟି ଭାଷା ସଂପୂର୍ଣ୍ଣ ଲୋପପାଇଯାଇଛି ଓ ଆଉ କେତେକ ଲୁପ୍ତ ପ୍ରାୟ । ଆମ ଦେଶ ଓ ରାଜ୍ୟ ମଧ୍ୟ ଏଥିରୁ ବାଦ୍ ପଡିନି ।

ସମୀକ୍ଷକମାନଙ୍କ ମତରେ ଏବେ ବିଶ୍ୱରେ ପ୍ରାୟ ୬ ରୁ ୭ ହଜାର ଭାଷା ରହିଛି । କିନ୍ତୁ ଆଗାମୀ ଏକବିଂଶ ଶତାବ୍ଦୀ ଶେଷ ସୁଦ୍ଧା ହୁଏତ ଏଥିରୁ ୯୦ ଭାଗ ଭାଷାର ଅସ୍ତିତ୍ୱ ଲୋପ ପାଇବ । କାରଣ ଅଧୁନା ବିଶ୍ୱର ଶତକଡା ୯୫ ଭାଗ ଲୋକ ମାତ୍ର ୧୦୦ଟି ଭାଷାରେ କଥାବାର୍ତ୍ତା ହେଉଛନ୍ତି । ଆହୁରି ଆଶ୍ଚର୍ଯ୍ୟର କଥା ଯେ ବିଶ୍ୱରେ ପ୍ରାୟ ଅର୍ଦ୍ଧେକ ଲୋକ ମାତ୍ର ୮ଟି ଭାଷାରେ କଥାବାର୍ତ୍ତା ହେଉଛନ୍ତି ଯଥା - ଚୀନ, ଇଂରାଜୀ, ସ୍ପେନିଶ୍, ରୁଷ୍, ବଙ୍ଗଳା, ଆରବୀ ଓ ପର୍ତ୍ତୁଗୀଜ । ଏପରିସ୍ଥଳେ ଭାଷାର ସୁରକ୍ଷା ପାଇଁ ପ୍ରତ୍ୟେକ ଦେଶ ନିଜକୁ ପ୍ରସ୍ତୁତ କରୁଛନ୍ତି। ଏହି କଥାକୁ ଲକ୍ଷ୍ୟ ରଖି "ୟୁନେସ୍କୋ" ତରଫରୁ ୨୦୦୦ ମସିହାରୁ ଫେବୃଆରୀ ୨୧ ତାରିଖକୁ ଆନ୍ତର୍ଜାତିକ ମାତୃଭାଷା ଦିବସ ରୂପେ ପାଳନ କରାଯାଉଅଛି । ଉଦ୍ଦେଶ୍ୟ ହେଲା ଭାରତ ପରି ବହୁଭାଷାଭାଷୀ ଦେଶରେ ପ୍ରତ୍ୟେକ ରାଜ୍ୟ ତା'ର ମାତୃଭାଷାକୁ ସମଭାବରେ ସମ୍ମାନ ଦେଲେ ରାଜ୍ୟରାଜ୍ୟ ମଧ୍ୟରେ ତଥା ଦେଶରେ ସ୍ନେହ, ଭାଇଚାରା ଓ ସ୍ୱଦେଶପ୍ରେମ ଜାଗ୍ରତ ହେବ । ଏପରି ହେଲେ ରାଜ୍ୟର ସମୃଦ୍ଧି ହେବ ଓ ସାମଗ୍ରିକ ଭାବେ ଦେଶର ମଧ୍ୟ ସମୃଦ୍ଧି ହେବ । ଅନ୍ୟ ଅର୍ଥରେ କହିଲେ ମାତୃଭାଷାର ଉନ୍ନତିରେ ହିଁ ଜାତିର ଉନ୍ନତି

ଶାସ୍ତ୍ରୀୟ ଓଡିଆ ଭାଷା ଦିବସ ପାଳନ କରାଯିବା ଅବସରରେ ଆମ ମାତୃଭାଷା ଓଡିଆର ସ୍ଥିତି କେଉଁଠି ତାହା ନକହିବା ଭଲ । ୧୯୩୬ ମସିହା ଏପ୍ରିଲ ପହିଲା ଦିନ ଓଡିଶା ସ୍ୱତନ୍ତ୍ର ପ୍ରଦେଶ ରୂପେ ଗଠିତ ହେବା ଏକ ଐତିହାସିକ ଘଟଣା। ବହୁ ଘାତ ପ୍ରତିଘାତ ମଧ୍ୟରେ ଉତ୍କଳ ଗୌରବ ମଧୁସୂଦନ ଦାସ, ଉତ୍କଳମଣି ଗୋପବନ୍ଧୁ ଦାସ, ମହାରାଜା କୃଷ୍ଣଚନ୍ଦ୍ର ଗଜପତି ଦେବ, ମହାରାଜା ଶ୍ରୀରାମ ଚନ୍ଦ୍ର ଭଞ୍ଜ ଦେଓ ଓ ଅନ୍ୟାନ୍ୟ ବରପୁତ୍ରମାନଙ୍କ ଉଦ୍ୟମ ଫଳରେ ଓଡିଆ ଭାଷାଭାଷୀ ଅଞ୍ଚଳକୁ ନେଇ ଏକ ସ୍ୱପ୍ନ ସାକାର ହେଲା । ମାତ୍ର ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନର ୮୮ ବର୍ଷ ପରେ ବି ଦିନକୁ ଦିନ ଆମ ଭାଷାର ଅବକ୍ଷୟ ଘଟୁଛି । ଆମ ଭାଷା ପ୍ରତି ଆମର ମମତା ନାହିଁ, ନାହିଁ ମଧ୍ୟ ଆନ୍ତରିକତା । ଭାଷାର ପ୍ରସାର ପ୍ରଚାର ଦୂରର କଥା, ଓଡିଆ ଭାଷାରେ ପ୍ରକାଶିତ ଦୁର୍ଲଭ ଗ୍ରନ୍ଥ ସବୁ ପଢିବାରେ ଆମର ଆଗ୍ରହ ନାହିଁ । ପତ୍ରପତ୍ରିକା, ନାଟକ, ଉପନ୍ୟାସ, ଗଳ୍ପ ଓ କବିତା କଥା ପଚାରେ କିଏ? ହିନ୍ଦୀ, ବଙ୍ଗଳା, ଇଂରାଜୀ ପତ୍ରପତ୍ରିକା ପ୍ରେମରେ ଆମେ ପଡିଯାଇଛୁ । ଅଥଚ ଓଡିଆ ସାହିତ୍ୟ ଭାରତବର୍ଷର ଅନ୍ୟତମ ପ୍ରାଚୀନ ସାହିତ୍ୟ । ଏ ମାଟିର କବି ସାରଳା ଦାସ ମହାଭାରତ ଲେଖି ବେଦବ୍ୟାସ ପାଲଟି ଯାଇଛନ୍ତି । କବି ସମ୍ରାଟ ଉପେନ୍ଦ୍ରଭଞ୍ଜ, ଦୀନକୃଷ୍ଣ, ଅଭିମନ୍ୟୁ, ବଳରାମ ଦାସଙ୍କ ସୃଷ୍ଟି ସମ୍ଭାର ଭାରତୀୟ ଭାଷା ସାହିତ୍ୟରେ ଦୁର୍ଲଭ । ଏମାନେ ହିଁ ଓଡିଆ ସାହିତ୍ୟର ରକ୍ଷାକାରୀ କଥା ସମ୍ରାଟ ଫକୀରମୋହନ, କବିବର ରାଧାନାଥ, ଭକ୍ତକବି ମଧୁସୂଦନ, ପଦ୍ମଭୂଷଣ ଗୋପୀନାଥ ମହାନ୍ତି, ସ୍ୱଭାବ କବି ଗଂଗାଧର ମେହେରଙ୍କ ସୃଷ୍ଟି ସମ୍ଭାର ଓଡିଆ ସାହିତ୍ୟକୁ ଋଦ୍ଧିମନ୍ତ କରିଛି, ଏହା ଅନସ୍ୱୀକାର୍ଯ୍ୟ ।

ଏସବୁ ସତ୍ତ୍ୱେ ଆଧୁନିକ ଭାରତରେ ଅନ୍ୟାନ୍ୟ ରାଜ୍ୟ ଓ ଭାଷା ତୁଳନାରେ ଆମ ଭାଷାର ପ୍ରଚାର ଓ ପ୍ରସାର ଆଶାନୁରୂପ ହୋଇପାରିନାହିଁ । ଏହାର ମୂଳ କାରଣ ହେଉଛି ଏ ପର୍ଯ୍ୟନ୍ତ ଓଡିଆ ଭାଷା ସମ୍ପୂର୍ଣ୍ଣ ଭାବେ ସରକାରୀ ଭାଷାର ପୂର୍ଣ୍ଣ ମାନ୍ୟତା ପାଇନାହିଁ । ୧୯୫୪ ମସିହାରେ ତତ୍‌କାଳୀନ ରାଜ୍ୟ ସରକାର ଓଡିଆ ଭାଷାକୁ ସରକାରୀ ଭାଷା କରିବା ପାଇଁ ଅଧିନିୟମ ପ୍ରଣୟନ କରିଥିଲେ । ଏଥିପାଇଁ ଶବ୍ଦକୋଷ ସଙ୍କଳନ କରାଯାଇଥିଲା । ମାତ୍ର ତାହା ଅଧାପନ୍ତରିଆ ହୋଇ ରହିଗଲା । ପୁନଶ୍ଚ ୧୯୮୫ ମସିହାରେ ଓଡିଆ ଭାଷାକୁ ସରକାରୀ ଭାଷାର ମାନ୍ୟତା ଦେବାପାଇଁ ତତ୍କାଳୀନ ସରକାର ନିଷ୍ପତ୍ତି ଗ୍ରହଣ କରିଥିଲେ । ଏଥିପାଇଁ ଅବଶ୍ୟକୀୟ ପଦକ୍ଷେପ ମଧ୍ୟ ନିଆଯାଇଥିଲା । ଏପରିକି ଓଡିଆ ଟାଇପ୍ ମେସିନ୍ କିଣାଯାଇ ବିଭିନ୍ନ ସରକାରୀ କାର୍ଯ୍ୟାଳୟକୁ ଯୋଗାଇ ଦିଆଯାଇଥିଲା । କିନ୍ତୁ ଆନ୍ତରିକତା ଓ ଇଚ୍ଛାଶକ୍ତି ଅଭାବରୁ ତାହା ମଧ୍ୟ ଆଗେଇପାରିଲା ନାହିଁ । ସେହିପରି ୧୯୯୪ ମସିହାରେ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ତରଫରୁ ସମସ୍ତ ଇଂରାଜୀ ମାଧ୍ୟମ ବିଦ୍ୟାଳୟରେ ଓଡିଆକୁ ବାଧ୍ୟତାମୂଳକ ବିଷୟ ଭାବେ ପଢାଇବାକୁ ନିର୍ଦ୍ଦେଶ ଦିଆଯାଇଛି । ୨୦୧୧ ମସିହାରେ "ଓରିଆ କୁ ଓଡିଆ" ଓ "ଓରିଶାକୁ ଓଡିଶା" ହେଲାପରେ ଆମେ ଆମର ସ୍ୱାଭିମାନ ଫେରିପାଇଛୁ । ଗତବର୍ଷ ଫେବୃଆରୀ ୨୦ତାରିଖରେ ଓଡିଆ ଭାଷାକୁ ଶାସ୍ତ୍ରୀୟ ମାନ୍ୟତା ମିଳିବା ପରେ ମାର୍ଚ୍ଚ ୧୧ ତାରିଖରେ ଏଥିନିମନ୍ତେ ବିଜ୍ଞପ୍ତି ପ୍ରକାଶ ପାଇଥିଲା । । ଶାସ୍ତ୍ରୀୟ ମାନ୍ୟତା ପାଇବାରେ ଓଡିଆ ହେଉଛି ଷଷ୍ଠ ଭାରତୀୟ ଭାଷା ଓ ପ୍ରଥମ ଆର୍ଯ୍ୟ ଭାଷା। ଏ ଦିଗରେ କାର୍ଯ୍ୟ କରିଥିବା ଭାଷାବିତ୍ ଡକ୍ଟର ଦେବୀ ପ୍ରସନ୍ନ ପଟ୍ଟନାୟକ ଓ ଅନ୍ୟମାନଙ୍କ ସମେତ ରାଜ୍ୟ ସରକାର ବେଶ୍ ପ୍ରଶଂସାର ପାତ୍ର । ଶାସ୍ତ୍ରୀୟ ମାନ୍ୟତା ଖୁସିରେ ଆମେ ବାଣ ଫୁଟାଇ, ଭୋଜିଭାତ ଖାଇ ମଉଜ କଲୁ ସତ, ହେଲେ ଇଂରାଜୀ କୈନ୍ଦ୍ରିକ ଅପସଂସ୍କୃତିକୁ ଆମେ ଛାଡିପାରିଲୁ ନାହିଁ। ଯେଉଁମାନେ ଭାଷାକୁ ନେଇ ପାଟିତୁଣ୍ଡ କରୁଛନ୍ତି, ସେହିମାନେ ହିଁ ଇଂରାଜୀର ବଡ ବାହକ ଓ ପ୍ରୋତ୍ସାହକ । ଯେଉଥିପାଇଁ ଦୁଇ ଦୁଇଥର ଉଦ୍ୟମ ପରେ ବି ଓଡିଆ ଅଦ୍ୟାବଧି ପ୍ରଶାସନିକ ଭାଷା ହୋଇପାରିଲାନି ।

ଏକ ତଥ୍ୟ ମୁତାବକ, ସମଗ୍ର ଓଡିଶାରେ ୫୮ ପ୍ରକାର କଥିତ ଭାଷା ପ୍ରଚଳିତ ଅଛି । ତେବେ ଓଡିଶାରେ ଓଡିଆ ଭାଷା ବ୍ୟବହାର କରୁଥିବା ଲୋକଙ୍କ ସଂଖ୍ୟା ସର୍ବାଧିକ । ରାଜ୍ୟର ପ୍ରାନ୍ତୀୟକ୍ଷେତ୍ର ପଶ୍ଚିମ ଓଡିଶାରେ ସମ୍ବଲପୁରୀ (କୋଶଳି) ଓ ମିଶ୍ର ହିନ୍ଦୀ ଭାଷା, ଦକ୍ଷିଣ ଓଡିଶାରେ ବ୍ରହ୍ମପୁରୀ ଓ ମିଶ୍ର ତେଲଗୁ ଭାଷା, ଉତ୍ତର ଓଡିଶାରେ ମିଶ୍ର ବଙ୍ଗଳା ଭାଷାର ପ୍ରଚଳନ ଦେଖାଯାଏ । ରାଜ୍ୟରେ ଥିବା ଆଦିବାସୀମାନଙ୍କର ନିଜସ୍ୱ ଭାଷା ଯଥା - ସାନ୍ତାଳି, ମୁଣ୍ଡା, କନ୍ଧ, କୋୟା, ବଣ୍ଡା ଇତ୍ୟାଦି ରହିଛି । ଏତଦ୍‌ବ୍ୟତୀତ ଅନ୍ୟାନ୍ୟ ଭାଷା ମଧ୍ୟରେ ଅସମୀୟ, ହିନ୍ଦୀ, ବଙ୍ଗଳା, ଉର୍ଦ୍ଦୁ, ତେଲଗୁ ଆଦି ଭାଷା ମଧ୍ୟ ବ୍ୟବହୃତ ହୁଏ । ପରିବର୍ତ୍ତିତ ପରିସ୍ଥିତିରେ ଭାଷାର ପ୍ରସାର ପ୍ରଚାର ତ ଦୂରର କଥା ଓଡିଆ ଭାଷାରେ କଥାବାର୍ତ୍ତା ହେଉଥିବା ଲୋକଙ୍କ ସଂଖ୍ୟା ବେଳକୁ ବେଳ କମିବାରେ ଲାଗିଛି । ମା'ର ଭାଷା, ମାଟିର ଭାଷା ଆମପାଇଁ ଅଲୋଡା ହୋଇଯାଇଛି । ମାହାତ୍ମାଗାନ୍ଧୀ କହିଥିଲେ, "ଜଣେ ଭାରତବାସୀ ନିଜ ମାତୃଭାଷା ଭୁଲିଯିବା, ଅବହେଳା କରିବା ବା ନିଜର ମାତୃଭାଷା ବ୍ୟବହାର କରୁଛି ବୋଲି ଲଜ୍ଜା ଅନୁଭବ କରିବା, ନିଜ ମାତୃଭାଷାରେ ଶ୍ରେଷ୍ଠ ଚିନ୍ତା ପ୍ରକାଶ କରିବାକୁ ଅସମର୍ଥ ହେବା ଏକଥା ମୁଁ ସେମାନଙ୍କୁ ଅନୁଭବ କରିବାକୁ ଦେବିନାହିଁ" । ଜାପାନ ଓ ଚୀନ ଦେଶରେ ମାତୃଭାଷାରେ ସବୁକାର୍ଯ୍ୟ ଚାଲିଛି । ସେହି ଦୁଇଦେଶ ଆଜି ବିଜ୍ଞାନ, ଅର୍ଥ, ପ୍ରଯୁକ୍ତି ବିଦ୍ୟା, ସାହିତ୍ୟ ସବୁଦିଗରେ ବିଶ୍ୱ ଦରବାରରେ ନିଜକୁ ପ୍ରତିଷ୍ଠା କରିସାରିଲେଣି । ସେମାନଙ୍କ ଠାରୁ ଆମକୁ ବହୁତ କିଛି ଶିଖିବାର ଅଛି।

# ଆଲୋସଖି ଆପଣା ମହତ ଆପେ ରଖି



ସୌଭାଗ୍ୟ ରଂଜନ ମହାନ୍ତି(ରାଜା)
ସମ୍ମାନ ଭବନ, ଗାଙ୍ଗୋତ୍ରୀ ନଗର,
ରୋଡ ନଂ-୩, ଶିଶୁପାଳଗଡ,
ମୋ-୯୪୩୭୯୯୪୩୭୯

ଗଣତନ୍ତ୍ରରେ ପବିତ୍ର ମନ୍ଦିର ପାର୍ଲିଆମେଣ୍ଟ କିମ୍ବା ବିଧାନସଭାରେ ହଟ୍ଟଗୋଳ, ଶାସକ-ବିରୋଧିଙ୍କ ମଧ୍ୟରେ ହାତାହାତି, ମାଇକ ଭଙ୍ଗା ଘଟଣାରେ ବିସ୍ମିତ ହେବାର ନାହିଁ କି ଏଭଳି ଘଟଣା ନୂଆ ନୁହେଁ। ଗଣତନ୍ତ୍ରର ପବିତ୍ର ଗୃହରେ ହଟ୍ଟଗୋଳ ଏବେ ନିତିଦିନିଆ ଘଟଣାରେ ପରିଣତ ହୋଇଛି ବୋଲି କହିଲେ ଅତିରଞ୍ଜିତ ହୋଇନପାରେ। ଓଡିଶା ବିଧାନସଭାରେ ଅଧିବେଶନ ସମୟରେ ହଟ୍ଟଗୋଳ ସବୁଦିନ ପ୍ରାୟତଃ ଦେଖାଯାଇଥିବାବେଳେ ଗୃହର ଦୁଇ ବରିଷ୍ଠ ସଦସ୍ୟ ତଥା ପାଞ୍ଚ ପାଞ୍ଚ ଥରର ବିଧାୟକଙ୍କ ମଧ୍ୟରେ ହାତାହାତି ଘଟଣା ଗଣତନ୍ତ୍ର ପବିତ୍ର ଗୃହରେ କେବଳ ମର୍ଯ୍ୟାଦା ହାନି କରିନାହିଁ, ଏକ କଳାଦାଗ ସୃଷ୍ଟି କରିଛି ବୋଲି କୁହାଯାଇପାରେ। ଏଡି ଘଟଣାରେ ବିଶୃଙ୍ଖଳିତ ଆଚରଣ ପ୍ରଦର୍ଶନ କରିଥିବା ଅଭିଯୋଗରେ ବାଚସ୍ପତି ସାତ ଦିନ ପାଇଁ ବିରୋଧି ଦଳର ବରିଷ୍ଠ ସଦସ୍ୟଙ୍କୁ ଗୃହରୁ ନିଲମ୍ବନ କରିଛନ୍ତି। ଗୃହରେ ବାଚସ୍ପତିଙ୍କ ରୁଲିଂ ବା ନିଷ୍ପତି ଚୂଡାନ୍ତ। ବାଚସ୍ପତିଙ୍କ ନିଷ୍ପତ୍ତି ପକ୍ଷପାତିତା ବୋଲି ଅଭିଯୋଗ କରି ବିରୋଧି ଦଳର ସଦସ୍ୟମାନେ କକ୍ଷତ୍ୟାଗ କରିଥିବାବେଳେ କଂଗ୍ରେସ ସଦସ୍ୟମାନେ ଗୃହକୁ ବର୍ଜନ କରିବା ନେଇ ଘୋଷଣା କରିଛନ୍ତି। ଏହା ସତ୍ୟ ଯେ, ବିଧାନସଭା ହେଉଛି ଆଲୋଚନା କ୍ଷେତ୍ର। ରଣକ୍ଷେତ୍ର ନୁହେଁ। ମାତ୍ର ଏବେ କଥା କଥାକେ ବିରୋଧି ଦଳର ସଦସ୍ୟମାନେ ଗୃହର ମଧ୍ୟଭାଗକୁ ଚାଲିଆସି ହଟ୍ଟଗୋଳ କରିବା ଏବଂ ବାଚସ୍ପତି ଗୃହକୁ ବାରମ୍ବାର ମୁଲତବୀ ଘୋଷଣା କରିବା ଏକ ନିତିଦିନିଆ ଘଟଣାରେ ପରିଣତ ହୋଇଛି। ଏହାଦ୍ୱାରା ବାସ୍ତବ ସମସ୍ୟାଗୁଡିକ ଆଲୋଚନା ଦ୍ୱାରା ସମାଧାନ ହୋଇପାରେ ନାହିଁ। କିମ୍ବା ନୂତନ ଆଇନ ଆଲୋଚନା ଦ୍ୱାରା ପ୍ରଣୟନ ହୋଇପାରେ ନାହିଁ। ଶାସକ ଦଳ ବିନା ଆଲୋଚନାରେ ଅତ୍ୟନ୍ତ ତରବରିଆ ଭାବେ ହଁ, ନାଁ ମୌଖିକ ଧ୍ୱନୀରେ ଆଇନ ବା ବିଲ୍ ଗୃହୀତ ହୋଇଥାଏ। ପରିସ୍ଥିତି ଏପରି ହୋଇଥାଏ ଯେ, ଆଇନ ବାରମ୍ବାର ସଂଶୋଧନ କରିବାକୁ ପଡିଥାଏ କିମ୍ବା ଅଦାଲତରେ ଦ୍ୱାରସ୍ଥ ହୋଇଥାଏ। ଅତୀତରେ ଏପରି ଘଟଣାରେ ସୁପ୍ରିମକୋର୍ଟ ଗଭୀର ଉଦ୍‌ବେଗ ପ୍ରକାଶ କରି ବିନା ଆଲୋଚନା, ବିତର୍କରେ ପ୍ରଣୀତ ଆଇନରେ ଏହିଭଳି ଦଶ ଦେଇଥାଏ ବୋଲି କଟୁ ମନ୍ତବ୍ୟ ଦେଇଥିଲେ। ବିଧାନସଭା ହେଉ ବା ପାର୍ଲିଆମେଂଟ ହେଉ, ବାରମ୍ବାର ହଟ୍ଟଗୋଳ ନେଇ ସ୍ୱର୍ଗତ ରାଷ୍ଟ୍ରପତି ଗଭୀର ଉଦ୍‌ବେଗ ପ୍ରକାଶ କରିବା ସଙ୍ଗେ ସଙ୍ଗେ ଗଣତନ୍ତ୍ରର ପବିତ୍ର ମନ୍ଦିର ରଣକ୍ଷେତ୍ର ନୁହେଁ, ଆଲୋଚନାର କ୍ଷେତ୍ର ବୋଲି କହିଥିଲେ। ମାନ୍ୟବର ସଦସ୍ୟମାନଙ୍କ ବିଶୃଙ୍ଖଳିତ ଆଚରଣ କେବଳ ପାର୍ଲିଆମେଂଟ କି ବିଧାନସଭା କିମ୍ବା ଲୋକ ପ୍ରତିନିଧିମାନଙ୍କ ମର୍ଯ୍ୟଦା କ୍ଷୁର୍ଣ୍ଣ କରେ ନାହିଁ। ଜନସାଧାରଣଙ୍କୁ ନିରାଶ କରୁଛି। ସେମାନଙ୍କୁ ନିର୍ବାଚିତ କରିଥିବା ଭୋଟଦାତା ସେମାନଙ୍କ ଠାରୁ ବହୁତ କିଛି ଆଶା ରଖିଥାନ୍ତି। ଏହା ନିସନ୍ଦେହ ଯେ, ରାଜ୍ୟ ବହୁ ସମସ୍ୟାର ସମ୍ମୁଖୀନ। ଦରଦାମ ବୃଦ୍ଧି, ଆଇନଶୃଙ୍ଖଳା ପରିସ୍ଥିତି, ସମ୍ଭାବ୍ୟ ଗ୍ରୀଷ୍ମ ପ୍ରବାହ, ଚାଷୀ ଉତ୍ପାଦିତ ସାମଗ୍ରୀର ଅଭାବୀ ବିକ୍ରି, ନାରୀ ନିର୍ଯାତନା ଆଦି ବିଭିନ୍ନ ପ୍ରସଙ୍ଗ ଉପରେ ଆଲୋଚନା ଓ ଏହାର ସମାଧାନର ଆବଶ୍ୟକତା ରହିଛି। ସେହିପରି ସରକାର ବିଧାନସଭା ନିକଟରେ ଉତ୍ତରଦାୟୀ ରହିଥିବାରୁ ସରକାର ଉତ୍ତର ଦେବା ଆବଶ୍ୟକ। କିନ୍ତୁ ସେସବୁ ହୋଇ କେବଳ ହଟ୍ଟଗୋଳ ମଧ୍ୟରେ ଅଧିବେଶନ ଶେଷ ହେଉଛି। ଏପରିକି ଗୋଟିଏ ଗୋଟିଏ ଅଧିବେଶନ ହଟ୍ଟଗୋଳ ଯୋଗୁଁ ସମ୍ପୂର୍ଣ୍ଣ ଧୋଇ ହୋଇ ଯାଇଥିବା ନଜୀର ରହିଛି। ସେହିପରି ଅଧିବେଶନ ପୂର୍ବ ସ୍ଥିରିକୃତ ଦିବସ ପୂର୍ବରୁ ଅଧାରୁ ଶେଷ ହୋଇଯିବା ଏବେ ଏକ ପରମ୍ପରାରେ ପରିଣତ ହୋଇଯାଇଛି ବୋଲି କହିଲେ ହୁଏତ ଅତିରଂଜିତ ହେବ ନାହିଁ। କେବଳ ଏତିକି ନୁହେଁ, ହଟ୍ଟଗୋଳ ଯୋଗୁଁ ବିଧାନସଭାର ମୂଲ୍ୟବାନ ସମୟ ନଷ୍ଟ ହେବା ଯୋଗୁଁ କରଦାତାଙ୍କ ଅର୍ଥରେ ସମୃଦ୍ଧ ରାଜକୋଷରୁ କୋଟି କୋଟି ଟଙ୍କା ପାଣିରେ ପଡିବା ସାର ହେଉଛି। ବିଧାନସଭା ଅଧିବେଶନ ସମୟରେ ପ୍ରତି ମିନିଟ୍ ପାଇଁ ୨.୫ ଲକ୍ଷ ଟଙ୍କା ବ୍ୟୟ ହୋଇଥାଏ। ହଟ୍ଟଗୋଳ ଯୋଗୁଁ ଗୋଟିଏ ଦିନ ଅଧିବେଶନର ମୂଲ୍ୟାବାନ ସମୟ ନଷ୍ଟ ହେଲେ ରାଜକୋଷରୁ କୋଟି କୋଟି ଟଙ୍କା ପାଣିରେ ପଡିଥାଏ। ମାନ୍ୟବର ଲୋକ ପ୍ରତିନିଧିମାନେ ଯଦି ଏଥିପ୍ରତି ସଚେତନ ଥାନ୍ତେ, ଜନତାଙ୍କ ଅର୍ଥରେ ସମୃଦ୍ଧ ରାଜକୋଷରୁ ଅର୍ଥ ଅପଚୟକୁ ପ୍ରଶ୍ରୟ ଦିଅନ୍ତେ ନାହିଁ କିମ୍ବା ଜନସାଧାରଣଙ୍କୁ ନିରାଶ କରନ୍ତେ ନାହିଁ। ଭୁଲିଯିବା ଉଚିତ ନୁହେଁ, ଭୋଟଦାତାଙ୍କ ଦ୍ୱାରା ସେମାନେ ୫ବର୍ଷ ପାଇଁ ନିର୍ବାଚିତ ହୋଇଥାନ୍ତି। ଏଭଳି ଆଚରଣ ପାଇଁ କିମ୍ବା କ୍ଷମତା ମୋହରେ ସ୍ୱେଚ୍ଛାଚାରୀତାକୁ ଜନସାଧାରଣ କ୍ଷମା ଦେବେ ନାହିଁ କଥାରେ ଅଛି 'ଆଲୋ ସଖି, ଆପଣା ମହତ ଆପେ ରଖି'।

Printed & Published by Basanti Roy on behalf of Integral Publication Pvt. Ltd., Printed at Gayatri Industries, Plot No. TS 3/193, Mancheswar Industrial Estate, Bhubaneswar- 751010, Odisha & Published at 464, Saheed Nagar, Bhubaneswar- 751007 Ph. : 2541448, 2545046, 2545678, Fax : 2545668.
Editor : Jayasish Roy
E-mail : sambadkalikanews@gmail.com City Office : Qtr No.-4R-12, Unit-IX (Flat), Bhubaneswar, Pin-751022
ସମ୍ପାଦକ : ଜୟାଶୀଷ ରାୟ

## ଆମ ଗର୍ବ ସ୍ୱାଭିମାନ

**ରାଜ କିଶୋର ସ୍ୱାଇଁ**



ଆସ ଆସ ମୋର ଭଉଣୀ ଭାଇ
ପାଳିବା ସଭିଏଁ ଏକାଠି ହୋଇ
ଆମ ରାଜ୍ୟ ଜନ୍ମ ଦିନ
ଉତ୍କଳ ଦିବସ ନାଆଁଟି ତାହାର
ଆମ ଗର୍ବ ସ୍ୱାଭିମାନ ।।୧।।

ବଙ୍ଗ ବିହାରରୁ ଅଲଗା ହୋଇ
ଜନ୍ମିଲା ସ୍ୱତନ୍ତ୍ର ଓଡ଼ିଶା ଭୂଇଁ
ଏପ୍ରିଲ ପହିଲା ଦିନ
ହେବାରୁ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ
ଏ ଜାତି ହୋଇଲା ଧନ୍ୟ ।।୨।।

ମଧୁ ଗୋପ ଆଦି ମହାମ୍ୱାଗଣ
ସଂଗ୍ରାମ କରିଲେ ରାତି ଓ ଦିନ
ତାଙ୍କରି ପ୍ରଚେଷ୍ଟା ବଳେ
ଇତିହାସେ ଯୋଡିହେଲା ନୂଆ ଫର୍ଦ
ତାଙ୍କୁବା କିଏ ନ ଭାଳେ ।।୩।।

ମହିମା ମଣ୍ଡିତ ଉତ୍କଳ ମାତା
ଗାଇବା ଆଜି ତା ଗୌରବ ଗାଥା
ସର୍ବେ ହୋଇ ଏକମନ
ସେବାରେ ତାହାର ଜୀବନକୁ ଆମେ
କରିବାରେ ସମର୍ପଣ ।।୪।।

ଜୀବନରେ ପାଠ ପଢ଼େନି ଯିଏ
ଆଖି ଥାଇ ଅନ୍ଧ ବୋଲାଏ ସିଏ
ସଭିଏଁ ପଢିବା ପାଇଁ
କରିବା ସଭିଙ୍କୁ ସଚେତନ ଆମେ
ମୁରୁଖ ହେବେନି କେହି ।।୫।।

ଆହାର ଆମକୁ ଯୋଗାଏ ଚାଷୀ
ଲହୁ ଲୁହ ଢାଳି କ୍ଷେତକୁ ଚଷୀ
ଏକଥା ଭୁଲିବା ନାହିଁ
କୃଷି କୃଷକର ଉନ୍ନତି ପାଇଁକି
ଲାଗିବା ଏକାଠି ହୋଇ ।।୬।।

ସବୁ ପଛ ଜନ୍ମ ଭୂଇଁଟି ଆଗ
ଲଗାଇବାନି ତା ସୁନାମେ ଦାଗ
କରି ଦେଖାଇବା କାମେ
ମାଟି ମାଆ ପ୍ରୀତି ଜାଗ୍ରତ କରିବା
ସଭିଙ୍କ ମନରେ ଆମେ ।।୭।।

*ଅବସର ପ୍ରାପ୍ତ ଉପ ଆରକ୍ଷୀ ଅଧିକ୍ଷକ, ଶାନ୍ତିନଗର, ନୂଆପଡା, ନୂଆବଜାର, କଟକ-୭୫୩୦୦୪*
*ମୋ-୯୪୩୭୪୪୨୦୪୧*

## ଉତ୍କଳ ଦିବସ

**ବେବୀଲତା ଶତପଥୀ**

ଉତ୍କୃଷ୍ଟ କଳାର
ରାଜ୍ୟ ଏ ଉତ୍କଳ
ଧନ୍ୟ ସେ କୋଣାର୍କ
ଧନ୍ୟ ନୀଳାଚଳ ।

ଅତୀତ ଗାରିମା
ତାର ମଧୁମୟ
ସବୁଜ ଘେରା ବନାନୀ
ଆମ ପରିଚୟ ।
ଏ ଉତ୍କଳ ଦିନେ
ଥିଲା ଛିନ୍ନ ମସ୍ତା
ନ ଥିଲା ତାହାର
ସ୍ୱତନ୍ତ୍ର ବ୍ୟବସ୍ଥା ।

ଉତ୍କଳଗୌରବ
ମଧୁସୂଦନ
କୋଟି ଓଡ଼ିଆଙ୍କ
ହୃଦ ସ୍ପନ୍ଦନ ।
କୃଷ୍ଣଚନ୍ଦ୍ର ଗୋପବନ୍ଧୁଙ୍କ ସମେତ
କୁଳ ବୃଦ୍ଧ ତାଙ୍କ ନେତୃତ୍ୱ ନେଲେ
ସଂଗ୍ରାମର ସ୍ୱର ତୀବ୍ର ହେଲା ପରେ
ଓଡିଶାକୁ ନାର୍ଯ୍ୟ ପ୍ରଦାନ କଲେ ।

ଉଣେଇଶ ଛତିଶ
ଏପ୍ରିଲ ପହିଲା
ଓଡ଼ିଶା ପ୍ରଦେଶ
ସ୍ୱତନ୍ତ୍ର ହୋଇଲା ।

ଅମାନିଶାର ସର୍ବରୀ
ପାହିଲା ସେଦିନ
ଓଡ଼ିଆ ଜାତି
ହେଲା ସ୍ୱାଭିମାନ ।

'ଉତ୍କଳ ଦିବସ' ହେଉ
ଆତ୍ମବିଶ୍ୱାସର ମାପକାଠି
ଭାଷାର ସୁରକ୍ଷା ଭାଷାର ସମ୍ମାନ
ସଭ୍ୟତାର ଚାବିକାଠି ॥

*କେ-୪, କଳିଙ୍ଗ ବିହାର, ଭୁବନେଶ୍ୱର*



## ପବିତ୍ର ଉତ୍କଳ ଭୁଇଁ

**ଆଦ୍ୟାଶା ମହାପାତ୍ର**

ଏଇ ଭୂମି ପରେ ବିଦ୍ୟମାନ ସ୍ୱୟଂ
ସାରା ଜଗତର ସାଇଁ,
ଦେବ ଦୁର୍ଲ୍ଲଭ ଭୂମି ଯେ ଉତ୍କଳ
ତା ପରି ଆଉ କେ ନାହିଁ ।।

ଅପୂର୍ବ ସମ୍ଭାର କଳାକୃତି ଯା'ର
ବିଶ୍ୱବକ୍ଷେ ଅଦ୍ୱିତୀୟ
ସପ୍ତାଶ୍ଚର୍ଯ୍ୟ ମଧ୍ୟେ କୋଣାର୍କ ସ୍ଥାପତ୍ୟ
କାଳଜୟୀ ରମଣୀୟ ।।

ପ୍ରକୃତି ଭରିଛି ନୈସର୍ଗିକ ଶୋଭା
ଗିରି ବନ ତରଙ୍ଗିଣୀ
ଐଶ୍ୱର୍ଯ୍ୟ ଶାଳିନୀ ମନ୍ଦିର ମାଳିନୀ
ଏଇ ମାଟି ମନସ୍ୱିନୀ ।।

ସୀମାହୀନ ନୀଳ ଉର୍ମିଳ ସାଗର
ଅନନ୍ତ ଲହରୀ ଛନ୍ଦେ
ସମର୍ପଣ ସୁରେ ପ୍ରଣବ ଓଁକାରେ
ସତେ ମା ଚରଣ ବନ୍ଦେ ।।

ମହାନ ଏ ଜାତି କଣ୍ଠେ ନିନାଦିତ
ସଂସ୍କୃତିର ମଧୁତାନ
ଏ ମାଟି ଐତିହ୍ୟ ପ୍ରତି ପ୍ରାଣେ ଆଙ୍କେ
ସମୁଚ୍ଛ୍ୱାସ ସମ୍ମୋହନ ।।

ସମଭାବାପନ୍ନ ଭାଇଚାରା ଧର୍ମ
ଏ ଜାତିର ଐକ୍ୟ ସୂତ୍ର
ଦୁର୍ବିନୀତ ଶତ୍ରୁ ସମର ପ୍ରାଙ୍ଗଣେ
ହୋଇଛନ୍ତି ଲକ୍ଷ୍ୟଚ୍ୟୁତ ।।

କୋଟି ଉତ୍କଳୀୟ ଗୋଟିଏ ସ୍ୱରରେ
ଗାଇବା ସଂହତି ମନ୍ତ୍ର
ଘେନିବା ଶପଥ ଅନ୍ତଃକରଣରେ
ରଖିବା ଏ ଜାତି ଟେକ ।।

*ନୂଆପଡା, କଟକ*



## ତାତିଗୀତି

**ସୁଜିତ୍ କୁମାର ମିଶ୍ର**

କିଛି ସତଗପ କିମିଆଁରେ ଏଠି
ବିରାଜଇ ମଧୁରାତି,
କିଛି ଗପ କିନ୍ତୁ ମିଥ୍ୟା ପ୍ରଳାପରେ
ଭରେ ଖଇଫୁଟା ତାତି ।

କିଛି ତାତି ଏଠି ଅଭାବୀ କଷଣ
ଘାରୁଥାଏ ଦିନରାତି
କିଛି ତାତି କିନ୍ତୁ ପ୍ରାଚୁର୍ଯ୍ୟ ମହଲେ
ମଦିରାର ମଧୁଗୀତି ।

ଯେବେ ତାତି ଏଠି ଦାଉ ଦାଉ ଜଳେ
ଲିଭାଏ ସହସା ମାଆ,
ମାଆର ହୃଦରେ ଯେଉଁ ମିଠା ତାତି
ନୁହେଁ କି ମଳୟ ବାଆ ?

ଶଠତା ତାତିରେ ମାଟି ଥିଲା ବନ୍ଦୀ
ଗୋରା ହାତେ ବହୁଦିନ,
ଫେରିଲା ପୁଣି ସେ ସରାଗ ତାତିରେ
ମୁକତିର ମହାକ୍ଷଣ ।

କାମନାର ତାତି କମୁନି ବୋଲି ତ
ପ୍ରକୃତିରେ ତାତି ବୃଦ୍ଧି,
ଅବୁଝା ପଣକୁ କିଏ ବୁଝେଇବ
କେବେ ହେବ ଚିତ୍ତ ଶୁଦ୍ଧି ?

ତାତି ଏଠି ଆସେ ଭିନ୍ନ ଭିନ୍ନ ରଙ୍ଗେ
କିଛି ତାତି ଦନ୍ତହୀନ,
ସେ ତାତି ଏଡେଇ ନୀରବେ ବହିଲେ
ଭାବନାର ଜୟଗାନ ।

ସେ ତାତି ମଧୁର ଯେଉଁ ତାତି ଭରେ
ଛାତି ତଳେ ଜହ୍ନରାତି,
ବାକି ତାତି ସବୁ ନୁହେଁ କି ହାଟର
ମୂଲ୍ୟହୀନ ମାଛକାତି ?

ସୂର୍ଯ୍ୟ ଯଦି ତାତି ବିତରିକି ନିତି
ଆମ ପାଇଁ ଆପଣାର,
ମୋ ମନର ତାତି କାହିଁକି ପାଲଟେ
ମରତରେ ଅହଂକାର ।

ଈର୍ଷାର ତାତି ତ ଅଦୃଶ୍ୟ ଭୂତାଣୁ
କାମୁଡ଼େ ସେ ଗୋପନରେ,
କିନ୍ତୁ ସେ କାମୁଡା ମଧୁର ପ୍ରେରଣା
ସାଧନାର ସରାଗରେ ।

ଈର୍ଷା ଯଦି ବହେ ବହିବାକୁ ଦିଅ
ବିନା ଅବରୋଧେ ନିତି,
ଜାଣେ ପାଲଟିବ ଈର୍ଷାତାତି କାଲି
ପ୍ରେରଣାର ମଧୁଗୀତି ।

କୋମଳ କୁସୁମ ଭାବନାରେ ମନ
ଜାଳେ ନାହିଁ ଜଳୁଥାଏ,
ସ୍ନେହ ଶରଧାର ପୂଜାଫୁଲ ତାର
ଛାତି ତଳେ ଶୋଭା ପାଏ ।

ତାତି ଚାଲିଯାଏ ଦିବସର ଅନ୍ତେ
ଶୀତଳ ହୁଅଇ ଧରା,
କ୍ରୋଧ ତାତି କିନ୍ତୁ ସହଜେ ଯାଏନି
ନଷ୍ଟ ସମ୍ପର୍କର ଧାରା ।

ମଉସୁମୀ ହୋଇ ଏକାନ୍ତରେ ଆସ
ଏଠି ଅସହଣୀ ତାତି,
ମେଘ ମହ୍ଲାରର ଭାବ ରାଗରେ ମୋ
ମହକିବ ପ୍ରେମତିଥି ।

*ଜନାର୍ଦ୍ଦନପୁର ଶାସନ, କେନ୍ଦୁଝର*
*ମୋ- ୭୬୮୩୮୬୭୭୪୨*

## ଅରଣ୍ୟରୁ ଜ୍ଞାନ-୪

**ଅଶୋକ ବିଶ୍ୱାଳ**

ଅରଣ୍ୟରେ କାଳେ
ଦିଗପାଇଁ
ମୋଟା ଫଳକମାନ ପୋତାହୋଇଥାଏ
ଦୂରତା ଦେଖାଇ,
ଯନ୍ତ୍ରଣାର କଣ୍ଟା ଫୋଡିଦିଏ
ଭୟଙ୍କର ଗର୍ଜନ ରାସ୍ତାସାରା ଥାଏ
ଯାତ୍ରୀକୁ ସ୍ତବ୍ଧ କରିଦିଏ
ମନ ଥରିଯିବା କଥା
ମୋ ଭିତରେ କିଛି ଭଙ୍ଗା ଘର ଥିଲା ।

ପାଦ ମୋର ଅଟକି ତ ଗଲା
ନିଜକୁ ଆଉଁଷି ଘଷିଲି
ବିଶ୍ୱାସର ନିଃଶ୍ୱାସକୁ ଛାତିରେ ଭରିଲି
ମନକୁ ବହୁ ବୁଝାଇ କହିଲି
କଣ୍ଟକିତ ପ୍ରବାହ କଥା ଖାଲି କାହିଁକି ଭାବିବି
ଏ ଅସୀମ ସବୁଜିମା
ଜୀବନର ପ୍ରକୃତ ସୌନ୍ଦର୍ଯ୍ୟ
ପ୍ରଦର୍ଶନ ତ କରିଛି
ମନ ଭରିକି ଦେଖିବି ।

ମହା ଅରଣ୍ୟରେ
ଅସୁମାରୀ ପୁଷ୍ପ,
ଅପର୍ଯ୍ୟାପ୍ତ ଫଳକୁ ପାଇଲି
ମନମତାଣିଆ ସୁବାସ ସବୁଠି
ଚାରିଆଡେ ପ୍ରଜାପତି ଆଉ ମହୁମାଛି
ପକ୍ଷୀମାନେ ଖୁସିରେ
ଖଣ୍ଡି ଉଡା ଦେଉଥିଲେ
କଣ ପାଇଁ
ଆନନ୍ଦର ଅରଣ୍ୟକୁ
ଆଲିଙ୍ଗନ ନକରିବି ?

## କାହ୍ନୁ ରେ...

**ରତ୍ନକାନ୍ତି ମିଶ୍ର**



(୧)
ତୁ ତ କଥାଟାଏ ମାନିଲୁନି କାହ୍ନୁ
ନିଛାଟିଆ ଦାଣ୍ଡଟାରେ
ମଥାରୁ ପଣତ ଭିଡିଲୁ
ତୋ ବାଙ୍କ ଚାହାଣିରେ
ତୋ ମୁରୁକି ହସରେ
ମୁଁ ଲାଜରେ ଜଡସଡ ହେଲି
ଖୋଜୁଥିଲି ଛାଇ ଟିକେ
ଉହାଡ ହେବାକୁ ଯେବେ,
ମୋ ପାଖରେ ଠିଆ ହେଲୁ
ନିଜେ ଛାଇଟିଏ ହୋଇ
ତ୍ରିଭଙ୍ଗୀ ଠାଣିରେ
ତୋତେ କି ଅଜଣା କାହ୍ନୁ...

ଅପବାଦ ନାଗରାର ଶବ୍ଦ ଏବେ
ଅନୁରଣିତ ହୁଏ,
ନିନ୍ଦୁକଙ୍କ ଈର୍ଷାଳୁ ଛାତିରେ ...!

(୨)
ତୋତେ ମନାକଲିରେ କାହ୍ନୁ
ଶୁଣିଲୁ ନାହିଁ ଯେ
ବଂଶୀଟାକୁ ବଜାଇ ଦେଲୁ
ରାତିର ଶେଷ ପ୍ରହରରେ
ପୁଣି ସପ୍ତମ ରନ୍ଧ୍ରରେ..!
ସେଇ ସ୍ୱର ଶ୍ରବଣରେ
ଉତ୍ତାଳ ତରଙ୍ଗ ନେଇ ଯମୁନା ବହିଲା
ନିଦୁଆ କଦମ୍ବ କଥା ନ କହିଲେ ଭଲ
ମୋ ଦେହଟା କ୍ଷଣକରେ
ନୀଳ ରଙ୍ଗେ ଜୁଡୁବୁଡୁ ହେଲା...
ତୁ କ'ଣ ଜାଣୁ କାହ୍ନୁ
ମୁହୂର୍ତ୍ତ ପରେ ମୁହୂର୍ତ୍ତ ମୋ
କେମିତି କଟିଲା..??

*ଆଳି, କେନ୍ଦ୍ରାପଡା*

## ପିତା

**ବିଜୟଲକ୍ଷ୍ମୀ ମହାନ୍ତି**



ବାପାଟିଏ ସିଏ ସାଜିଥାଏ ଯିଏ ବୋଧିଦ୍ରୁମ ସନ୍ତାନର
ଆଶା ଭରସାର ସୁଶୀତଳ ଛାଇ ନିରାପଦ ଆଶ୍ରୟର ।
ଜୀବନ ଭୂଇଁକୁ କରିବାକୁ ସିକ୍ତ ବାପା ତ ଶୀତଳରେ
ସନ୍ତାନ ସପନ ଫଳ ଫୁଲେ ଭରି ଅନୁଭବ ସୁରକ୍ଷାର ।
କାନ୍ଧରେ ବସାଇ ହାତଧରି ସିଏ ଦୁନିଆଁ ଦେଖାଇଥାନ୍ତି
ଆଶିଷ ଅଜାଡ଼ି ସପନ ଦେଖାଇ ସେ ସଂସ୍କାର ପ୍ରତିମୂର୍ତ୍ତି
ସେ ତ ଆକାଶର ଶାନ୍ତ ପରିଭାଷା ଆଦିମୂଳ ଜୀବନର
ପିତାଙ୍କ ସନ୍ତୋଷେ ଦେବତାଙ୍କ ଠାରୁ ଝରେ ଆଶିଷର ଝର ।
ସାରା ଜୀବନ ଯେ ଦେଇଚାଲିଥାନ୍ତି ସିଏ ତ ଆମରି ପିତା
ତାଙ୍କ ପାଇଁ ଆମେ କର୍ତ୍ତବ୍ୟ କରିଲେ ହୋଇବା ଜଗତଜିତା ।

*ଶ୍ରୀ ରେସିଡେନ୍ସି, ଶୈଳଶ୍ରୀ ବିହାର, ଭୁବନେଶ୍ୱର*
*ମୋ- ୯୪୩୭୦୧୧୭୮୨*

## ସପ୍ତମ ଋତୁର ସହଯାତ୍ରୀ

**ହରିଶ୍ଚନ୍ଦ୍ର ବେହେରା**

ଏବେତ ବସନ୍ତ ଋତୁ
କେଉଁ ଅପଦେବତାର ଚକ୍ରାନ୍ତ ରେ ହଠାତ୍ ଓହ୍ଲେଇ ଆସିଲା
ସପ୍ତମ ଋତୁ ତମ ଅଗଣାକୁ
ସନ୍ଦିଗ୍ଧ ମୃଗୟାରୁ ଫେରି ନାହିଁ ରାଜ ପୁତ୍ର
କେଉଁ ବାଘର ଶିକାର ହେଲାକି କ'ଣ
ଆଶଙ୍କାରେ ମା' ତାର କାନ୍ଦୁଅଛି କୁହୁରି କୁହୁରି

ଶ୍ମଶାନର କଦମ୍ବ ଡାଳରେ କିଏ ବଜଉଛି ବଂଶୀ
ତୁମେ ନା
ଯେଉଁଠି କି ଚାହିଁଲେ ତ ଦିଶୁଛି
ତମ ପ୍ରେମମୟ ହସ୍ତର ସ୍ନେହ ସାଉଁଳା ଆଲିଙ୍ଗନ

ସଚିତ୍ର ଅନ୍ଧାରର ଚିତ୍ରପଟ୍ଟରେ
କିଏ ଆଙ୍କି ଦେଇଛି ସାମ୍ନା ସାମ୍ନି ଠିଆ ହୋଇ ଶୁଣୁଥିବା
ଆତ୍ମାର ବିଦ୍ରୋହକୁ ?

ଗୋଟେ ଫୁଲ ଚାଙ୍ଗୁଡ଼ି ଉଠେଇବାକୁ
କେଉଁ ଲୋଡ଼ା ପଡ଼ିଲା ଆଦି ଅନ୍ତ ନଥିବା କ୍ରେନଟିର
ସହାୟତା !!

ଫେରି ଚାହିଁଲେ ଦିଶେ ପ୍ରତିଟି ଶବ୍ଦରେ
ଗଭୀର ବିଶ୍ୱାସ ଆଉ ପ୍ରତ୍ୟୟର
କୁଟିକମ କାରିଗରୀ ।

ନ ଯା ନ ଯା କହୁ କହୁ
କେତେ ଦିନର ସମ୍ପର୍କକୁ ତୁଟେଇ ଦେଇ ଚାଲିଗଲ
କେଉଁ ସନ୍ଦିଗ୍ଧ ମୃଗୟାକୁ !!

ସରଳ ହୃଦ ଗଣିତ କଷୁ କଷୁ ଦୁଆର ଏ ପଟୁ
କିଏ ଜଣେ ଡାକିଦେଲା
ଅଥଚ ନ ଥିବା ଜଣକ କିଏ ହୋଇପାରେ
ଶ୍ରୀ ପଳାତକ ନା ସୀମାନ୍ତ ବାସର କପଟ ଶ୍ରୀକୃଷ୍ଣ !!

ତମ ସାଥି ହୋଇ ଯାଉଥିବା ଆଉ ଜଣକ କିଏ
କାହିଁ କହିଲନି ତ
ଲୋକଟିତ ତମ ଅତିଥି ସତ୍କାର ଦିନ ଆସିଥିଲା
ଆଉ ତମ ପୁଅ ବାଟେଇ ଦେବାକୁ ଯାଇ ଆଉ ଫେରି ନ ଥିବା
ପରି ଲାଗୁଥିଲା
ସତ ନା !

ଜାହାଜ ଆସିଛି ତମକୁ ନେବାକୁ
ବନ୍ଦାଣ ଥାଳି ହସ୍ତେ ଦେବ କନ୍ୟା ମାନେ
ସଂଖୋଳି ନେବେ ଶଙ୍ଖ ହୁଳହୁଳି ଦେଇ
ପାରିଜାତ ପୁଷ୍ପ ମାଳା ପିନ୍ଧେଇ ଗଳାରେ
କହିବ ମୋତେ ଚିହ୍ନି ପାରୁଛ କବି
ମୁଁ ପରା ତୁମ ଶ୍ରୀମତୀ ରାଧିକା !!



*କଲ୍ୟାଣ ନଗର, ବାଲେଶ୍ୱର -୧*
*ମୋ -୯୪୩୭୮୧୩୭୦୮*

## ଲାଇଫ୍ ଷ୍ଟାଇଲ୍



**ନଗେନ୍ଦ୍ର ନାଥ ପଟ୍ଟନାୟକ**

'ବି ପ୍ରାକ୍ଟିକାଲ୍ ପାପାଜୀ, ମୁଁ ନିଜ ସଂଚିତ ଅର୍ଥରାଶିରୁ ମୁମ୍ବାଇ ଭଳି ସହରରେ ଘରଟିଏ ବି ନେଇପାରୁଛି । ତାଛଡା ଆପଣଙ୍କ ଅନ୍ତେ ସବୁକିଛି ମୋର ହେଲେ ଆଜି କାହିଁକି ନୁହେଁ । ଆପଣବି ଆମ ସାଥିରେ ଚାଲନ୍ତୁ ନା । ଏଇଠି ଏବେ କଣ ରଖିଛ ଯେ !' ଅପୂର୍ବ ଚିଡିଚିଡି ହେଇ କଥାବାର୍ତ୍ତା କରୁଥିଲା ବାପାଙ୍କ ସହିତ ।

ବିମଳ ବେଶ୍ ଶାନ୍ତିରେ ତା'ର ସମସ୍ତ ଆଳାପ କାନପାତି ଶୁଣୁଥିଲା । ଜାଣିଥିଲ ନା, ରାଗରୋଷ ଦେଖାଇବା ଦ୍ୱାରା କଣ କିଛି ହୁଏନା ବୋଲି, ତା'ଛଡା ସମାଧାନର ବାଟ ବି ବାହାରିବ ନାହିଁ । ତିନିଦିନ ହେଲା ଘରେ ଏଇଭଳି ପାଟିଗୋଳ ଚାଲୁଛି । ପୁଅ-ବୋହୂ ସତେ ଯେମିତି ସ୍ଥିର କରି ଆସିଛନ୍ତି ଏଥର ଏପାରି ନଇଲେ ସେପାରି । ଦଶ ବର୍ଷର ଚାକିରି ଭିତରେ କେତେଥର ଘର ବଦଳାଇବାକୁ ପଡିଛି ସେମାନଙ୍କୁ । ସେମାନେ ବି ହନ୍ତସନ୍ତ ହେଉଛନ୍ତି, ସେଥିରେ ପୁଣି ଗୁଡାଏ ବାଜେ ଖର୍ଚ୍ଚ । ନିଜର ଲଗାମଛଡା ଖର୍ଚ୍ଚ ସବୁକୁ ନେଇ ପୁଅ ସଫେଇ ଦିଏ: ପାପା ! ଯେମିତି ଦେଶ, ସେମିତି ବେଶ । ଏବେ ସେଇଠିକା ଲାଇଫ୍ ଷ୍ଟାଇଲ୍ ସହିତ ମେଳ ନ ଖୁଆଇଲେ ପଛୁଆ ବୋଲି ଲୋକେ ଟାହିଟାପରା କରିବେ । ଲକ୍ଷାଧିକ ଥର ବୁଝାଇଲେବି ଇଏ ବୁଝୁନାହାନ୍ତି ସଂଚୟ ଜୀବନରେ କେତେ ଜରୁରୀ । ଏମିତି ତ ଘରୋଇ ଚାକିରି, କମ୍ପାନୀ ବହୁରାଷ୍ଟ୍ରୀୟ ।

ରାତିରେ ସମସ୍ତେ ଯେତେବେଳେ ଖାଇବା ପାଇଁ ବସିପଡିଲେ ଅପୂର୍ବ କହି ପକାଇଲା: ମୁଁ ତ ତୁମ କଥାରେ ସହମତ । ଯଦି ଘରକୁ ବିକିବା ଏତେ ଜରୁରୀ ତା'ହେଲେ ଗୋଟିଏ ବାଟ ଅଛି । ପୂର୍ବଜଙ୍କ ସମ୍ପତ୍ତି ଉପରେ ତୁମର ବି ହକ୍ ଅଛି । ଏ କଥାରୁ ତୁମେ ଫାଇଦା ଉଠେଇବାକୁ ଚାହୁଁଛ । ତୁମେ ଯଦି ଟିକିଏ ପ୍ଲାନିଂ କରିଚାଲିଥାନ୍ତ ତେବେ ଏପର୍ଯ୍ୟନ୍ତ ନିଜର ଘର ଖଣ୍ଡେ ହୋଇଥାନ୍ତା । କିନ୍ତୁ ଆଡମ୍ବରପୂର୍ଣ୍ଣ ଜୀବନ ବଞ୍ଚିବାକୁ ଖୁବ୍ ପସନ୍ଦ କରୁଛ । ମୁଁ ଏଇ ଘରକୁ ବିକିବାଲାଗି ପ୍ରସ୍ତୁତ, ଏଇଟାର ଯେତିକିବି ଦାମ୍ ମିଳିବ ସେଥିରୁ ମୁଁ ଅଧେ ତୁମକୁ ଦେବି । ବାକି ଅଧାର ମାଲିକ ମୁଁ । ସେଥିରେ ମୁଁ ଯାହାବି କରେ ତୁମକୁ ପଚାରିବି ନାହିଁ । ଆମେ ତୁମ ସାଙ୍ଗରେ ରହିପାରିବୁ ନାହିଁ ବୋଲି ତୁମେବି ଜାଣିଛ । ତୁମ ଲାଇଫ୍ ଷ୍ଟାଇଲ୍ ସହିତ ଆମେ ଖାପ ଖୁଆଇ ଚାଲିପାରିବୁ ନାହିଁ । ତେଣୁ ଆମେ ଦୁହେଁ ଏଇଠି ଭଲରେ ଅଛୁ । ତୁମେ ଥରୁଟିଏ ନିଜ ମୂଳରୁ କଟିଗଲେ ପୁଣି ଏଇଠିବି ଯୋଡି ହୋଇଯିବ । କିନ୍ତୁ ମତେ ଏହି ମୂଳ ସହିତ ଯୋଡି ହୋଇ ରହିବାକୁ ପଡିବ । ଶୁଖିଯାଇ ପଡିଯିବି ପଛେ ଏଇ ଗଛର ମୂଳ ହୋଇ ରହିବି । ଏଇ ବୟସର ସାୟାହ୍ନରେ ଆମର ଖୋଲା ଆକାଶ ଦରକାର । ତୁମ ପଂଜୁରିର ଚଢେଇ ହୋଇ ରହିବାଠୁ ବହୁତ ଭଲ ନିଜ ଆକାଶରେ ସ୍ୱାଧୀନ ଭାବେ ଘୂରିବୁଲିବା ।

ତୁମେ ଏଇ ଭାବନାକୁ କେବେବି ବୁଝିପାରିବ ନାହିଁ । ତୁମ କଥା ଛାଡ, ତୁମରି ପିଢି ହିଁ ଏଇ ଅନୁଭବରୁ ଏକ ପ୍ରକାର ବଂଚିତ । କାରଣ ତୁମେମାନେ କେବେହେଲେ ପଡା, ନିଜ ସହର ଆଉ ସେଇଠିକା ଲୋକଙ୍କୁ ଆପଣାଇ ନାହଁ । ତୁମେ ଆଗକୁ ବଢିବାର ପ୍ରତିଯୋଗିତାରେ ସମସ୍ତଙ୍କୁ କେବଳ ପାନ୍ଥଶାଳା ଭଳି ବ୍ୟବହାର କରି ବଢିଚାଲିଛ । ତୁମେ କଣ ଜାଣିଛ ସମ୍ପର୍କ, ପରିବାରର ମୂଲ୍ୟ । ତୁମେ ସମସ୍ତଙ୍କ ପାଇଁ ସଫଳତା ଓ ଉନ୍ନତି ତଥା ବିକାଶ ହିଁ ସବୁକିଛି । କିନ୍ତୁ ଦିନ ଆସିବ ଯେତେବେଳେ ଏ ସବୁର ମୂଲ୍ୟ ବୁଝିଯିବ । ନିଜର ଭାଗ ଅଂଶ ମିଳିଗଲା ପରେ ହୁଏତ ତୁମେ ଏଠିକି ଆସିବାକୁ ବି ପସନ୍ଦ କରୁନ ।

ଅପୂର୍ବ ଓ ତା' ଧର୍ମପତ୍ନୀ ତଳକୁ ମୁଣ୍ଡପୋତି ଏକାଗ୍ରତାର ସହ ଶୁଣୁଥିଲେ ସବୁକିଛି । ତାଙ୍କ ପାପାଙ୍କ କଥା ସବୁର ମର୍ମ ବୁଝିବାଠୁ ବେଶି ଖୁସୀ ଥିଲେ ସେଇ ଗୋଟିଏ କଥାକୁ ନେଇ । ପରିଶେଷରେ ସେମାନେ ବି ରାଜି ହୋଇଯାଇଥିଲେ । ମା'ଙ୍କ ଆଖି ଲୁହରେ ଡବଡବ; କିନ୍ତୁ ସେ ନିଜକୁ ଦମ୍ଭକରି ବସିଥିଲେ । ବାସ୍ତବଧର୍ମୀ ହେବା ତ ଦୁନିଆର ଏକ ରଙ୍ଗ ।

*ଅତିରିକ୍ତ ଶାସନ ସଚିବ, ଲକ୍ଷ୍ମୀସାଗର, କେନାଲ୍‌ରୋଡ୍*
*ମୋ-୯୪୩୮୩୩୨୧୩୮*

## ପ୍ରାପ୍ତି

**ଡ଼ ଚନ୍ଦ୍ରକଳା ନାୟକ**



ନିରୋଳା କୋଳାହଳ ନିର୍ଜନତାର ସ୍ୱର
ନିଜର ପସନ୍ଦ ଭିତରେ ସବୁ ନିର୍ଯ୍ୟାସ
ଖୋଜିବାର
ଇଚ୍ଛା ଓ ଅଭିପ୍ସା ।
ସବୁ ପରେ ଲାଗେ ତୁମେ ଯାହା
ବାସ୍ତବରେ ତାହା ନୁହଁ
ଏ ଭିନ୍ନ ପୃଥିବୀର ପଥିକ ।
ତୁମ ବଡ ସହରର ଚାକଚକ୍ୟ
ପରିପୂର୍ଣ୍ଣ ଘର ଗୁଡିକ
ମୋ ସହରର ଘର ଠାରୁ ଛୋଟ ।
ମୋ ସହରର ଘରେ
ସ୍ପନ୍ଦନ ଅଛି
ଅଛି ନୀରବତା, ସ୍ନେହ
କାନ୍ଥର ଚାଦର ତଳେ
ଆଲିଙ୍ଗନର ଚରମ ଶାନ୍ତି ।
ମୋ ଛୋଟ ଘର ଭିତରେ
ଝରକା ଦେଇ
ସଙ୍ଗୀତର ମୂର୍ଚ୍ଛନା ଆସେ
ଘୁଙ୍ଗୁର ପିନ୍ଧି ସେ ଚାଲେ
ମୋତେ ମତୁଆଲା କରେ ।
ତୋ ନିର୍ଜିବ ସହର
ମୋ ଘର ଠାରୁ ସଂପୂର୍ଣ୍ଣ ଭିନ୍ନ
ସେଠି ଖାଲି ଶୂନ୍ୟତା
ଏଠି କିନ୍ତୁ ପୂର୍ଣ୍ଣତା ଓ ପ୍ରାପ୍ତି ।

*ଅଧ୍ୟାପିକା, ମହାପୁରୁଷ ହାଡିଦାସ ମହାବିଦ୍ୟାଳୟ, ଛତିଆ, ଯାଜପୁର*
*ମୋ-୯୪୩୭୯୫୭୬୧୭*

## କବିତା ଗୋ !

**ପ୍ରଣୀତା ମିଶ୍ର**

ତୁମେ ଘେରିଥାଅ ଚତୁଃପାର୍ଶ୍ୱରେ
ମୁଁ ଖେଳୁଥାଏ ଚକା ଭଉଁରୀ
ତୁମକୁ ଛୁଇଁବାକୁ
ତୁମେ ଲୁଚିଯାଅ ଚଟ୍ କରି
ଶୁଭୁଥାଏ ତୁମ ହସ
ମୁଁ କିନ୍ତୁ ପାରେନାହିଁ
ତୁମକୁ ଯେ ଧରି ।
ମନ ହୁଏ ଆନମନା
ଆଖି କୋଣରେ ଶ୍ରାବଣ
ତୁମେ କିନ୍ତୁ ଝୁଲୁଥାଅ ଦୂରେ
ବାଇଆ ବସାରେ
ତୁମର କି ଯାଏ ଆସେ ।
ନା, ଆଉ କେବେ ଖୋଜିବିନି ତୁମକୁ
ତୁମେ କିନ୍ତୁ ଭିଡିଧର ନିବିଡ଼ରେ
ନିଶାର୍ଦ୍ଧ ରାତ୍ରରେ
ଜହ୍ନତାରା ମେଳରେ
ଶୀତଳ ମଳୟରେ ।
ଦେଖେ ବି ତୁମକୁ
ପ୍ରଭାତ କିରଣରେ
ପକ୍ଷୀର କାକଳିରେ
ଫୁଲର ସୁଗନ୍ଧରେ
ସେ ବୁଭୁକ୍ଷିତ ଲଙ୍ଗଳା ପିଲାର
ପେଟର ଭୋକରେ ।
ତୁମେ ଆସି ବେଳେବେଳେ
ଛିଡ଼ାହୁଅ ସାମ୍ନାରେ
ଭରିଦିଅ ବଳ କଲମରେ
ଯେତେବେଳେ ମନ ହୁଏ କ୍ଷତାକ୍ତ
ବିନା ଲହୁରେ ବି ଝରିଯାଏ ଲୁହ
ତୋଳିବାକୁ ସ୍ୱର କାଗଜରେ ।
ଜୀବନ୍ତ ରୂପ ନିଏ
ନିର୍ଜୀବ ବର୍ଣ୍ଣମାଳା
ତୁମେ ଯେବେ କଥାକୁହ
ଝରଝର ଝରିଯାଅ
ଧଳା କାଗଜରେ
ସାଜି ଏକ ସ୍ରୋତସ୍ୱିନୀ ଧାରା ।
ଛାଇ ପରି ରହି ସାଥେ ସାଥେ
ଜୀବନ କରିଛ ଧନ୍ୟ
ସଖା ସହୋଦର ପଣେ
ଭରିଦେଇ ଅମୀୟ ପୀରତି
କବିତା ଗୋ !
ତୁମ ପାଇଁ ସମର୍ପିତ ଏ ଜୀବନ
ସମ୍ପୂର୍ଣ୍ଣ ଆୟୁଷ
ବର୍ଷ ମାସ ଦିନ ପରେ ଦିନ ।

*ଭୁବନେଶ୍ୱର*

## ବୋଉ

**ରଶ୍ମିତା ସେଠୀ**

ବୋଉ ଚିହ୍ନିପାରେ ଅବୁଝା ମନକୁ
ବୋଉ ଚିହ୍ନିପାରେ ପେଟର ଭୋକକୁ
ବୋଉ ଜାଳୁଥାଏ ସଞ୍ଜଦୀପଟିଏ ହେଇ
ଚଉରା ମୂଳରେ ସଭିଙ୍କ ଶୁଭ ମନାସି
ନିଜ ପାଇଁ କେବେ କିଛି ମାଗିବାର
ଦିନେ ହେଲେ ଦେଖିନାହିଁ ତାକୁ
ବରଂ ସବୁତକ ସୁଖ ଆମ ଆଞ୍ଜୁଳାରେ
ଭରିଦେଇ ନିଜ ପାଇଁ ସାଉଁଟି ନିଏ
କେତେ ସବୁ ଦୁଃଖ ।
ସୁଖ ଦୁଃଖର ଜଞ୍ଜାଳ ଭିତରେ
ଡହ ଡହ ଡହକୁଥାଏ ତା ଜୀବନ
ମହ ମହ ମହକୁ ଥାଏ ତା ମମତାର ଅଗଣା
ନା ଥାଏ ଅଭିଯୋଗ ନା ଥାଏ ଅଭିମାନ
ସଭିଙ୍କୁ ଆପଣାର କରି
ନିଜ କଥା ଭୁଲିଯାଏ
ବୋଉ ମାଟି ପରି ହସି ହସି ସବୁ ସହେ
ଜୀବନ ତମାମ ।



*ହଳଦୀପଦା, କଲ୍ୟାଣପୁର, ଖୋର୍ଦ୍ଧା*

## ତୁମେ

**ରମାକାନ୍ତ ଦାସ**

ତୁମେ କେବେ ବାଦଲଟେ
ସାଜି ବରଷି ଯାଅ
ମୋ ପ୍ରେମର ସହରେ
ତୁମେ କେବେ ପବନ
ପରିକା ମିଶିଯାଅ
ମୋ ପ୍ରତିଟି ନିଶ୍ୱାସରେ ।।

ତୁମେ କେବେ ଅଜାଣତେ
ମତେ ଛନ୍ଦିଦିଅ
ତୁମ ପ୍ରେମର ମାୟା ଜାଲରେ
ତୁମେ କେବେ ଆସ
ନିର୍ଜନ ଅନ୍ଧାରେ
ମୋ ଚେନା ଚେନା ସପନରେ ।।

ତୁମେ କେବେ ଆସ
ମେଘ ସବାରୀରେ
ସୁନା କନିଆଁଟେ ହୋଇ
ତୁମେ କେବେ ଆସ
ଗୋଧୂଳି ଲଗନେ
ଗଭାରେ ଗଜରା ନାଇ ।।

ତୁମେ କେବେ ତୁମ
ପ୍ରତିଛବି ଆଙ୍କ
ଯାଯବର ମୋ ହୃଦୟ କାନ୍ଥରେ
ତୁମେ କେବେ ଆସି
ମୋ ତନୁ ମନ ଛୁଅଁ
ପଳାଶ ଫୁଟାଅ ପଥର ଦେହରେ ।।

ତୁମେ କେବେ ବକ୍ଷେ
କର ଆଲିଙ୍ଗନ
ଆସି ସପନରେ ଗୋପନରେ
ତୁମେ କେବେ ମୋ
ପ୍ରାଣକୁ କୁହୁଳାଅ
ତୁମ ଯଉବନ ତୀରେ ।।

ତୁମେ କେବେ ମତେ
ଅଧିର କର
ତୁମ ପ୍ରୀତିର ଛୁଆଁରେ
ଯଉବନ ମୋର
ଯାଯାବର ତୁମପାଇଁ
ଧରା ଦିଅନାହିଁ ଥରେ ।।

*ନନ୍ଦିଗ୍ରାମ, ନାଉଗାଁ, ଜଗତସିଂହପୁର*
*ମୋ- ୯୬୬୮୮୧୫୩୬୯*

# ମଦୁରାଇରେ ଖେଳାଯିବ ଜୁନିୟର ପୁରୁଷ ହକି ବିଶ୍ୱକପ୍ : ଦିଲ୍ଲୀପ ତିର୍କୀ



**ଚେନ୍ନାଇ**

ଚେନ୍ନାଇ ଓ ମଦୁରାଇରେ ଏଫ୍‌ଆଇଏଚ୍ ଜୁନିୟର ପୁରୁଷ ହକି ବିଶ୍ୱକପ୍ ନଭେମ୍ବର ୨୮ରୁ ଡିସେମ୍ବର ୧୦ ପର୍ଯ୍ୟନ୍ତ ଖେଳାଯିବ। ହକି ଇଣ୍ଡିଆ ସଭାପତି ଦିଲ୍ଲୀପ ତିର୍କୀ ଶୁକ୍ରବାର ଏହି ଘୋଷଣା କରିଛନ୍ତି। ଟାଇଟଲ ଲଢେଇରେ ପ୍ରଥମ ଥର ୨୪ଟି ଦଳ ଭାଗ ନେଉଛନ୍ତି। ଭାରତରେ ତୃତୀୟ ଥର ପାଇଁ ଏହି ଟୁର୍ଣ୍ଣାମେଣ୍ଟ ଆୟୋଜନ ହେବାକୁ ଯାଉଛି। ପୂର୍ବରୁ ୨୦୧୬ ଓ ୨୦୨୧ରେ ଭୁବନେଶ୍ୱରରେ ଓ ଲକ୍ଷ୍ନୌରେ ଆୟୋଜିତ ହୋଇଥିଲା। ଭୁବନେଶ୍ୱରରେ ଭାରତ ଚାମ୍ପିୟନ ହୋଇଥିଲା। ୨୦୨୧ରେ ଆର୍ଜେଣ୍ଟିନା ଟାଇଟଲ ବିଜୟୀ ହୋଇଥିଲା। ୨୦୨୩ରେ ଗତ ସଂସ୍କରଣ କୁଆଲାଲମ୍ପୁରରେ ଖେଳାଯାଇଥିଲା। ଏଥିରେ ଭାରତ ସେମିଫାଇନାଲ ଓ ବ୍ରୋଞ୍ଜ ପଦକ ପ୍ଲେଅଫ୍ ହାରି ଚତୁର୍ଥ ସ୍ଥାନରେ ରହିଥିଲା।

# ଚେନ୍ନାଇ ସୁପର କିଙ୍ଗ୍‌ସଙ୍କୁ ୫୦ ରନ୍‌ରେ ହରାଇଲା ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ

**ନୂଆଦିଲ୍ଲୀ**



ଚେନ୍ନାଇର ଏମଏ ଚିଦାମ୍ବରମ ଷ୍ଟାଡିୟମରେ ଚାଲିଥିବା ଆଇପିଏଲ ୨୦୨୫ର ଶୁକ୍ରବାର ଅଷ୍ଟମ ମ୍ୟାଚ୍‌ରେ ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ ଓ ଚେନ୍ନାଇ ସୁପର କିଙ୍ଗସ ମଧ୍ୟରେ ମ୍ୟାଚ୍ ହୋଇଥିଲା। ଟସ୍ ଜିତି ଚେନ୍ନାଇ ସୁପର କିଙ୍ଗ୍‌ସ ଫିଲ୍ଡିଂ କରିବାକୁ ନିଷ୍ପତ୍ତି ନେଇ ଥିଲା। ଚେନ୍ନାଇ ସୁପର କିଙ୍ଗସଙ୍କୁ ୧୯୭ ରନର ବିଜୟ ଲକ୍ଷ୍ୟ ଦେଇଥିଲା ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ।

ନିର୍ଦ୍ଧାରିତ ୨୦ ଓଭରରେ ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ ୭ଟି ୱିକେଟ ହରାଇ ୧୯୬ ରନ ସ୍କୋର କରିଥିଲା। ଫିଲ ସଲ୍ଟ ୩୨ ରନ ସ୍କୋର କରିଥିବା ବେଳେ ବିରାଟ କୋହଲି ୩୧, ଦେବଦତ୍ତ ପଡ଼ିକ୍କଲ ୨୭, ରଜତ ପଟିଦାର ୫୧, ଲିଅମ ଲିଭିଂଷ୍ଟୋନ ୧୦, ଜୀତେଶ ଶର୍ମା ୧୨ ଓ ଟିମ୍ ଡାଭିଡ୍ ୨୨ ରନ ସ୍କୋର କରିଥିଲେ। ସେହିପରି ନୁର ଅହମଦ ୩ଟି ୱିକେଟ ଅକ୍ତିଆର କରିଥିବା ବେଳେ ମଥିଶା ପଥିରାନା ୨ଟି ଓ ଖଲିଲ ଅହମଦ ଏବଂ ରବିଚନ୍ଦ୍ରନ ଅଶ୍ୱିନୀ ଗୋଟିଏ ଲେଖାଏଁ ୱିକେଟ ନେଇଥିଲେ।

ରଜତ ପାଟିଦାରଙ୍କ କ୍ୟାପ୍ଟେନ ଇନିଂସ ଓ ବୋଲରଙ୍କ ଘାତକ ବୋଲିଂ ବଳରେ ଆରସିବି ଏକ ବଡ଼ ବିଜୟ ହାସଲ କରିଛି। ଚେନ୍ନାଇ ସୁପର କିଙ୍ଗ୍ସକୁ ୫୦ ରନ୍ ପରାସ୍ତ କରି ଆରସିବି ଲଗାତାର ଦୁଇଟି ମ୍ୟାଚ୍ ଜିତିଛି। ଚେନ୍ନାଇ ପାଇଁ ରଚିନ ରବିନ୍ଦ୍ର ସର୍ବାଧିକ ୪୧ ରନ୍ କରିଥିବା ବେଳେ ଅନ୍ୟ କୌଣସି ଖେଳାଳି ବଡ଼ ସ୍କୋର କରିପାରି ନଥିଲେ।

୧୯୭ ରନ୍ ବିଜୟ ଲକ୍ଷ୍ୟ ନେଇ ପଡ଼ିଆକୁ ଓହ୍ଲାଇଥିବା ଚେନ୍ନାଇକୁ ଆରମ୍ଭରୁ ହିଁ ବଡ଼ ଝଟ୍‌କା ଲାଗିଥିଲା। ଦ୍ୱିତୀୟ ଓଭରରେ ହିଁ ଟିମ୍ ଦୁଇଟି ଗୁରୁତ୍ୱପୂର୍ଣ୍ଣ ୱିକେଟ୍ ହରାଇଥିଲା। ରାହୁଲ ତ୍ରିପାଠୀ (୫) ଓ ଅଧିନାୟକ ଋତୁରାଜ ଗାଏକ୍ୱାଡ୍ (୦) ରନ୍ କରି ଜୋଶ ହେଜଲଉଡଙ୍କ ଶିକାର ହୋଇଥିଲେ। ଏହାପରେ ଦୀପକ ହୁଡ୍ଡାଙ୍କୁ ୪ ରନରେ ଆଉଟ୍ କରାଇଥିଲେ ଭୁବନେଶ୍ୱର କୁମାର। ରଚିନ୍ ରବିନ୍ଦ୍ର ୪୧, ସାମ୍ କୁରାନ ୮, ଶିଭମ ଦୁବେ ୧୯, ଅଶ୍ୱିନ ୧୧ ରନ୍ କରି ଆଉଟ୍ ହୋଇଥିଲେ। ଧୋନୀ ୧୬ ବଲରେ ୩୦ ରନ୍ କରି ଅପରାଜିତ ରହିଥିଲେ। ବେଙ୍ଗାଲୁରୁ ପାଇଁ ଜୋଶ ହେଜଲଉଡ୍, ଲିଆମ୍ ଲିଭିଙ୍ଗଷ୍ଟନ୍, ଯଶ ଦୟାଲ ଦୁଇଟି ଲେଖାଏ ୱିକେଟ୍ ନେଇଥିଲେ। ଚେନ୍ନାଇ ୨୦ ଓଭରରେ ୮ ୱିକେଟ୍ ହରାଇ ୧୪୮ ରନ୍ କରିବାରେ ସକ୍ଷମ ହେଲା।

# ଖରାପ ପ୍ରଦର୍ଶନ ପାଇଁ ଖୁବ୍ ଟ୍ରୋଲ ହେଉଛନ୍ତି ପନ୍ତ



**ନୂଆଦିଲ୍ଲୀ**

ଆଇପିଏଲ ୨୦୨୫ ଋଷଭ ପନ୍ତଙ୍କ ପାଇଁ ଭଲ ନଥିଲା। ଏପର୍ଯ୍ୟନ୍ତ ସେ ଦୁଇଟି ମ୍ୟାଚ୍ ଖେଳି ସାରିଛନ୍ତି। ସେ ସମୟରେ ତାଙ୍କ ବ୍ୟାଟ ରନ ସ୍କୋର କରିବାରେ ବିଫଳ ହୋଇଥିଲା। ଦିଲ୍ଲୀ କ୍ୟାପିଟାଲ୍ସ ବିପକ୍ଷ ପ୍ରଥମ ମ୍ୟାଚରେ ତାଙ୍କର ଖାତା ମଧ୍ୟ ଖୋଲିନଥିଲା। ଗତକାଲି ସନରାଇଜର୍ସ ହାଇଦ୍ରାବାଦ ବିପକ୍ଷରେ ପନ୍ତଙ୍କୁ ସଂଘର୍ଷ କରୁଥିବାର ମଧ୍ୟ ଦେଖାଯାଇଥିଲା। ୨୭ ବର୍ଷୀୟ ଖେଳାଳି ତାଙ୍କ ଫିସ ସହିତ ନ୍ୟାୟ କରିପାରୁ ନାହାଁନ୍ତି। ତାଙ୍କୁ ସୋସିଆଲ ମିଡିଆରେ ବହୁତ ଟ୍ରୋଲ କରାଯାଉଛି। ଗୁରୁବାର ହାଇଦ୍ରାବାଦରେ ଲକ୍ଷ୍ନୌ ସୁପରଜାଏଣ୍ଟସ ଏବଂ ସନରାଇଜର୍ସ ହାଇଦ୍ରାବାଦ ମୁହାଁମୁହିଁ ହୋଇଥିଲେ। ରାଜୀବ ଗାନ୍ଧୀ ଆନ୍ତର୍ଜାତୀୟ ଷ୍ଟାଡିୟମରେ ଖେଳାଯାଇଥିଲା। ଲକ୍ଷ୍ନୌ ଦଳ ପ୍ରଥମେ ବ୍ୟାଟିଂ କରିବାକୁ ଆସିଥିଲା। ଏହି ମ୍ୟାଚ୍‌ରେ ଅଧିନାୟକ ଋଷଭ ପନ୍ତ ବିଶେଷ କିଛି କରିପାରିଲେ ନାହିଁ। ବାମହାତୀ ବ୍ୟାଟ୍ସମ୍ୟାନ ୧୫ ବଲରେ ୧୫ ରନ କରିବା ପରେ ଆଉଟ ହୋଇଯାଇଥିଲେ। ତାଙ୍କ ଇନିଂସରେ ଗୋଟିଏ ଚୌକା ସାମିଲ ଥିଲା। ହର୍ଷଲ ପଟେଲ ତାଙ୍କୁ ମହମ୍ମଦ ଶାମିଙ୍କ ହାତରେ କ୍ୟାଚ କରାଇ ପାଭିଲିୟନ ପଠାଇ ଦେଇଥିଲେ।

ପୂର୍ବରୁ ଦିଲ୍ଲୀ କ୍ୟାପିଟାଲ୍ସ ବିପକ୍ଷ ପ୍ରଥମ ମ୍ୟାଚରେ ଋଷଭ ପନ୍ତ ସମାନ ପରିସ୍ଥିତିର ସମ୍ମୁଖୀନ ହୋଇଥିଲେ। ୨୪ ମାର୍ଚ୍ଚରେ ଅନୁଷ୍ଠିତ ମ୍ୟାଚରେ ପନ୍ତ ଶୂନ୍ୟ ସ୍କୋରରେ ଆଉଟ ହୋଇଥିଲେ। ଲକ୍ଷ୍ନୌ ଅଧିନାୟକ ତାଙ୍କ ଇନିଂସ ସମୟରେ ୬ଟି ବଲର ସମ୍ମୁଖୀନ ହୋଇଥିଲେ। ତଥାପି ସେ ଏହି ୬ ବଲରେ ଗୋଟିଏ ବି ରନ କରିପାରି ନଥିଲେ। ଏପର୍ଯ୍ୟନ୍ତ ଖେଳାଯାଇଥିବା ଦୁଇଟି ମ୍ୟାଚ ମିଶାଇ, ୱିକେଟକିପର ବ୍ୟାଟସମ୍ୟାନ ମୋଟ ୧୫ ରନ କରିଛନ୍ତି। ତାଙ୍କ ଦଳ ଆଗାମୀ ମ୍ୟାଚଗୁଡ଼ିକରେ ତାଙ୍କଠାରୁ ଭଲ ପ୍ରଦର୍ଶନ ଆଶା କରିବ।

# ଜାତୀୟ ରେକର୍ଡ ଭାଙ୍ଗିଲେ ଗୁରିନ୍ଦରବୀର ସିଂ

**ବେଙ୍ଗାଲୁରୁ**



ଗୁରିନ୍ଦରବୀର ସିଂ ରେକର୍ଡ ବୁକ୍‌ରେ ସ୍ଥାନ ପାଇଛନ୍ତି। ବେଙ୍ଗାଲୁରୁରେ ଚାଲିଥିବା ଇଣ୍ଡିଆନ ଗ୍ରାଁ ପ୍ରି-୧ରେ ସେ ୧୦.୨୦ ସେକେଣ୍ଡ ଟାଇମିଂରେ ପୁରୁଷ ୧୦୦ ମିଟର ନୂଆ ଜାତୀୟ ରେକର୍ଡ ସୃଷ୍ଟି କରିଛନ୍ତି। ପଞ୍ଜାବର ଏହି ୨୪ ବର୍ଷୀୟ ସ୍ପ୍ରିଣ୍ଟର ମଣିକାନ୍ତ ହୋବ୍‌ଲିଧରଙ୍କ ରେକର୍ଡକୁ ଭାଙ୍ଗି ଦେଇଛନ୍ତି। ମଣିକାନ୍ତ ୨୦୨୩ ଅକ୍ଟୋବରରେ ୧୦.୨୩ ଟାଇମିଂରେ ରେକର୍ଡର ଅଧିକାରୀ ହୋଇଥିଲେ। ଗୁରିନ୍ଦରବୀରଙ୍କ ପୂର୍ବ ବ୍ୟକ୍ତିଗତ ଶ୍ରେଷ୍ଠ ପ୍ରଦର୍ଶନ ୨୦୨୧ରେ ୧୦.୨୭ ସେକେଣ୍ଡ ରହିଥିଲା। ସେ ୧୦.୨୨ ଟାଇମିଂରେ ସ୍ୱଳ୍ପ ବ୍ୟବଧାନରେ ଦ୍ୱିତୀୟ ସ୍ଥାନରେ ରହିଥିଲେ। ଗୁରିନ୍ଦରବୀର ପୂର୍ବରୁ ୨୦୨୧ ଓ ୨୦୨୪ ଜାତୀୟ ଆନ୍ତଃରାଜ୍ୟ ଚାମ୍ପିୟନସିପ୍ ସମେତ ୨୦୨୪ ଫେଡେରେସନ କପ୍‌ରେ ୧୦୦ ମିଟରରେ ସ୍ୱର୍ଣ୍ଣ ଜିତିଛନ୍ତି।

# କୋହଲିଙ୍କ ଦରମାରୁ କଟିବ ୮କୋଟି ଟଙ୍କା

**ନୂଆଦିଲ୍ଲୀ**

ବିରାଟ କୋହଲି ଆଇପିଏଲର ଜଣେ ଷ୍ଟାର ଖେଳାଳି। ଏହି ଟୁର୍ଣ୍ଣାମେଣ୍ଟରେ ତାଙ୍କର ଏକ ବଡ଼ ପ୍ରଭାବ ରହିଛି। ସେ ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ (ଆରସିବି) ପାଇଁ ଡେବ୍ୟୁ କରିବା ଦିନଠାରୁ, ସେ ଫ୍ରାଞ୍ଚାଇଜ ପାଇଁ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଖେଳାଳି ହୋଇଛନ୍ତି। ଏହି କାରଣରୁ ଆରସିବି ତାଙ୍କୁ କେବେ ଛାଡ଼ିନଥିଲା ଏବଂ ବର୍ଷ ପରେ ବର୍ଷ ତାଙ୍କର ଦରମା ବୃଦ୍ଧି କରିଚାଲିଥିଲା। ଏହି ସିଜିନ ପାଇଁ ତାଙ୍କୁ ୨୧ କୋଟି ଟଙ୍କାରେ ରଖାଯାଇଥିଲା, କିନ୍ତୁ ସଦ୍ୟତମ ରିପୋର୍ଟ ଅନୁସାରେ, ସେ ଏଥିରୁ କେବଳ ୧୩ କୋଟି ଟଙ୍କା ପାଇବେ। ଏହାର ଅର୍ଥ ହେଉଛି ତାଙ୍କ ଦରମାରୁ ୮ କୋଟି ଟଙ୍କା କଟାଯିବ।

ପ୍ରକୃତରେ, ଆୟକର ଆଇନ, ୧୯୬୧ର ନିୟମ ଅନୁଯାୟୀ, ଆଇପିଏଲ ଆୟକୁ "ବ୍ୟବସାୟ କିମ୍ବା ବୃତ୍ତିରୁ ଆୟ" ଭାବରେ ଗଣନା କରାଯାଏ। ତେଣୁ ଏହି ଆୟ ସର୍ବୋଚ୍ଚ ଟିକସ ବର୍ଗରେ ଆସେ। ଏହାର ଅର୍ଥ ହେଉଛି କୋହଲିଙ୍କ ଆୟ ୧୫ ଲକ୍ଷ ଟଙ୍କାରୁ ଅଧିକ ହୋଇଥିବାରୁ ତାଙ୍କୁ ତାଙ୍କ ୨୧ କୋଟି ଟଙ୍କା ଦରମା ଉପରେ ୩୦% ଟିକସ ଦେବାକୁ ପଡ଼ିବ। ଏହି ଅନୁସାରେ, ଟିକସ ୬.୩ କୋଟି ଟଙ୍କା ଆସେ।

ସେହିପରି ଯଦି ଆୟ ୫ କୋଟି ଟଙ୍କାରୁ ଅଧିକ ହୁଏ, ତେବେ ଟିକସ ବ୍ୟତୀତ ୨୫% ସରଚାର୍ଜ ମଧ୍ୟ ଦେବାକୁ ପଡ଼ିବ। ଏହି ଅନୁସାରେ ତାଙ୍କ ଦରମାରୁ ଆଉ ୧.୫୭୫ କୋଟି ଟଙ୍କା କଟାଯିବ। ଏହା ପରେ ତାଙ୍କୁ ମୋଟ ଟିକସ ଉପରେ ୪% ସେସ୍ ଭାବରେ ପୃଥକ ଭାବରେ ୩୧ ଲକ୍ଷ ଟଙ୍କା ଦେବାକୁ ପଡ଼ିବ। ଏହିପରି ଭାବରେ କୋହଲିଙ୍କ ଦରମାରୁ ମୋଟ ୮.୧୮୫ କୋଟି ଟଙ୍କା କଟାଯିବ ଏବଂ ସେ କେବଳ ୧୨.୮୧୫ କୋଟି ଟଙ୍କା (ପ୍ରାୟ ୧୩ କୋଟି ଟଙ୍କା) ପାଇବେ।

ବିରାଟ କୋହଲି ୨୦୦୮ ମସିହାରେ ଆଇପିଏଲରେ ତାଙ୍କର ଯାତ୍ରା ଆରମ୍ଭ କରିଥିଲେ। ସେତେବେଳେ ତାଙ୍କର ଦରମା ମାତ୍ର ୧୨ ଲକ୍ଷ ଟଙ୍କା ଥିଲା। ୩ଟି ସିଜିନ ପରେ, ୨୦୧୧ରେ ଏହା ୮.୨୮ କୋଟିକୁ ବୃଦ୍ଧି ପାଇଲା। ଯଦିଓ, ୨୦୧୪ ରୁ ୨୦୧୭ ପର୍ଯ୍ୟନ୍ତ ତାଙ୍କର ଦରମା ୧୨ କୋଟି ଟଙ୍କା ଥିଲା, କିନ୍ତୁ ୨୦୧୮ ରୁ ୨୦୨୧ ପର୍ଯ୍ୟନ୍ତ ଏହା ୧୭ କୋଟି ଟଙ୍କାରେ ପହଞ୍ଚିଛି। ତାଙ୍କୁ ୨୦୨୨ ରୁ ୨୦୨୪ ପର୍ଯ୍ୟନ୍ତ ୧୫ କୋଟି ଟଙ୍କା ମିଳିଥିଲା ଏବଂ ଏବେ ତାଙ୍କର ଦରମା ୨୧ କୋଟି ଟଙ୍କା ହୋଇଯାଇଛି।

# ଭଲିବଲ୍ ପରେ ଏବେ ବାସ୍କେଟବଲ୍ ସ୍ଥାନ ସ୍ଥାନାନ୍ତର ପାଇଁ ଷଡ଼ଯନ୍ତ୍ର

**ବ୍ରହ୍ମପୁର, ନ୍ୟୁଜ୍‌ବ୍ୟୁରୋ**



ସହରକୁ ଭାରତ୍ତୋଳନ, ବାସ୍କେଟବଲ୍ ଓ ଭଲିବଲ୍ ଭଳି ଖେଳର ଏନ୍ତୁଡ଼ିଶାଳ ବୋଲି କୁହାଯାଏ। ହେଲେ କ୍ରୀଡ଼ା କ୍ଷେତ୍ରରେ ଜଟିଳ କୁଟନୀତିର ଶିକାର ହୋଇଛି ଏହି ପୁରାତନ ସହର। ସମସ୍ତ ଭିତିଭୂମି ଥିବା ସତ୍ତ୍ୱେ ଖେଳକୁ ଆଗେଇ ନେବା ପରିବର୍ତ୍ତେ ପଛରୁ ଗୋଡ଼ ଟାଣି ଉଭୟ ଖେଳ ଓ ଖେଳାଳିଙ୍କୁ ନିରୁତ୍ସାହିତ କରାଯାଉଥିବା ପରିଲକ୍ଷିତ ହେଉଛି। ବ୍ରହ୍ମପୁର ଷ୍ଟାଡ଼ିୟମରେ ପୂର୍ବରୁ ଭଲିବଲ୍ ଓ ଭାରତ୍ତୋଳନ ଭଳି ଖେଳରେ ରାଜ୍ୟ କ୍ରୀଡ଼ା ବିଭାଗ ପକ୍ଷରୁ ଛାତ୍ରାବାସ ଆରମ୍ଭ କରାଯାଇଥିଲା। ପରବର୍ତ୍ତୀ ସମୟରେ ଭୁବନେଶ୍ୱର କଳିଙ୍ଗ ଷ୍ଟାଡ଼ିୟମରୁ ବାସ୍କେଟବଲକୁ ବ୍ରହ୍ମପୁରକୁ ସ୍ଥାନାନ୍ତର କରାଯାଇ ଏଠାରେ ଭଲିବଲ୍ ଓ ଭାରୋତ୍ତୋଳନ ସହିତ ବାସ୍କେଟବଲ୍‌କୁ ସାମିଲ କରି କ୍ରୀଡ଼ା ଛାତ୍ରାବାସରେ ଖେଳାଳିଙ୍କୁ ଅଭ୍ୟାସର ସୁଯୋଗ ପ୍ରଦାନ କରାଯାଇଥିଲା। ପରବର୍ତ୍ତୀ ସମୟରେ ଛାତ୍ରାବାସରୁ ଭଲିବଲ୍‌କୁ ବାଲେଶ୍ୱର ସ୍ଥାନାନ୍ତର କରାଯାଇଥିଲା। ବର୍ତ୍ତମାନ ପୁଣି ବାସ୍କେଟବଲ୍‌କୁ ଭୁବନେଶ୍ୱର ସ୍ଥାନାନ୍ତର କରିବାକୁ ସମସ୍ତ ପ୍ରକାରର ପରିସ୍ଥିତି ସୃଷ୍ଟି କରାଯାଇ ଏକ ରକମର ଷଡ଼ଯନ୍ତ୍ର କରାଯାଉଥିବା ଜଣାପଡ଼ିଛି। ୨୦ସିଟ୍ ବିଶିଷ୍ଟ ସ୍ଥାନୀୟ କ୍ରୀଡ଼ା ଛାତ୍ରାବାସର ବାସ୍କେଟବଲ୍ ଖେଳାଳିଙ୍କୁ ନିୟମିତ ଅଭ୍ୟାସ ସହିତ ପ୍ରଶିକ୍ଷଣ ଦେବାକୁ କାଜଲ ସାହୁଙ୍କ ଭଳି ଜଣେ ଦକ୍ଷ କୋଚ୍‌ଙ୍କୁ ନିଯୁକ୍ତି ଦିଆଯାଇଥିଲା। ତାଙ୍କଠାରୁ ପ୍ରଶିକ୍ଷଣ ନେଇ ବହୁ ଉଚ୍ଚକୋଟୀର ଖେଳାଳି ବାହାରିଥିଲେ। ତେବେ ଗତ ଜୁନ୍ ମାସରେ କୋଚ୍ କାଜଲ ସାହୁ ଅବସର ଗ୍ରହଣ କରିବା ପରଠାରୁ ଏହି ପଦବୀ ଦୀର୍ଘ ୯ ମାସ ଧରି ଖାଲି ପଡ଼ିଛି। ଫଳରେ ବିନା ପ୍ରଶିକ୍ଷକରେ କ୍ରୀଡ଼ା ଛାତ୍ରାବାସର ଖେଳାଳୀମାନେ ଅଭ୍ୟାସ କରୁଥିବା ଦେଖିବାକୁ ମିଳିଛି। ଏଭଳି ପରିସ୍ଥିତିରେ ଏଠାକୁ ନୂତନ କୋଚ୍‌ଙ୍କୁ ନିଯୁକ୍ତି ଦେବା ପରିବର୍ତ୍ତେ ଏଠାରୁ ବାସ୍କେଟବଲ୍ ଛାତ୍ରାବାସକୁ ଭୁବନେଶ୍ୱର ସ୍ଥାନାନ୍ତର କରିବାକୁ ମସୁଧା ଚାଲିଥିବା ଜଣାପଡ଼ିଛି। ସେହିଭଳି ଭୁବନେଶ୍ୱରସ୍ଥିତ କଳିଙ୍ଗ ଷ୍ଟାଡ଼ିୟମରେ ଥିବା ବାଳିକା ବାସ୍କେଟବଲ୍ ଛାତ୍ରୀନିବାସରେ ନିୟୋଜିତ ଥିବା ବାସ୍କେଟବଲ୍ କୋଚ୍ ମଧ୍ୟ ନିକଟରେ ଚାକିରିରୁ ଅବସରଗ୍ରହଣ କରିଥିବା ଜଣାପଡ଼ିଛି। ଫଳରେ ଭୁବନେଶ୍ୱରରେ ମଧ୍ୟ ମହିଳା କୋଚ୍ କେହି ନଥିବା ଜଣାପଡ଼ିଛି। ଏଭଳି ପରିସ୍ଥିତିରେ ସେଠାକୁ ପୁଣି ବ୍ରହ୍ମପୁର ମହାତ୍ମା ଗାନ୍ଧୀ ଷ୍ଟାଡ଼ିୟମରୁ ବାଳକ ବାସ୍କେଟବଲ୍ ବିଭାଗକୁ ସ୍ଥାନାନ୍ତର କରିବା କେତେଦୂର ଯଥାର୍ଥ ବୋଲି ସହରର ବାସ୍କେଟବଲ୍ ଖେଳାଳି ଓ କ୍ରୀଡ଼ାପ୍ରେମୀ ପ୍ରଶ୍ନ ଉଠାଇଛନ୍ତି। ଏଭଳି ଷଡ଼ଯନ୍ତ୍ର ପଛରେ ଭାରତୋଳନ ବିଭାଗର ହାତ ଥିବା ଅଭିଯୋଗ ହୋଇଛି। କାରଣ ପୂର୍ବରୁ ଷ୍ଟାଡ଼ିୟମରେ ପ୍ରସ୍ତାବିତ ବହୁମୁଖୀ ଇନ୍‌ଡ଼ୋର ହଲ୍ ସ୍ଥାନରେ ସ୍ୱତନ୍ତ୍ର ଭାରତୋଳନ ହଲ୍ କରାଯାଇଥିଲା। ମଲ୍ଟିପରପଜ ଇନ୍‌ଡ଼ୋର ହଲ୍ ହୋଇଥିଲେ ଏଠାରେ ବିଭିନ୍ନ ପ୍ରକାର ଖେଳ ଏକା ଛାତତଳେ ସମ୍ଭବପର ହୋଇପାରନ୍ତା। ତେବେ ସେ ଯାହା ହେଉନା କାହିଁକି ବର୍ତ୍ତମାନ ପରିସ୍ଥିତିରେ ବ୍ରହ୍ମପୁର ଷ୍ଟାଡ଼ିୟମରୁ ବାସ୍କେଟବଲ୍ କ୍ରୀଡ଼ା ଛାତ୍ରାବାସକୁ ନହଟାଇ ବରଂ ଏଠାରେ ଜଣେ ଦକ୍ଷ ପ୍ରଶିକ୍ଷକଙ୍କୁ ନିଯୁକ୍ତି ଦେବା ଦିଗରେ ରାଜ୍ୟ ସରକାରଙ୍କ କ୍ରୀଡ଼ା ବିଭାଗ ଉଦ୍ୟମ କରିବା ଉଚିତ୍ ବୋଲି ଦାବି ହୋଇଛି।

# ସୂଚନା ଅଧିକାର ଆଇନର ଗୁରୁତ୍ୱ ଓ ମହତ୍ୱ ଉପରେ ଆଲୋକପାତ

**ସୁବର୍ଣ୍ଣପୁର, ନ୍ୟୁଜ୍‌ବ୍ୟୁରୋ**



ସୂଚନା ଅଧିକାର ଆଇନ-୨୦୦୫ ଅଧିନିୟମ ୪(୧) (ବି)ର ପୂର୍ଣାଙ୍ଗ କାର୍ଯ୍ୟନ୍ୱୟନ ଉଦ୍ଦେଶ୍ୟରେ ପ୍ରଶାସନ ତରଫରୁ ଏକ ଜିଲ୍ଲା ସ୍ତରୀୟ ସୂଚନା ଅଧିକାର ଆଇନ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ରାଜ୍ୟ ସୂଚନା ଓ ଲୋକ ସମ୍ପର୍କ ବିଭାଗର ମାର୍ଗ ଦର୍ଶିକା ଅନୁଯାୟୀ ଜିଲ୍ଲାପ୍ରଶାସନ ଏବଂ ସୂଚନା ଓ ଲୋକସମ୍ପର୍କ ବିଭାଗ ଆନୁକୂଲ୍ୟରେ ଏହି କର୍ମଶାଳା ଅନୁଷ୍ଠିତ କରାଯାଇଥିଲା। ଅତିରିକ୍ତ ଜିଲ୍ଲାପାଳ ତଥା ସୂଚନା ଅଧିକାର ଆଇନ ୨୦୦୫ ଜିଲ୍ଲା ନୋଡାଲ ଅଧିକାରୀ ରାଜେନ୍ଦ୍ର ମାଝୀ, ଅତିରିକ୍ତ ଜିଲ୍ଲାପାଳ ଅଞ୍ଜଳିନା ପ୍ରଧାନ, ଅତିରିକ୍ତ ବନ ସଂରକ୍ଷକ ଶ୍ରୀ ନାଗ, ଜିଲ୍ଲା କ୍ରୀଡ଼ା ଅଧିକାରୀ ଚିତ୍ତରଞ୍ଜନ ମିଶ୍ର ପ୍ରମୁଖ ଏହି କାର୍ଯ୍ୟକ୍ରମରେ ଅତିଥି ଭାବେ ଯୋଗଦେଇ ସ୍ୱଚ୍ଛ, ଦୁର୍ନୀତିମୁକ୍ତ ସୁଶାସନ ବ୍ୟବସ୍ଥାରେ ସୂଚନା ଅଧିକାର ଆଇନର ଗୁରୁତ୍ୱ ଓ ମହତ୍ୱ ଉପରେ ଆଲୋକପାତ କରିଥିଲେ। ସମସ୍ତ ଜନ ସୂଚନା ଅଧିକାରୀ ସେମାନଙ୍କ କାର୍ଯ୍ୟାଳୟର ସୂଚନା ଅଧିକାର ଆଇନ ପୋର୍ଟାଲରେ ୧୭ ସ୍ୱତଃ ପ୍ରକଟିକରଣକୁ ଅପଡେଟ୍ କରିବା ସହ ସମସ୍ତ ସୂଚନାକୁ ମାର୍ଚ୍ଚ ୩୧ ସୁଦ୍ଧା ଓଡ଼ିଆରେ ମଧ୍ୟ ପ୍ରକଟିକରଣ କରିବାକୁ ପରାମର୍ଶ ଦେଇଥିଲେ। ସଂସାଧକ/ ବିଷୟ ବିଶାରଦ ଭାବେ ସୂଚନା କର୍ମୀ ସ୍ୱାଧୀନ ମେହେର ଯୋଗଦେଇ ସ୍ୱତଃ ପ୍ରକରଣର ୧୭ ଗୋଟି ବିନ୍ଦୁ ଉପରେ ସୂଚିତ କରିବା ସହିତ ଅପଡେସନ ଉପରେ ପ୍ରଶିକ୍ଷଣ ପ୍ରଦାନ କରିଥିଲେ। ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଅଶ୍ୱିନୀ କୁମାର ଭୋଇ ସୂଚନା ଅଧିକାର ଆଇନ ୨୦୦୫ ର ରୂପରେଖର ଆଲୋକପାତ କରି ଦରଖାସ୍ତ ଗ୍ରହଣ, ପ୍ରଦାନ, ଅନ ଲାଇନରେ ସମସ୍ତ ପ୍ରକ୍ରିୟା ସମ୍ପାଦନ ତଥା ଆଇନର ବିଧି ବ୍ୟବସ୍ଥା ସହ ଜନ ସୂଚନା ଅଧିକାରୀଙ୍କ ଦାୟିତ୍ୱ ଓ କର୍ତ୍ତବ୍ୟ ତଥା ବ୍ୟବସ୍ଥିତ ସମ୍ପାଦନ ଆଦି ଉପରେ ପ୍ରାଞ୍ଜଳ ଆଲୋଚନା କରିଥିଲେ। ଏହି ଅବସରରେ ପାୱାର ପଏଣ୍ଟ ଜରିଆରେ ଅପଡେଟ୍ କରିବାର ପ୍ରକିୟା ସହ ସୂଚନା ଆଇନରେ ଜନ ସୂଚନା ଅଧିକାରୀଙ୍କ ଦାୟିତ୍ୱ କର୍ତ୍ତବ୍ୟ ତଥା ଆଇନର ବିଭିନ୍ନ ବିଷୟ ଉପରେ ଉପସ୍ଥାପନ କରାଯାଇଥିଲା। କର୍ମଶାଳାର ପ୍ରଶ୍ନୋତ୍ତର ସମୟ ମଧ୍ୟରେ ପ୍ରଶିକ୍ଷାର୍ଥୀ ମାନେ ସୂଚନା ଅଧିକାର ଆଇନରେ ଆବେଦନ ଗ୍ରହଣ, ଉତ୍ତର ପ୍ରଦାନ କ୍ଷେତ୍ରରେ ସମ୍ମୁଖୀନ ହେଉଥିବା ବିଭିନ୍ନ ସମସ୍ୟା ସମ୍ବନ୍ଧରେ ପ୍ରଶ୍ନ ପଚାରି ନିଜ ନିଜର ସନ୍ଦେହ ଦୂର କରିଥିଲେ। ଜିଲ୍ଲା ସ୍ୱାସ୍ଥ୍ୟ,ଶିକ୍ଷା, କୃଷି, ମହିଳା ଓ ଶିଶୁ ବିକାଶ,ଶିଶୁ ସୁରକ୍ଷା, ଶ୍ରମ,ଦକ୍ଷତା ବିକାଶ ଓ ନିୟୋଜନ, ଜନସ୍ୱାସ୍ଥ୍ୟ, ପ୍ରାଣୀ ସମ୍ପଦ, ରାଜସ୍ୱ, ପଞ୍ଚାୟତି ରାଜ, ବନବିଭାଗ ଆଦି ବିଭାଗ କାର୍ଯ୍ୟାଳୟର ଜନ ସୂଚନା ଅଧିକାରୀ ପ୍ରଥମ ଅପିଲ କର୍ତ୍ତୃପକ୍ଷ ସହକାର ଗଣମାଧ୍ୟମ ପ୍ରତିନିଧି ପ୍ରମୁଖ ଏହି କର୍ମଶାଳାରେ ଉପସ୍ଥିତ ଥିଲେ। ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଶ୍ରୀ ଭୋଇ କାର୍ଯ୍ୟକ୍ରମ ସଂଯୋଜନା କରିଥବା ବେଳେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଜନ ସୂଚନା ଅଧିକାରୀ ସତ୍ୟଭାମା କହଁର ଧନ୍ୟବାଦ ପ୍ରଦାନ କରିଥିଲେ।

# ଭିନ୍ନକ୍ଷମ ଭତ୍ତାରୁ ବଞ୍ଚିତ ୧୩ବର୍ଷର ଝିଅ ଲଳିତା

**ରାଇଘର, ନ୍ୟୁଜ୍‌ବ୍ୟୁରୋ**



ନାଁ ଲଳିତା ଗଣ୍ଡ, ବୟସ ୧୩। ଜନ୍ମରୁ ସବୁ ଠିକ ଥିଲା। କିଛି ମାସ ପରେ ଦେଖିବାକୁ ମିଳିଲା ପିଠିରେ ଏକ ଆବୁ ଭଳି ଫୁଲିଥିବା। ଏହାପରେ ଲଳିତାଙ୍କୁ ନିଆଯାଇଥିଲା ମେଡିକାଲ। ସେଠାରେ ଡାକ୍ତର କହିଲେ ଲଳିତାର ଅପରେସନ ହେବ ବୋଲି। ଏହା ଶୁଣି ପରିବାରଲୋକେ ଏକ ପ୍ରକାର ଭାଙ୍ଗିପଡି ଜିଲ୍ଲାପାଳଙ୍କ ଦ୍ୱାରସ୍ତ ହୋଇଥିଲେ। ତତ୍କାଳୀନ ଜିଲ୍ଲାପାଳ ପରିବାର ଦୁଃଖଶୁଣି ରେଡ୍‌କ୍ରସ ପାଣ୍ଠିରୁ ୫ ହଜାର ସହାୟତା ରାଶି ପ୍ରଦାନ କରିବା ସହ ବ୍ରହ୍ମପୁର ବଡ଼ ମେଡିକାଲକୁ ପଠାଇବା ବ୍ୟବସ୍ଥା କରିଥିଲେ। ସେଠାରେ ଅପରେସନ ହୋଇଥିଲା। ଅପରେସନ ସାରି ପରିବାର ଲଳିତାକୁ ଧରି ଘରକୁ ଖୁସିରେ ଫେରିଥିଲେ। ଏହା ଭିତରେ ଲଳିତା ସ୍କୁଲ ଯିବା ବୟସ ହୋଇଯାଇଥିଲା। ୫ବର୍ଷ ବୟସରେ ନିଜ ଗାଁ ପ୍ରାଥମିକ ବିଦ୍ୟାଳୟରେ ପ୍ରଥମ ଶ୍ରେଣୀରେ ନାମ ଲେଖାଇ ପାଠ ପଢୁଥିଲେ। ପଞ୍ଚମ ଶ୍ରେଣୀ ଯାଏଁ କୌଣସି ଅସୁବିଧା ନ ଥିଲେ ମଧ୍ୟ ଲଳିତା ସାମାନ୍ୟ ଛୋଟେଇ ଛୋଟେଇ ଚାଲେ। କିନ୍ତୁ ପଞ୍ଚମ ପାସ୍ କଲାପରେ ସ୍ଥାନୀୟ ଉଚ୍ଚ ବିଦ୍ୟାଳୟରେ ଷଷ୍ଠ ଶ୍ରେଣୀରେ ଲଳିତାର ନାମ ଲେଖିଥିଲେ ପରିବାର ଲୋକେ କିନ୍ତୁ ଲଳିତାର ଭାଗ୍ୟରେ ଆଉ ପଢ଼ିବାର ବୋଧେ ନଥିଲା କାରଣ ହଟାତ ଦୁଇଟି ଗୋଡ଼ ସମ୍ପୂର୍ଣ୍ଣ ଅକାମି ହୋଇପଡ଼ିଥିଲା। ଯାହା ଫଳରେ ଲଳିତାର ନାମ ଲେଖାହୋଇଥିଲା ସତ କିନ୍ତୁ ସ୍କୁଲ ଯିବା ଅସମ୍ଭବ ହୋଇପଡ଼ିଥିଲା। ଏଇଠି ଲଳିତାର ପାଠପଢ଼ାରେ ପଡିଥିଲା ପୂର୍ଣ୍ଣଚ୍ଛେଦ। ଏହାଭିତରେ ଦୁଇବର୍ଷ ବିତିଯାଇଥିଲେ ମଧ୍ୟ ଲଳିତାକୁ ମିଳିନି ଭିନ୍ନକ୍ଷମ ଭତ୍ତା। ବାପା ଅଇଁତୁ ଗଣ୍ଡ କହିବା ଅନୁଯାୟୀ ଦୁଇ ବର୍ଷରେ ବ୍ଲକ୍‌ରେ ହେଉଥିବା କ୍ୟାମ୍ପକୁ ଦୁଇଥର ଯାଇ ଡାକ୍ତରଙ୍କୁ ଦେଖାଇ ଅନ ଲାଇନ କରି ମଧ୍ୟ ଆଜି ଯାଏଁ ସରକାରଙ୍କ ତରଫରୁ କୌଣସି ସୁବିଧା ମିଳି ନ ଥିବା ଦୁଃଖର ସହ କହିଛନ୍ତି। ପ୍ରକାଶ ଥାଉକି, ଅଇଁତୁ ପରିବାରରେ ତାଙ୍କ ସ୍ତ୍ରୀ ଶାନ୍ତି ଗଣ୍ଡ ଏବଂ ଦୁଇ ଝିଅ ଗୋଟିଏ ପୁଅକୁ ଧରି କାଚରାପାରା ପଞ୍ଚାୟତ ର ଅଞ୍ଚଳାଡ଼ିହି ଗ୍ରାମରେ ରୁହନ୍ତି। ବିଲ ବାରି କହିଲେ ମାତ୍ର ଘର ଡିଅ ସହ ଅଳ୍ପ କିଛି ଚାଷ ଜମି ଯେଉଁଥିରେ କି ପରିବାର ଚଳାଇବା କଷ୍ଟ ହୋଇପଡେ। ସେଥିପାଇଁ ଅନ୍ୟ ଘରେ କୁଲି କାମ କରିବାକୁ ପଡେ। ଲଳିତା ନିଜେ କୌଣସି କାମ ଏପରିକି ଶୌଚ କରିବା ପାଇଁ ମା'ର ସହଯୋଗ ଲୋଡ଼େ। ଏପରିକି ଟିକେ ଆସିବା ଡେରି ହୋଇଗଲେ ବିଛଣାରେ ଝାଡା ପରିସ୍ରା କରିଥାଏ ଲଳିତା। ଏଭଳି ଅବସ୍ଥାରେ ସରକାରଙ୍କ ତରଫରୁ କୌଣସି ସୁବିଧା ଏହି ପରିବାରକୁ ନ ମିଳିବା ଅତ୍ୟନ୍ତ ଦୁଃଖର ବିଷୟ ବୋଲି ଗ୍ରାମବାସୀ ପ୍ରକାଶ କରିଛନ୍ତି।

# ବାଲୁଙ୍କେଶ୍ୱର ନୋଡାଲ ବିଦ୍ୟାପୀଠରେ ଅଲିମ୍ପିକ ମୂଲ୍ୟବୋଧ ଶିକ୍ଷା କାର୍ଯ୍ୟକ୍ରମ

**କଟକ, ନ୍ୟୁଜ୍‌ବ୍ୟୁରୋ**

କଟକ ଜିଲ୍ଲା ଶିକ୍ଷା ବିଭାଗ ଅଧୀନସ୍ଥ କଟକ ସଦର ୪୨ ମୌଜା ବାଲୁଙ୍କେଶ୍ୱର ନୋଡାଲ ବିଦ୍ୟାପୀଠର ୨୦୨୪ - ୨୦୨୫ ଅଲମ୍ପିକ ମୂଲ୍ୟବୋଧ ଶିକ୍ଷା କାର୍ଯ୍ୟକ୍ରମ ବିଦ୍ୟାପୀଠର ପ୍ରଧାନ ଶିକ୍ଷୟିତ୍ରୀ ସୁଲୋଚନା ଦାସଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଉଦଘାଟକ ଭାବେ ଶିକ୍ଷାବିତ୍ ଡଃ. ଏସ୍.କେ.କଲ୍ଲିମୁଲା ଯୋଗଦେଇ ଆନୁଷ୍ଠାନିକ ଭାବେ ଶୁଭାରମ୍ଭ କରିଥିଲେ। ସମ୍ମାନିତ ଅତିଥି ଭାବେ ବିଦ୍ୟାପୀଠ ପରିଚାଳନା କମିଟିର ସଭାପତି ବିନୟ ମହାପାତ୍ର ଯୋଗଦେଇଥିଲେ। କାର୍ଯ୍ୟକ୍ରମର ସଭାପତି ସୁଲୋଚନା ଦାସ ନିଜ ଅଭିଭାଷଣରେ ଅଲମ୍ପିକ ହିଁ ଖେଳ ଏବଂ ଖେଳ ହେଉଛି ବନ୍ଧୁତ୍ୱର ଏକ ମୂଲ୍ୟବୋଧ ବୋଲି କହିବା ସହ ସମସ୍ତ ଛାତ୍ରଛାତ୍ରୀ ଏହି ବନ୍ଧୁତ୍ୱର ବନ୍ଧନରେ ବାନ୍ଧି ହୋଇ ରହିବାକୁ ଚେଷ୍ଟା ଜାରି ରଖିବାକୁ ଉପଦେଶ ଦେଇଥିଲେ। ଉଦ୍‌ଘାଟକ ତଥା ମୁଖ୍ୟ ଅତିଥି ଡଃ.କଲିମୁଲ୍ଲା ଖେଳ ହିଁ ପରାଜିତକୁ ଅପରାଜିତ କରିବାର ଏକମାତ୍ର ରାସ୍ତା। ଜଣେ ପରାଜିତ ଖେଳାଳିକୁ ବିଜେତାର ଉତ୍ସାହ ଓ ପ୍ରେରଣା ଯୋଗାଇବା ଦିଗରେ ଖେଳର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଖେଳ ହିଁ ଶିକ୍ଷା ଓ ଶିକ୍ଷା ହିଁ ଖେଳ ବୋଲି ମତବ୍ୟକ୍ତ କରିଥିଲେ। ଏହି କାର୍ଯ୍ୟକ୍ରମ ତଥା ଖେଳ ପ୍ରତିଯୋଗିତାରେ ଆଖପାଖ ଅଞ୍ଚଳର ପ୍ରାଥମିକ ବିଦ୍ୟାଳୟ ମାନଙ୍କରୁ ୨୦୦ରୁ ଊର୍ଦ୍ଧ୍ୱ ଛାତ୍ରଛାତ୍ରୀ ଯୋଗଦେବା ସହ ବିଭିନ୍ନ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ। ମୁଖ୍ୟ ଅତିଥି ଓ ସମ୍ମାନିତ ଅତିଥିଙ୍କ ଦ୍ୱାରା ପ୍ରତିଯୋଗିତାରେ ବିଜେତାଙ୍କୁ ଟ୍ରଫି, ସାର୍ଟିଫିକେଟ ପ୍ରଦାନ କରାଯାଇଥିଲା। ଏହି କାର୍ଯ୍ୟକ୍ରମକୁ ବିଦ୍ୟାପୀଠର କ୍ରୀଡ଼ା ଶିକ୍ଷୟିତ୍ରୀ ସ୍ୱାଗତିକା ଦଳାଇ ପରିଚାଳନା କରିଥିବା ବେଳେ ଶିକ୍ଷକ ସୁଦର୍ଶନ ବେହେରା, କାର୍ତ୍ତିକ ଚନ୍ଦ୍ର ଦାସ, ଶ୍ରୀମତୀ ମଧୁସ୍ମିତା ବେବର୍ତ୍ତା, ଏମ୍.ଡି.ଜୁବେଦ୍ ଖାନ୍, ଈଶ୍ୱର ଗୁରୁ, ଜଗବନ୍ଧୁ ବେହେରା, ବିଜୟ ପ୍ରଧାନ ଓ ସୁକାନ୍ତି ମହାପାତ୍ର ପ୍ରମୁଖ ସହଯୋଗ କରିଥିଲେ। ଶେଷରେ ସୁଦର୍ଶନ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ।

## ୨୦୩୬ ଅଲିମ୍ପିକ୍ସ : ଭାରତ କରିବ ୬୪,୦୦୦ କୋଟିର ବିଡ୍

**ଅହମଦାବାଦ**

୨୦୩୬ ଅଲିମ୍ପିକ୍ସ ଆୟୋଜନ ଲାଗି ବିଡ୍ ଦାଖଲ କରିବା ଦିଗରେ ଭାରତ ଆଉ ପାଦେ ଆଗେଇଛି। ଗୁଜରାଟର ଦ୍ୱୈତନଗରୀ ଅହମଦାବାଦ ଓ ଗାନ୍ଧୀନଗରରେ ଏହାକୁ ଆୟୋଜନ କରିବା ଲାଗି ଯୋଜନା କରାଯାଉଛି। ଭାରତ ଏଥିଲାଗି ୩୪୭୦୦ରୁ ୬୪୦୦୦ କୋଟି ଟଙ୍କାର ବିଡ୍ ଦାଖଲ କରିବାକୁ ଲକ୍ଷ୍ୟ ରଖିଛି। ଗାନ୍ଧୀନଗରରେ ବସିଥିବା ଅଲିମ୍ପିକ୍ସ ଆୟୋଜନର ତୃତୀୟ ପ୍ରସ୍ତୁତି ବୈଠକରେ ଏଥିନେଇ ବିସ୍ତୃତ ଆଲୋଚନା କରାଯାଇଛି। ସେହିଭଳି ଅହମଦାବାଦ, ଗାନ୍ଧୀନଗର ସହ ଭୋପାଳ, ଗୋଆ, ମୁମ୍ବାଇ ଓ ପୁଣେକୁ ଅଲିମ୍ପିକ୍ସର କିଛି ଖେଳ ଆୟୋଜନ କରିବାକୁ ମଧ୍ୟ ବିଚାର କରାଯାଉଛି। ସୂଚନା ଅନୁସାରେ ଅହମଦାବାଦ ଅଲିମ୍ପିକ୍ସ ବଜେଟ ପ୍ୟାରିସ୍ ଓ ଲସ୍‌ଏଞ୍ଜେଲ୍‌ସ ଅଲିମ୍ପିକ୍ସଠାରୁ ଯଥେଷ୍ଟ ଅଧିକ ହେବ। ଭାରତର ବିଡ୍ ଯେମିତି ଅନ୍ୟ ପ୍ରତିଦ୍ୱନ୍ଦ୍ୱୀଙ୍କଠାରୁ ଯଥେଷ୍ଟ ଭଲ ହେବ ସେଥିନେଇ ସମନ୍ୱୟ ସମିତି ଗଠନ କରିବା ନିଷ୍ପତ୍ତି ମଧ୍ୟ ବିଚାରାଧୀନ ରହିଛି।

# ନିର୍ଦ୍ଧାରିତ ସମୟ ପୂର୍ବରୁ ସ୍କ୍ରାପ୍ ବିକ୍ରୟ ଲକ୍ଷ୍ୟ ହାସଲ କଲା ପୂର୍ବତଟ ରେଳପଥ

**ଭୁବନେଶ୍ୱର, ନ୍ୟୁଜ୍‌ବ୍ୟୁରୋ**



ଏକ ଉଲ୍ଲେଖନୀୟ ସଫଳତାରେ, ପୂର୍ବତଟ ରେଳପଥ ଚଳିତ ଆର୍ଥିକ ବର୍ଷ ଶେଷ ହେବାର ୧୦ ଦିନ ପୂର୍ବରୁ ୨୫୦ କୋଟି ଟଙ୍କାର ସ୍କ୍ରାପ୍ ବିକ୍ରୟ ଲକ୍ଷ୍ୟକୁ ସଫଳତାର ସହ ଅତିକ୍ରମ କରିଛି। ରେଳବାଇ ବୋର୍ଡ ଦ୍ୱାରା ୨୦୨୪-୨୫ ଆର୍ଥିକ ବର୍ଷ ପାଇଁ ୨୫୦ କୋଟି ଟଙ୍କାର ଲକ୍ଷ୍ୟ ଧାର୍ଯ୍ୟକୁ ୨୧ ମାର୍ଚ୍ଚ, ୨୦୨୫ ରେ ହାସଲ କରାଯାଇଥିଲା। ଏହି ତାରିଖ ସୁଦ୍ଧା, ପୂର୍ବତଟ ରେଳପଥ ମୋଟ ୨୬୫.୬୨ କୋଟି ଟଙ୍କାର ସ୍କ୍ରାପ୍ ବିକ୍ରୟ ରେକର୍ଡ କରିଛି, ଯାହା ମୂଳ ଲକ୍ଷ୍ୟକୁ ଅତିକ୍ରମ କରିଛି।

ପୂର୍ବତଟ ରେଳପଥ ମହାପ୍ରବନ୍ଧକ ପରମେଶ୍ୱର ଫୁଙ୍କୱାଲ ସ୍କ୍ରାପ୍ ବିକ୍ରୟ ପ୍ରକ୍ରିୟାରେ ସାମିଲ ଥିବା ସମଗ୍ର ଦଳକୁ ସେମାନଙ୍କର ଉଲ୍ଲେଖନୀୟ ପ୍ରୟାସ ପାଇଁ ଅଭିନନ୍ଦନ ଜଣାଇଛନ୍ତି। ପ୍ରମୁଖ ମୁଖ୍ୟ ଭଣ୍ଡାର ପ୍ରବନ୍ଧକ ପ୍ରେମ ନାରାୟଣଙ୍କ ଦ୍ୱାରା ସ୍କ୍ରାପ୍ ବିକ୍ରୟ ବ୍ୟବସ୍ଥାର ସଠିକ ମାର୍ଗଦର୍ଶନ ଏବଂ ନିରନ୍ତର ସମୀକ୍ଷା ଯୋଗୁଁ ଏହି ମାଇଲଖୁଣ୍ଟ ସମ୍ଭବ ହୋଇପାରିଛି।

ଏହି ସଫଳତା ପୂର୍ବତଟ ରେଳପଥର ବିଭିନ୍ନ ରେଳ ମଣ୍ଡଳ ଯଥା ଖୋର୍ଦ୍ଧା ରୋଡ୍, ସମ୍ବଲପୁର, ୱାଲଟିୟର ଏବଂ ମଞ୍ଚେଶ୍ୱରର ରେଳ ଡ଼ବା ମରାମତି କାରଖାନାରେ ଥିବା ସ୍କ୍ରାପ୍ ୟାର୍ଡରେ ଅନୁଷ୍ଠିତ ୨୦୪ ଟି ନିଲାମ ତାରିଖ ମାଧ୍ୟମରେ ସମ୍ଭବ ହୋଇପାରିଛି। ଏହି ରେଳ ମଣ୍ଡଳ ଗୁଡ଼ିକ ବିଭିନ୍ନ ସ୍କ୍ରାପ୍ ସାମଗ୍ରୀ ଯେପରିକି ବ୍ୟବହାର ଅନୁପଯୋଗୀ କରାଯାଇଥିବା ରୋଲିଂ ଷ୍ଟକ୍, ଲୋକୋମୋଟିଭ୍, କୋଚ୍ ଏବଂ ୱାଗନ୍, ସ୍କ୍ରାପ୍ ରେଲ, ରେଳ ଧାରଣାରେ ବ୍ୟବହୃତ ହୋଇଥିବା ଅକାମି ଜିନିଷ ଏବଂ କର୍ମଶାଳାରୁ ବାହାରିଥିବା ଅବ୍ୟବହୃତ ସ୍କ୍ରାପ୍ ବିକ୍ରୟକୁ ସହଜ କରିଥିଲେ। ଏହା ସହିତ, ଫେରସ୍, ଅଣ-ଫେରସ୍ ଏବଂ ଅଣ-ଧାତୁ ସ୍କ୍ରାପ୍ ଏବଂ ଅକାମି କରାଯାଇଥିବା ଯନ୍ତ୍ରପାତି, ଯାନବାହାନ ଏବଂ ଅଫିସ୍ ଉପକରଣଗୁଡ଼ିକୁ 'ଯେପରି ଅଛି ଯେଉଁଠାରେ ଅଛି' ଆଧାରରେ ନିଲାମ କରାଯାଇଥିଲା।

ସ୍କ୍ରାପ୍‌କୁ ଦକ୍ଷତାର ସହିତ ନିଷ୍କାସନ କରି, ପୂର୍ବତଟ ରେଳପଥ ସଫଳତାର ସହିତ 'ଆବର୍ଜନାକୁ ସମ୍ପତ୍ତିରେ' ରୂପାନ୍ତରିତ କରିଛି। ମାର୍ଚ୍ଚ ୨୭, ୨୦୨୫ ସୁଦ୍ଧା ୨୬୫.୬୨ କୋଟି ଟଙ୍କା ଏହି ବାବଦରେ ଆୟ କରାଯାଇଛି। ଏହା ବ୍ୟତୀତ, ରେଳବାଇ ପରିସରରୁ ସ୍କ୍ରାପ୍ ଅପସାରଣ ପରିବେଶ ଉପରେ ଏହାର ପ୍ରତିକୂଳ ପ୍ରଭାବକୁ ହ୍ରାସ କରି ପରିବେଶଗତ ସ୍ଥିରତାରେ ଗୁରୁତ୍ୱପୂର୍ଣ୍ଣ ଅବଦାନ ରଖିଅଛି।

୨୦୨୪-୨୫ ଆର୍ଥିକ ବର୍ଷରେ, ପୂର୍ବତଟ ରେଳପଥ ସ୍କ୍ରାପ୍ ନିଷ୍କାସନରୁ ୨୬୫.୬୨ କୋଟି ଟଙ୍କା ଆୟ କରିଛି ଯାହାକି ପୂର୍ବ ଆର୍ଥିକ ବର୍ଷ ଆୟ ୨୫୮.୧୬ କୋଟି ଠାରୁ ୭.୪୬ କୋଟି ଟଙ୍କା ଅଧିକ ଅଟେ। ରେଳ ବୋର୍ଡ ପକ୍ଷରୁ ପୂର୍ବତଟ ରେଳପଥ ପାଇଁ ସ୍କ୍ରାପ୍ ଅପସାରଣ ବାବଦରେ ୨୫୦ କୋଟି ଟଙ୍କା ଲକ୍ଷ୍ୟ ଧାର୍ଯ୍ୟ କରାଯାଇଥିଲା।

ପୂର୍ବତଟ ରେଳପଥ ଗତ ପାଞ୍ଚ ବର୍ଷ ଧରି ରେଳ ବୋର୍ଡ ଦ୍ୱାରା ନିର୍ଦ୍ଧାରିତ ସ୍କ୍ରାପ୍ ବିକ୍ରୟ ଲକ୍ଷ୍ୟକୁ ନିରନ୍ତର ଅତିକ୍ରମ କରିଚାଲିଛି। ଏକ ସ୍କ୍ରାପ୍-ମୁକ୍ତ ଏବଂ ପରିବେଶ-ଅନୁକୂଳ ରେଳ ଜୋନ୍ ବଜାୟ ରଖିବା ପାଇଁ ନିରନ୍ତର ପ୍ରୟାସରେ ପୂର୍ବତଟ ରେଳପଥ ଏହାର କ୍ଷେତ୍ରାଧିକାରରୁ ସର୍ବାଧିକ ସ୍କ୍ରାପ୍ ଅପସାରଣ ସୁନିଶ୍ଚିତ କରିଛି। ଯନ୍ତ୍ରପାତି, ଉପକରଣ ଏବଂ ସମ୍ପତ୍ତି ସହିତ ଜଡିତ ଶିଳ୍ପ କାର୍ଯ୍ୟକଳାପର ଏକ ଅନିବାର୍ଯ୍ୟ ଫଳାଫଳ ହେଉଛି ସ୍କ୍ରାପ୍ ଉତ୍ପାଦନ। ସେମାନଙ୍କର ସେବା ଜୀବନ ସମାପ୍ତ କରିବା ପରେ, ଏହି ସମ୍ପତ୍ତିଗୁଡ଼ିକୁ ଉନ୍ନତ କାର୍ଯ୍ୟଦକ୍ଷତା ଏବଂ ସୁରକ୍ଷା ପାଇଁ ବଦଳ ଆବଶ୍ୟକ। ସମୟୋଚିତ ନିଷ୍କାସନକୁ ସହଜ କରିବା ପାଇଁ ପୂର୍ବତଟ ରେଳପଥ ୨୦୧୩ରୁ ଏହାର ସମର୍ପିତ ଭାରତୀୟ ରେଳବାଇ ଇ-ପ୍ରୋକ୍ୟୁରମେଣ୍ଟ ପ୍ରଣାଳୀ ପୋର୍ଟାଲ୍ ମାଧ୍ୟମରେ ଇ-ନିଲାମ ପରିଚାଳନା କରିଆସୁଛି। ବର୍ତ୍ତମାନ ସୁଦ୍ଧା ୪,୦୦୦ରୁ ଅଧିକ ବିକ୍ରେତା ଏହି ପୋର୍ଟାଲରେ ପଞ୍ଜୀକୃତ ହୋଇଛନ୍ତି ଯାହା ଏକ ସ୍ୱଚ୍ଛ ଏବଂ ଦକ୍ଷ ନିଲାମ ପ୍ରକ୍ରିୟା ସୁନିଶ୍ଚିତ କରିଥାଏ।

# ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ସର୍ବଦଳୀୟ ବୈଠକ

**ରାଉରକେଲା, ନ୍ୟୁଜ୍‌ବ୍ୟୁରୋ**

ବୁଥ୍ ସ୍ତରୀୟ ଏଜେଣ୍ଟ (ବିଏଲଏ)ନିୟୋଜନକୁ ନେଇ ପାନପୋଷ ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପ୍ରକୋଷ୍ଠରେ ସବୁ ରାଜନୈତିକ ଦଳର ସର୍ବ ଦଳୀୟ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକକୁ ଉପଜିଲ୍ଲାପାଳ ପାନପୋଷ ବିଜୟ କୁମାର ନାୟକ ଅଧ୍ୟକ୍ଷତା କରିଥିଲେ। ଏହି ସର୍ବଦଳୀୟ ବୈଠକ ବିଜୁ ଜନତା ଦଳ, ଭାରତୀୟ ଜନତା ପାର୍ଟି, ବହୁଜନ ସମାଜବାଦୀ ପାର୍ଟି, ସିପିଆଇଏମ୍ ପାର୍ଟି, ଆମ ଆଦ୍‌ମୀ ପାର୍ଟି, କଂଗ୍ରେସ ଦଳର ପ୍ରତିନିଧି ପ୍ରମୁଖ ବୈଠକରେ ଉପସ୍ଥିତ ଥିଲେ। ଉପଜିଲ୍ଲାପାଳ ବୁଥ୍ ସ୍ତରୀୟ ଏଜେଣ୍ଟ ଓ ସେମାନଙ୍କର କାର୍ଯ୍ୟ ବିଷୟରେ ଅବଗତ ତଥା ଆଲୋଚନା କରିଥିଲେ। ନିର୍ଭୁଲ ଭୋଟର ତାଲିକା ପ୍ରସ୍ତୁତ ଦିଗରେ ବିଏଲଏର ପ୍ରମୁଖ ଭୂମିକା ରହିଛି ବୋଲି ଶ୍ରୀ ନାୟକ କହିଥିଲେ। ଏହି ବୈଠକରେ ଡେପୁଟି କେଲକ୍ଟର ଅର୍ପିତା ମହାନ୍ତି, ବିଜେପି ଦଳର ଜିଲ୍ଲା ସଭାପତି ପୂର୍ଣ୍ଣିମା କେରକେଟା, ବିଜେଡି ବରିଷ୍ଠ ନେତା ବିରେନ ସେନାପତି, କଂଗ୍ରେସର ଜିଲ୍ଲା ସଭାପତି ରବି ରାୟ, ଆପର ଜିଲ୍ଲା ସଭାପତି ବିନୟ ତିୱାରୀ, ବହୁଜନ ସମାଜବାଦୀ ପାର୍ଟିର ରଞ୍ଜନ ତନ୍ତୀ, ସିପିଆଇଏମ୍ ପାର୍ଟି ଜାହାଙ୍ଗୀର ଅଲ୍ଲୀ ସମେତ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ।

ଭୁବନେଶ୍ୱର
୨୯ ମାର୍ଚ୍ଚ,
ଶନିବାର, ୨୦୨୫

RNI Regd. No. : 52640/94
Postal Regd. No. :
BN/60/25-27

## ।। ବାରୁଣୀ ସ୍ନାନ ଯାତ୍ରା ।।

# ସହସ୍ରାଧିକ ଶ୍ରଦ୍ଧାଳୁଙ୍କ ବୈତରଣୀରେ ବୁଡ଼ପକାଇ ପୂର୍ବପୁରୁଷଙ୍କୁ ପିଣ୍ଡଦାନ

**ଯାଜପୁର, ୨୮।୦୩**
**ନ୍ୟୁଜ୍ ବ୍ୟୁରୋ**



ଚଳିତ ବର୍ଷ ବାରୁଣୀ ସ୍ନାନ ନିମନ୍ତେ ଜିଲ୍ଲା ସଦର ମହକୁମାସ୍ଥ ପୁଣ୍ୟତୋୟା ବୈତରଣୀ ନଦୀର ଦଶାଶ୍ୱମେଧ ଘାଟ ଉଭୟ ପାର୍ଶ୍ୱରେ ପ୍ରତ୍ୟୁଷରୁ ଜିଲ୍ଲାର ବିଭିନ୍ନ କୋଣ ଅନୁକୋଣରୁ ଏବଂ ଓଡ଼ିଶା ଓ ଓଡ଼ିଶା ବାହାରୁ ହଜାର ହଜାର ଶ୍ରଦ୍ଧାଳୁ ଭକ୍ତ ନଦୀରେ ବୁଡ଼ ପକାଇବା ସହ ପିତୃପୁରୁଷଙ୍କୁ ପିଣ୍ଡଦାନ କରିଥିଲେ। ଏଥି ନିମନ୍ତେ ଯାଜପୁର ଜିଲ୍ଲା ପ୍ରଶାସନ ଓ ପୌର ପ୍ରଶାସନର ମିଳିତ ଆନୁକୂଲ୍ୟରେ ଭକ୍ତ ଶ୍ରଦ୍ଧାଳୁ, ଆଧ୍ୟାତ୍ମିକ ଗୁରୁ ଓ ଯାତ୍ରୀମାନଙ୍କ ସୁବିଧା ନିମନ୍ତେ ବ୍ୟାପକ ବନ୍ଦୋବସ୍ତ କରାଯାଇଥିଲା। ବୈତରଣୀରେ ବୁଡ଼ ପକାଇବା ସ୍ଥାନ ଦଶାଶ୍ୱମେଧ ଘାଟର ଉଭୟ ପାର୍ଶ୍ୱରେ ବାରିକେଡିଂ ବ୍ୟବସ୍ଥା କରାଯାଇଥିଲା। ଭକ୍ତ ଓ ଯାତ୍ରୀମାନେ ବାରିକେଡ଼ିଂର ନିର୍ଦ୍ଦିଷ୍ଟ ସୀମା ମଧ୍ୟରେ ସ୍ନାନ କରିବା ସହ ପିତୃପୁରୁଷଙ୍କୁ ପିଣ୍ଡଦାନ କରିସାରିବା ପରେ ପିଣ୍ଡ ସାମଗ୍ରୀଗୁଡ଼ିକୁ ପ୍ରଦୂଷଣ ରୋକିବା ନିମନ୍ତେ ଏକ ନିର୍ଦ୍ଦିଷ୍ଟ ସ୍ଥାନରେ ପକାଇଥିଲେ। ପ୍ରଶାସନ ତରଫରୁ ଆଲୋକୀକରଣ ବ୍ୟବସ୍ଥା, ଯାତ୍ରୀମାନଙ୍କ ଯିବା ଆସିବା ନିମନ୍ତେ ଏକମୁଖୀ ରାସ୍ତା, ଯାତ୍ରୀମାନଙ୍କୁ ରୌଦ୍ରତାପରୁ ସୁରକ୍ଷା ନିମନ୍ତେ ଅସ୍ଥାୟୀ ଚାନ୍ଦୁଆ ବ୍ୟବସ୍ଥା, ପର୍ଯ୍ୟାପ୍ତ ପାନୀୟ ଜଳ ବ୍ୟବସ୍ଥା, ବାୟୋ ଟଏଲେଟ୍ ବ୍ୟବସ୍ଥା, ସୂଚନା କେନ୍ଦ୍ର ଓ ପୋଲିସ କଣ୍ଟ୍ରୋଲ ରୁମ୍, ଅସ୍ଥାୟୀ ସ୍ୱାସ୍ଥ୍ୟ ଚିକିତ୍ସା କେନ୍ଦ୍ର, ଆମ୍ବୁଲାନ୍ସ ସେବା, ନଦୀ ଗର୍ଭରେ ଅଗ୍ନିଶମ ସେବା ବିଭାଗ ତରଫରୁ ପାୱାର ବୋଟ ଓ ଉଦ୍ଧାରକାରୀ ଦଳ ମୁତୟନ କରାଯାଇଥିଲା। ଜିଲ୍ଲା ପ୍ରଶାସନର ବରିଷ୍ଠ ଅଧିକାରୀମାନେ ଯାଜପୁର ପୌର ପରିଷଦର ଅଧ୍ୟକ୍ଷା, ଉପାଧ୍ୟକ୍ଷ, ନିର୍ବାହୀ ଅଧିକାରୀ ଏବଂ କର୍ମଚାରୀମାନେ ବାରୁଣୀ ସ୍ନାନ କାର୍ଯ୍ୟକ୍ରମକୁ ଶାନ୍ତିପୂର୍ଣ୍ଣ ଭାବେ ପରିଚାଳନା କରିଥିଲେ।



ଭୁବନେଶ୍ୱର : ବିଧାନସଭା ପ୍ରକୋଷ୍ଠରେ ଆସାମ ମୁଖ୍ୟମନ୍ତ୍ରୀ ଡ. ହିମନ୍ତ ବିଶ୍ୱଶର୍ମା ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ସୌଜନ୍ୟମୂଳକ ସାକ୍ଷାତ କରୁଛନ୍ତି। (ଫଟୋ : ସମ୍ବାଦ କଳିକା)

# କଂଗ୍ରେସର ବିକ୍ଷୋଭ ବେଳେ ହିଂସାକୁ ନେଇ ୩ ମାମଲା ରୁଜୁ



**ଭୁବନେଶ୍ୱର, ୨୮।୦୩**
**ନ୍ୟୁଜ୍ ବ୍ୟୁରୋ**

ଲୋୟର ପିଏମଜିରେ ଗୁରୁବାର କଂଗ୍ରେସର ବିକ୍ଷୋଭ ବେଳେ ହିଂସାକୁ ନେଇ ୩ଟି ମାମଲା ରୁଜୁ ହୋଇଛି। କ୍ୟାପିଟାଲ ଥାନା ପୋଲିସରେ ୩ଟି ମାମଲା ରୁଜୁ ହୋଇଥିବା ସୂଚନା ମିଳିଛି। ସୂଚନାଯୋଗ୍ୟ ଯେ ନାରୀ ସୁରକ୍ଷାକୁ ନେଇ ଗୁରୁବାର କଂଗ୍ରେସ ପକ୍ଷରୁ ବିଧାନସଭା ଘେରାଉ କରିବାକୁ ଉଦ୍ୟମ କରାଯାଇଥିଲା। ଆନ୍ଦୋଳନକାରୀମାନେ ଉତ୍ତ୍ୟକ୍ତ ହୋଇ ପୋଲିସ୍ ଉପରେ ପଥର, ଅଣ୍ଡା, ଟମାଟୋ ମାଡ଼ କରିବା ସହ ଚେୟାର ଫିଙ୍ଗିଥିଲେ। ଏପରିକି ପୋଲିସ୍ ଭ୍ୟାନ୍ ଜାଳିବାକୁ ମଧ୍ୟ ଉଦ୍ୟମ କରିଥିଲେ। ଏଥିରେ ପ୍ରାୟ ୧୫ ଜଣ ପୋଲିସ୍ କର୍ମୀ ଆହତ ହୋଇଥିଲେ। ସେହିପରି ପୋଲିସ୍‌ର ପାଲଟା କାର୍ଯ୍ୟାନୁଷ୍ଠାନ ସ୍ୱରୂପ ପାଣିମାଡ଼, ଟିୟର ଗ୍ୟାସ୍ ପ୍ରୟୋଗ ସହିତ ଲାଠି ଚାର୍ଜ କରାଯାଇଥିଲା।

## କିଟ୍‌ରେ ସହଯୋଗାତ୍ମକ ଶିକ୍ଷଣ କାର୍ଯ୍ୟକ୍ରମ

# ମଧୁର ସ୍ମୃତି ନେଇ ଫେରିଲେ ୱାଶିଂଟନ୍ ବିଶ୍ୱବିଦ୍ୟାଳୟ ପ୍ରତିନିଧିମଣ୍ଡଳ

**ଭୁବନେଶ୍ୱର, ୨୮।୦୩**
**ନ୍ୟୁଜ୍ ବ୍ୟୁରୋ**



ମଧୁର ସ୍ମୃତି ନେଇ ସ୍ୱଦେଶ ଫେରିଛନ୍ତି ୱାଶିଂଟନ୍ ବିଶ୍ୱବିଦ୍ୟାଳୟ ପ୍ରତିନିଧିମଣ୍ଡଳ। ବିଦେଶୀ ବିଶ୍ୱବିଦ୍ୟାଳୟ ଓ ଭାରତୀୟ ବିଶ୍ୱବିଦ୍ୟାଳୟ ମଧ୍ୟରେ ଶିକ୍ଷା ବିନିମୟକୁ ପ୍ରାୟତଃ ସାଂସ୍କୃତିକ, ଶିକ୍ଷା ଓ ଗବେଷଣା ସହଯୋଗ ଦୃଷ୍ଟିକୋଣରୁ ଦେଖାଯାଏ। ଏହି କ୍ରମରେ ୧୦ ଦିନିଆ ଶିକ୍ଷା ବିନିମୟ କାର୍ଯ୍ୟକ୍ରମରେ କିଟ୍ ଓ କିସ୍‌କୁ ଆସିଥିବା ୱାଶିଂଟନ୍ ବିଶ୍ୱବିଦ୍ୟାଳୟ-ବୋଥେଲର ୧୮ ଜଣିଆ ପ୍ରତିନିଧିମଣ୍ଡଳ ଏହି କାର୍ଯ୍ୟକ୍ରମକୁ ଆଗେଇ ନେଇଛନ୍ତି। ୱାଶିଂଟନ୍ ବିଶ୍ୱବିଦ୍ୟାଳୟ ପ୍ରତିନିଧିଙ୍କ ଏକ ଗସ୍ତ ଏକ ନୂତନ ଧାରା ସୃଷ୍ଟି କରିଛି। ଏଥିରେ ୱାଶିଂଟନ୍ ବିଶ୍ୱବିଦ୍ୟାଳୟର ୧୧ଜଣ ଛାତ୍ରଛାତ୍ରୀ, ୨ ପ୍ରାଧ୍ୟାପକ ଓ କିଟ୍ ମ୍ୟାନେଜମେଣ୍ଟ ସ୍କୁଲ୍‌ର ୧୧ଜଣ ଛାତ୍ରଛାତ୍ରୀ ମିଳିତ ଭାବେ କ୍ଷେତ୍ର ଅଧ୍ୟୟନ କାର୍ଯ୍ୟକ୍ରମରେ ସାମିଲ୍ ହୋଇଥିଲେ। ସେହିପରି ୱାଶିଂଟନ୍ ବିଶ୍ୱବିଦ୍ୟାଳୟର ୫ଜଣ ପ୍ରାଧ୍ୟାପକ କିଟ୍ ଓ କିସ୍‌ର ବିଭିନ୍ନ ସ୍କୁଲ୍‌ରେ ଶିକ୍ଷାଦାନ ଓ ଜ୍ଞାନ ବିନିମୟ କାର୍ଯ୍ୟରେ ନିୟୋଜିତ ଥିଲେ।

ସମୃଦ୍ଧ, ବିବିଧ ଶିକ୍ଷଣ ଅଭିଜ୍ଞତା ସୃଷ୍ଟି କରିବା ପାଇଁ ବିଭିନ୍ନ ଅନୁଷ୍ଠାନରେ ବିଶେଷଜ୍ଞମାନେ ଏକତ୍ରିତ ହୋଇଥିବାରୁ ଏଭଳି ସହଯୋଗପୂର୍ଣ୍ଣ ଶିକ୍ଷାଦାନ ମଡେଲ୍ ଅନ୍ତର୍ଜାତୀୟ ଶିକ୍ଷା କାର୍ଯ୍ୟକ୍ରମରେ ଏକ ଉତ୍କୃଷ୍ଟ ଉଦାହରଣ ବୋଲି କୁହାଯାଇ ପାରେ। ଏଥିରେ ନିୟୋଜିତ ଥିବା ଉଭୟ ବିଶ୍ୱବିଦ୍ୟାଳୟର ଛାତ୍ରଛାତ୍ରୀ ଓ ପ୍ରାଧ୍ୟାପକଙ୍କ ଶୈକ୍ଷିକ ତଥା ଶିକ୍ଷାର ବ୍ୟବହାରିକ ପ୍ରୟୋଗ ସାମୂହିକ ବୁଦ୍ଧିମତାର ଶକ୍ତିକୁ ପ୍ରଦର୍ଶନ କରିପାରିଛି। ସ୍ଥାନୀୟ ତଥ୍ୟର ସହଜ ପ୍ରୟୋଗ କରି ଛାତ୍ରଛାତ୍ରୀମାନେ ପ୍ରସଙ୍ଗ ଭିତ୍ତିକ ସମସ୍ୟାର ସମାଧାନ କରିବାରେ ସକ୍ଷମ ହୋଇଥିଲେ। ଏହା ସହିତ ଛାତ୍ରଛାତ୍ରୀମାନେ ସ୍ଥାନୀୟ ଅର୍ଥନୈତିକ ବାସ୍ତବତାକୁ ଅନ୍ତର୍ଜାତୀୟ ଶୈକ୍ଷିକ ଦୃଷ୍ଟିକୋଣ ସହିତ ସମନ୍ୱୟ ରକ୍ଷା କରି ସାଂସ୍କୃତିକ ଏବଂ ବଜାରର ସୂକ୍ଷ୍ମତାକୁ ବିଚାରକୁ ନେଇ ବ୍ୟବହାରିକ ସମାଧାନ କରିବାରେ ନିଜକୁ ପ୍ରସ୍ତୁତ କରିପାରିଛନ୍ତି। ଗୋଟିଏ ପଟେ କିଟ୍ ଛାତ୍ରଛାତ୍ରୀମାନେ ଅନ୍ତର୍ଜାତୀୟ ବ୍ୟବସାୟ ଢାଞ୍ଚା ବିଷୟରେ ଜ୍ଞାନ ଆହରଣ କରିଥିବା ବେଳେ ୱାଶିଂଟନ ବିଶ୍ୱବିଦ୍ୟାଳୟ ଛାତ୍ରଛାତ୍ରୀମାନେ ଭାରତରେ ଉଦ୍ୟୋଗୀ ଇକୋସିଷ୍ଟମକୁ ପ୍ରତ୍ୟକ୍ଷ ଭାବରେ ଅନୁଭବ କରିଥିଲେ।

କିଟ୍ ଓ କିସ୍ ସହ ୱାଶିଂଟନ ବିଶ୍ୱବିଦ୍ୟାଳୟ-ବୋଥେଲ ପ୍ରତିନିଧିମଣ୍ଡଳର ଶୈକ୍ଷିକ ସହଯୋଗ କେବଳ ଏକ ବିନିମୟ କାର୍ଯ୍ୟକ୍ରମ ନଥିଲା, ବରଂ ଶିକ୍ଷାଦାନ, ବ୍ୟବସାୟିକ ସମସ୍ୟା ସମାଧାନ ଏବଂ ପାରସ୍ପରିକ ସାଂସ୍କୃତିକ ଶିକ୍ଷାର ସମନ୍ୱୟରେ ପ୍ରଥମ ଥର ଲାଗି ଭାରତରେ ଏଭଳି ଏକ କାର୍ଯ୍ୟକ୍ରମ ହୋଇପାରିଲା। ଉଭୟ ବିଶ୍ୱବିଦ୍ୟାଳୟର ଏହି ସଫଳ ସହଯୋଗିତା ବିଶ୍ୱର ଅନ୍ୟ ବିଶ୍ୱବିଦ୍ୟାଳୟଗୁଡ଼ିକ ପାଇଁ ଉଦାହରଣ ସୃଷ୍ଟି କରିଛି। ତେଣୁ ଉଚ୍ଚଶିକ୍ଷା ପ୍ରତିଷ୍ଠାନଗୁଡ଼ିକୁ ବିନିମୟ କାର୍ଯ୍ୟକ୍ରମର ପାରମ୍ପରିକ ଧାରଣାରୁ ଆଗକୁ ଯାଇ ବାସ୍ତବ ବିଶ୍ୱ ସମସ୍ୟା ସମାଧାନକୁ ପ୍ରାଥମିକତା ଦିଗରେ ଶିକ୍ଷାଦାନ ମଡେଲଗୁଡ଼ିକୁ ଗ୍ରହଣ କରିବା ଉଚିତ ବୋଲି ୱାଶିଂଟନ ବିଶ୍ୱବିଦ୍ୟାଳୟ ପ୍ରତିନିଧିମାନେ ପ୍ରକାଶ କରିଛନ୍ତି। କିଟ୍ ବିଶ୍ୱବିଦ୍ୟାଳୟର ଏହି ଅଗ୍ରଣୀ ଆଭିମୁଖ୍ୟ ଅନ୍ତର୍ଜାତୀୟ ଶିକ୍ଷାର ଭବିଷ୍ୟତ କେବଳ ସିଦ୍ଧାନ୍ତରେ ସୀମିତ ନରହି ବ୍ୟବହାରିକ ହୋଇପାରିଛି ବୋଲି ସେମାନେ ମତ ଦେଇଥିଲେ।

# ମୁଖ୍ୟମନ୍ତ୍ରୀଙ୍କୁ ଧନ୍ୟବାଦ ଦେଲେ ପରିବହନ ମନ୍ତ୍ରୀ

**ଭୁବନେଶ୍ୱର, ୨୮।୦୩:ନ୍ୟୁଜ୍ ବ୍ୟୁରୋ**

ପରିବହନ ମନ୍ତ୍ରୀ ବିଭୁତି ଭୂଷଣ ଜେନା ଉଚ୍ଚସ୍ତରୀୟ ମଞ୍ଜୁରୀ କର୍ତ୍ତୃପକ୍ଷ ବୈଠକରେ ଗଞ୍ଜାମ ଜିଲ୍ଲାରେ ୮୦୦୦ କୋଟି ପୁଞ୍ଜି ନିବେଶକୁ ଅନୁମୋଦନ ଦିଆଯିବା ପରେ ମୁଖ୍ୟମନ୍ତ୍ରୀଙ୍କୁ ଧନ୍ୟବାଦ ଦେଇଛନ୍ତି। ସେ ସୋସିଆଲ ମିଡିଆରେ ଲେଖିଛନ୍ତି, ଉଚ୍ଚସ୍ତରୀୟ ମଞ୍ଜୁରୀ କର୍ତ୍ତୃପକ୍ଷ ବୈଠକରେ ଗୁରୁବାର ୧,୬୫,୩୦୩ କୋଟି ଟଙ୍କାର ବିଭିନ୍ନ ପ୍ରକଳ୍ପଗୁଡ଼ିକୁ ଅନୁମୋଦନ କରାଯାଇଛି। ଏଥିରେ ଗଞ୍ଜାମ ଜିଲ୍ଲାରେ ୮୦୦୦ କୋଟି ପୁଞ୍ଜି ନିବେଶରେ ଟିଟାନିୟମ କମ୍ପ୍ଲେକ୍ସ ନିର୍ମାଣ ଏବଂ ୧୪୭୫ କୋଟି ଟଙ୍କା ବିନିଯୋଗରେ ସୋଲାର ମଡ୍ୟୁଲ୍ସ ମାନୁଫାକ୍‌ଚରିଂ ପାଇଁ ଅନୁମୋଦନ ଦେଇଥିବାରୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଧନ୍ୟବାଦ। ଏହା ଆମ ଜିଲ୍ଲାରେ ନିଯୁକ୍ତିର ସୁଯୋଗ ସୃଷ୍ଟି କରିବ ତଥା ବିକଶିତ ଓଡ଼ିଶା ପାଇଁ ମାର୍ଗ ପ୍ରଶସ୍ତ କରିବ ବୋଲି ବିଭୁତି ଭୂଷଣ ଜେନା ଆଶା।

## ୩ ବର୍ଷରେ ପଲିଟେକ୍‌ନିକ୍ ଓ ଇଞ୍ଜିନିୟରିଂ କଲେଜରେ ୧୭ଜଣଙ୍କ ମୃତ୍ୟୁ

**ଭୁବନେଶ୍ୱର, ୨୮।୦୩**
**ନ୍ୟୁଜ୍ ବ୍ୟୁରୋ**

ଗତ ତିନି ବର୍ଷରେ ବିଭିନ୍ନ ପଲିଟେକନିକ କଲେଜ ଓ ବୈଷୟିକ କଲେଜରେ ୧୭ ଜଣଙ୍କ ମୃତ୍ୟୁ ହୋଇଛି। ଗୃହରେ ଲିଖିତ ଉତ୍ତର ରଖିଛନ୍ତି ବୈଷୟିକ ଶିକ୍ଷା ଓ ଦକ୍ଷତା ବିକାଶ ମନ୍ତ୍ରୀ ସମ୍ପଦ ସ୍ୱାଇଁ।

ସର୍ବାଧିକ ବୁର୍ଲା ଭିସୁଟରେ ୫, ରାଉରକେଲା ବିପିୟୁଟିରେ ୪, କେନ୍ଦୁଝର ସରକାରୀ ଇଞ୍ଜିନିଅରିଂ କଲେଜରେ ୨, ଢେଙ୍କାନାଳ ଆଇଜିଆଇଟିରେ ଜଣେ ପ୍ରାଣ ହରାଇଛନ୍ତି। ସେହିପରି ବିଭିନ୍ନ ପଲିଟେକନିକ କଲେଜରେ ୫ ଜଣ ଛାତ୍ରଛାତ୍ରୀଙ୍କ ଜୀବନ ଯାଇଛି।

# ଲାଞ୍ଚୁଆ ସୂଚନା କମିଶନରଙ୍କୁ ବାନ୍ଧିଲେ ଲୋକାୟୁକ୍ତ ପୋଲିସ

**ନୂଆଦିଲ୍ଲୀ, ୨୮।୦୩**

ଜଣେ ଆବେଦନକାରୀଙ୍କ ସପକ୍ଷରେ ଅର୍ଡର ଜାରି କରିବା ନିମନ୍ତେ ଅନଲାଇନ୍ ମାଧ୍ୟମରେ ଏକ ଲକ୍ଷ ଟଙ୍କା ଲାଞ୍ଚ ନେବା ଅଭିଯୋଗରେ କର୍ଣ୍ଣାଟକ ରାଜ୍ୟ ସୂଚନା କମିଶନର ରବୀନ୍ଦ୍ର ଗୁରୁନାଥ ଧାକପ୍ପାଙ୍କୁ ଲୋକାୟୁକ୍ତ ପୋଲିସ ଗିରଫ କରିଛନ୍ତି। କର୍ଣ୍ଣାଟକର କାଲାବୁରାଗି ବେଞ୍ଚରେ ସୂଚନା କମିଶନର ଭାବେ ଶ୍ରୀ ଧାକପ୍ପା ନିଯୁକ୍ତି ପାଇଥିଲେ। ଶ୍ରୀ ଧାକପ୍ପାଙ୍କ ଗିରଫଦାରୀ ସମ୍ପର୍କରେ ସୂଚନା ଦେଇ ସୁପରିଣ୍ଟେଣ୍ଡେଣ୍ଟ ଅଫ ପୋଲିସ (ଲୋକାୟୁକ୍ତ) ବି.କେ. ଉମେଶ କହିଲେ ଯେ, ଅଭିଯୁକ୍ତ ଶ୍ରୀ ଧାକପ୍ପା ଟେଲିଫୋନ ମାଧ୍ୟମରେ ଆବେଦନକାରୀଙ୍କ ସହ କଥା ହୋଇ ଲାଞ୍ଚ ଅର୍ଥ ସ୍ଥିର କରିଥିଲେ। ୩ ଲକ୍ଷ ଟଙ୍କା ଲାଞ୍ଚ ଦେଲେ ତାଙ୍କ ସପକ୍ଷରେ ଅର୍ଡର ଜାରି କରିବେ ବୋଲି ଅଭିଯୁକ୍ତ ସୂଚନା କମିଶନର ରାଜି ହୋଇଥିଲେ। ଏହି ୩ ଲକ୍ଷ ଟଙ୍କାରୁ ୧ ଲକ୍ଷ ଟଙ୍କା ଅନଲାଇନ୍ ମାଧ୍ୟମରେ ଗ୍ରହଣ କରିବା ପରେ ଆମେ ସୂଚନା କମିଶନରଙ୍କୁ ଗିରଫ କରିଛୁ ଏବଂ ଆବେଦନକାରୀଙ୍କ ସହ ସୂଚନା କମିଶନରଙ୍କ ହୋଇଥିବା କଥାବାର୍ତ୍ତାର ଅଡିଓ ଟେପ୍ ଆମର ହସ୍ତଗତ ହୋଇଛି ବୋଲି ଏସ୍.ପି. ଶ୍ରୀ ଉମେଶ କହିଛନ୍ତି।

ସୂଚନା ଯୋଗ୍ୟ ଯେ, ତାଙ୍କ ନିଜ ସପକ୍ଷରେ ଅର୍ଡର ଜାରି କରିବା ନିମନ୍ତେ ସୂଚନା କମିଶନର ଶ୍ରୀ ଧାକପ୍ପା ୩ ଲକ୍ଷ ଟଙ୍କା ଲାଞ୍ଚ ଦାବି କରୁଥିବା ନେଇ ଆବେଦନକାରୀ ଲୋକାୟୁକ୍ତରେ ଅଭିଯୋଗ ଦାଖଲ କରିଥିଲେ। ଏହି ଅଭିଯୋଗକୁ ଭିତ୍ତି କରି ଲୋକାୟୁକ୍ତ ପୋଲିସ ଅଭିଯୁକ୍ତ ଶ୍ରୀ ଧାକପ୍ପାଙ୍କୁ ଗିରଫ କରିଛନ୍ତି।

# ଚଳିତ ବର୍ଷ ୭୮ ମାଓବାଦୀଙ୍କ ମୃତ୍ୟୁ ନେଇ ସ୍ୱଷ୍ଟ କଲା ସଂଗଠନ

**ମାଲକାନଗିରି, ୨୮।୦୩**
**ନ୍ୟୁଜ୍ ବ୍ୟୁରୋ**



ସୀମାନ୍ତ ଛତିଶଗଡ଼ର ପଶ୍ଚିମ ବସ୍ତର ଡିଭିଜନର ସଚିବ ମୋହନ ଶୁକ୍ରବାର ଏକ ପ୍ରେସ ବିଜ୍ଞପ୍ତି ଜାରି କରି ଜାନୁଆରୀ ୨୦୨୫ ପର ଠାରୁ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ମିଳିତ 'ହନ୍ତାକା କାଗର' ଆକ୍ରମଣରେ ୭୮ ମାଓବାଦୀ ଏବଂ ଆଦିବାସୀଙ୍କ ମୃତ୍ୟୁ ହୋଇଥିବା ସ୍ୱୀକାର କରିବା ସହ ଏହି ହତ୍ୟାକୁ ନିନ୍ଦା କରନ୍ତୁ ବୋଲି ଆହ୍ୱାନ କରାଯାଇଛି।

ସଂଗଠନ ପକ୍ଷରୁ କୁହାଯାଇଛି ଯେ ଜାନୁଆରୀ ୧୨ ତାରିଖରେ ବନ୍ଦେପାରା ଠାରେ ୫ ଜଣ କମ୍ରେଡ୍ ସହିଦ ହୋଇଥିବା ବେଳେ ଫେବୃୟାରୀ ୧ ତାରିଖରେ ସାତ ଜଣ ଗ୍ରାମବାସୀ, ଫେବୃୟାରୀ ୯ ତାରିଖରେ ଜଲିପେରୁ ନିକଟରେ ୩୧ ଜଣ, ମାର୍ଚ୍ଚ ୨୦ ତାରିଖରେ ଗାଙ୍ଗଲୁର ଠାରେ ୨୬ ଜଣ କମ୍ରେଡ, ୨୦ ତାରିଖରେ ହିଁ କାଂକେରରେ ୪ ଜଣ କମ୍ରେଡ, ମାର୍ଚ୍ଚ ୨୫ରେ ଇନ୍ଦ୍ରାବତୀ ଅଞ୍ଚଳରେ ୩ ଜଣ କମ୍ରେଡ ସହିଦ ହୋଇଥିଲେ ବୋଲି କୁହାଯାଇଛି। ମୋଟ ୭୮ ଜଣ କମ୍ରେଡଙ୍କର ମୃତ୍ୟୁ ହୋଇଥିବା ସ୍ୱଷ୍ଟ କରାଯାଇଛି। ଦଣ୍ଡକାରଣ୍ୟ ବିପ୍ଳବୀ ଆନ୍ଦୋଳନ ଦଶନ୍ଧି ଦଶନ୍ଧି ଧରି ଚାଲି ଆସୁଥିବା କୁହାଯାଇଛି। ମାଓବାଦୀ ଦଳକୁ ସଂପୂର୍ଣ୍ଣ ବିଲୋପ କରିବା ପାଇଁ ଲୋକଙ୍କ ବିରୋଧରେ ଅପରେସନ କଗାର ନାମରେ ଯୁଦ୍ଧ ଘୋଷଣା କରାଯାଇଛି।

୨୦୨୬ ମାର୍ଚ୍ଚ ସୁଦ୍ଧା ଦେଶରୁ ମାଓବାଦୀ ବିଲୋପ କରିବା ନେଇ କେନ୍ଦ୍ରମନ୍ତ୍ରୀ କରିଥିବା ଘୋଷଣା ରାଜ୍ୟ ସରକାର ଅକ୍ଷରେ ଅକ୍ଷରେ ପାଳନ କରୁଛନ୍ତି। ଏହି କାଗର ଆକ୍ରମଣକୁ ଏହାର ଅଂଶ ବୋଲି ସଂଗଠନ କହିଛି। କେନ୍ଦ୍ର ଓ ରାଜ୍ୟ ସରକାର ମିଳିତ ଭାବେ ଏହାକୁ ସଂଯୋଜନା କରୁଛନ୍ତି ବୋଲି କୁହାଯାଇଛି।

ଗାଁ ଗାଁରେ ପୁଲିସ କ୍ୟାମ୍ପ ପ୍ରତିଷ୍ଠା କରି ଆଦିବାସୀଙ୍କୁ ଦଣ୍ଡକାରଣ୍ୟରୁ ବାହାର କରିବା ମୂଳ ଲକ୍ଷ୍ୟ ବୋଲି ସଂଗଠନ କହିଛି। ଏହି ପ୍ରେସ୍ ବିଜ୍ଞପ୍ତିରେ ଜାନୁଆରୀରୁ ମାର୍ଚ୍ଚ ମଧ୍ୟରେ ସହିଦ ହୋଇଥିବା ସମସ୍ତ କମ୍ରେଡଙ୍କ ସମସ୍ତ ବିବରଣୀ ପ୍ରଦାନ କରାଯାଇଛି। ଆସନ୍ତା ଏପ୍ରିଲ ୪ ତାରିଖରେ ନକ୍ସଲ ବିଜାପୁର ଜିଲ୍ଲା ବନ୍ଦ ଡାକରା ଦେଇଛନ୍ତି। ଏହାକୁ ସଫଳ କରିବାକୁ ସମସ୍ତ ବର୍ଗର ଲୋକେ ସହଯୋଗ କରିବାକୁ ଆହ୍ୱାନ କରାଯାଇଛି।

# ରାଉରକେଲାରେ ପୁଣି ଫୁଟିଲା ଗୁଳି: ଯୁବକଙ୍କୁ ଗୋଡ଼ାଇ ଗୋଡ଼ାଇ ହାଣିଲେ

**ରାଉରକେଲା, ୨୮।୦୩**
**ନ୍ୟୁଜ୍ ବ୍ୟୁରୋ**



ରାଉରକେଲାରେ ପୁଣି ଗୁଳିକାଣ୍ଡ। ଗତ ମାସ ୪ ନଂ ସେକ୍ଟରରେ ଘଟିଥିବା ଗୁଳିକାଣ୍ଡ ଲୋକଙ୍କ ମନରୁ ଯାଇ ନ ଥିବା ବେଳେ ଗୁରୁବାର ରାତିରେ ଦେଓଗାଁ ନିକଟ ଏକ ହୋଟେଲରେ ଗୁଳିକାଣ୍ଡ ଘଟିଛି। ଦେଓଗାଁର ମା' ତାରିଣୀ ହୋଟେଲରେ ଜଣେ ଯୁବକଙ୍କ ଉପରେ ମରଣାନ୍ତକ ଆକ୍ରମଣ ହୋଇଛି। ଯୁବକଙ୍କୁ କିଛି ଦୁର୍ବୃତ୍ତ ବାଇକ୍‌ରେ ଗୋଡ଼ାଉ ଥିବା ବେଳେ ସେ ହୋଟେଲ ଭିତରେ ପଶି ଯାଇଥିଲେ। ଉକ୍ତ ଯୁବକଙ୍କୁ ଗୋଡ଼ାଇ ତିନି ଜଣ ଦୁର୍ବୃତ୍ତ ହୋଟେଲ ଭିତରେ ପଶି ଭୁଜାଲିରେ ତାଙ୍କୁ ଆକ୍ରମଣ କରିଥିଲେ। ଆକ୍ରମଣରେ ଯୁବକ ଦିବ୍ୟଜ୍ୟୋତି ମହାନ୍ତି ଆହତ ହୋଇଛନ୍ତି। ଦୁର୍ବୃତ୍ତମାନେ ହୋଟେଲ ଭିତରେ ଏବଂ ବାହାରେ ୨ ରାଉଣ୍ଡ ଗୁଳି ଚଳାଇ ଥିବା ଜଣାପଡ଼ିଛି। ସେମାନଙ୍କୁ ଧରିବାକୁ ପୋଲିସ ବିଭିନ୍ନ ସ୍ଥାନରେ ଚଢାଉ ଜାରି ରଖିଛି। ଘଟଣାରେ ୨ ଜଣଙ୍କୁ ଅଟକ ରଖି ପୋଲିସ ପଚରାଉଚରା କରୁଛି। ଏ ବାବଦରେ ରଘୁନାଥପାଲି ଥାନାରେ ଏକ ମାମଲା(ନଂ ୨୦୫/୨୫)ରୁଜୁ ହୋଇଥିବା ଜଣାପଡ଼ିଛି।

# ସମ୍ବଲପୁରରେ ମୁତୟନ ହେବେ ବିଏସ୍ଏଫ ଫୋର୍ସ

**ସମ୍ବଲପୁର, ୨୮।୦୩**
**ନ୍ୟୁଜ୍ ବ୍ୟୁରୋ**

ସମ୍ବଲପୁରରେ ରାମନବମୀ ଏବଂ ହନୁମାନ ଜୟନ୍ତୀ ପାଇଁ ପ୍ରଶାସନ ପକ୍ଷରୁ ବଡ଼ ପଦକ୍ଷେପ ନିଆଯାଇଛି। ରାମନବମୀ ଏବଂ ହନୁମାନ ଜୟନ୍ତୀରେ ସୁରକ୍ଷାକୁ ଦୃଷ୍ଟିରେ ସମ୍ବଲପୁରରେ କେନ୍ଦ୍ରୀୟ ଫୋର୍ସ ମୁତୟନ କରାଯିବ ବୋଲି ଶୁକ୍ରବାର ସମ୍ବଲପୁର ଏସ୍‌ପି ମୁକେଶ ଭାମୁ ସୂଚନା ଦେଇଛନ୍ତି। ସମ୍ବଲପୁରରେ ୨ କମ୍ପାନୀ ବିଏସ୍ଏଫ୍ ଫୋର୍ସ ମୁତୟନ କରାଯିବ। ଏପରିକି ଗୋଟିଏ କମ୍ପାନୀ ରାପିଡ୍ ଆକ୍ସନ ଫୋର୍ସ ମୁତୟନ ହେବେ। ଏଥିସହ ୧୨ ପ୍ଲାଟୁନ ପୋଲିସ ଫୋର୍ସ ମୁତୟନ ରହିବେ ବୋଲି ସମ୍ବଲପୁର ଏସ୍‌ପି କହିଛନ୍ତି।

# ୧୭ଟି ସରକାରୀ ୟୁନିଭର୍ସିଟିରେ ୧୩୫୩ ଅଧ୍ୟାପକ ଓ ଅଧ୍ୟାପିକା ପଦବୀ ଖାଲି

**ଭୁବନେଶ୍ୱର, ୨୮।୦୩:ନ୍ୟୁଜ୍ ବ୍ୟୁରୋ**

୧୭ଟି ସରକାରୀ ବିଶ୍ୱବିଦ୍ୟାଳୟରେ ୧୩୫୩ ଅଧ୍ୟାପକ ଓ ଅଧ୍ୟାପିକା ପଦବୀ ଖାଲି ପଡିଛି। ବିଧାନସଭାରେ ଲିଖିତ ଉତ୍ତର ରଖିଛନ୍ତି ଉଚ୍ଚ ଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ। ୨୦୨୭ ସ୍ଥାନରେ ମାତ୍ର ଅଛନ୍ତି ୬୭୪ ଅଧ୍ୟାପକ ଓ ଅଧ୍ୟାପିକା। ଖାଲି ପଡ଼ିଥିବା ବିଶ୍ୱ ବିଦ୍ୟାଳୟରେ ୯୬୫ ଗେଷ୍ଟ ଫ୍ୟାକୋଲିଟିରେ କାମ ଚଳାଉଛନ୍ତି ରାଜ୍ୟ ସରକାର। ସେହିପରି ଉଚ୍ଚ ଶିକ୍ଷା ବିଭାଗରେ ୨୦୮୧ ଅଣ ଶିକ୍ଷକ ପଦବୀ ବି ଖାଲି ପଡ଼ିଛି। ରାଜ୍ୟର ମୁଖ୍ୟ ବିଶ୍ୱବିଦ୍ୟାଳୟ ରେଭେନ୍ସା ଓ ଉତ୍କଳରେ ସର୍ବାଧିକ ପଦବୀ ଖାଲି ପଡ଼ିଛି। ରେଭେନ୍ସାରେ ୧୬୧ ପଦବୀ ଖାଲି ପଡିଥିବା ବେଳେ ଉତ୍କଳରେ ୧୩୩ ପଦବୀ ଖାଲି ପଡ଼ିଛି।

# ଭିଜିଲାନ୍ସ ଜାଲରେ ସିନିୟର କ୍ଲର୍କ



**ଅନୁଗୁଳ, ୨୮।୦୩**
**ନ୍ୟୁଜ୍ ବ୍ୟୁରୋ**

୨୦ ହଜାର ଟଙ୍କା ଲାଞ୍ଚ ନେଉଥିବା ବେଳେ ଶୁକ୍ରବାର ଭିଜିଲାନ୍ସ ହାତରେ ଧରାପଡିଛନ୍ତି ଅନୁଗୁଳ ଜିଲ୍ଲା ଆଠମଲ୍ଲିକ ତହସିଲ କାର୍ଯ୍ୟାଳୟର ବରିଷ୍ଠ କିରାଣୀ ସତ୍ୟପ୍ରିୟ ନାୟକ। ଭିଜିଲାନ୍ସ ଟିମ୍ ତାଙ୍କଠାରୁ ଲାଞ୍ଚ ଟଙ୍କା ଜବତ କରିଥିବା ସୂଚନା ମିଳିଛି। ମିଳିଥିବା ସୂଚନା ମୁତାବକ, କୌଣସି ଏକ କାମକୁ ନେଇ କିରାଣୀ ସତ୍ୟପ୍ରିୟ ୨୦ ହଜାର ଟଙ୍କା ଲାଞ୍ଚ ମାଗିଥିଲେ। ଏନେଇ ଭିଜିଲାନ୍ସ ପାଖରେ ଅଭିଯୋଗ ହୋଇଥିଲା। ଅଭିଯୋଗକୁ ଭିତ୍ତି କରି ଯୋଜନା ମୁତାବକ, ସତ୍ୟପ୍ରିୟ ୨୦ ହଜାର ଟଙ୍କା ଲାଞ୍ଚ ନେଉଥିବା ବେଳେ ଭିଜିଲାନ୍ସ ଟିମ୍ ମାଡ଼ି ବସିଥିଲା। ଅପରପକ୍ଷେ ଆୟ ବହିର୍ଭୂତ ସମ୍ପତ୍ତି ଠୁଳ କରିବା ସନ୍ଦେହରେ ଭିଜିଲାନ୍ସ ପକ୍ଷରୁ ତଦନ୍ତ କରାଯାଉଥିବା ସୂଚନା ମିଳିଛି।

# ଅଟୋମୋବାଇଲ ଆମଦାନୀ ଉପରେ ୨୫% ଶୁଳ୍କ ଲଗାଇଲେ ଟ୍ରମ୍ପ

**ନୂଆଦିଲ୍ଲୀ, ୨୮।୦୩**



ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଆମଦାନୀ ଉପରେ ଶୁଳ୍କକୁ ଆହୁରି ବ୍ୟାପକ କରିଛନ୍ତି। ପୂର୍ବରୁ ଇସ୍ପାତ ଓ ଆଲୁମିନିୟମ ଉପରେ ୨୫ ପ୍ରତିଶତ ଆମଦାନୀ ଶୁଳ୍କ ଲଗାଇ ସାରିଥିବାବେଳେ ଏବେ ଅଟୋମୋବାଇଲ ଏବଂ ଅଟୋମୋବାଇଲ ଉପକରଣ ଉପରେ ୨୫ ପ୍ରତିଶତ ଆମଦାନୀ ଶୁଳ୍କ ଲଗାଇବାକୁ ଘୋଷଣା କରିଛନ୍ତି। ଏପ୍ରିଲ ୩ ତାରିଖରୁ ଏହାକୁ କାର୍ଯ୍ୟକାରୀ କରାଯିବ। ଆମେରିକାରେ ଅଟୋମୋବାଇଲ ବା କାର୍ ଉତ୍ପାଦନକୁ ବୃଦ୍ଧି କରିବା ପାଇଁ ରାଷ୍ଟ୍ରପତି ଟ୍ରମ୍ପ ଏହି ନିଷ୍ପତ୍ତି ନେଇଛନ୍ତି। ଏହାଦ୍ୱାରା ଆମେରିକା ବାର୍ଷିକ ପ୍ରାୟ ୧୦୦ ବିଲିଅନ ଡଲାର ରାଜସ୍ୱ ପାଇବ ବୋଲି ଆଶା ରଖାଯାଇଛି।

ଆମେରିକାକୁ କାନାଡା, ମେକ୍ସିକୋ ଓ ଜାପାନ ଭଳି ଭାରତୀୟ କମ୍ପାନୀଗୁଡ଼ିକ ସିଧାସଳଖ ଅଟୋମୋବାଇଲ ରପ୍ତାନୀ ସେତେଟା କରି ନଥାନ୍ତି। କିନ୍ତୁ ଅଟୋ ଉପକରଣ କମ୍ପାନି ଦୃଷ୍ଟିରୁ ଦେଖିଲେ ଭାରତ ଅଧିକ ମାତ୍ରାରେ ପ୍ରଭାବିତ ହେବ। କାରଣ ବିଶ୍ୱର ଅଟୋମୋବାଇଲ କମ୍ପାନୀଗୁଡ଼ିକୁ ଭାରତ ବହୁତ ଉପକରଣ ଯୋଗାଇଥାଏ। ସେହି କାର୍ କମ୍ପାନୀଗୁଡ଼ିକ ହିଁ ଅଧିକ ମାତ୍ରାରେ ଗାଡ଼ି ଆମେରିକାକୁ ରପ୍ତାନୀ କରିଥାନ୍ତି। ରିପୋର୍ଟ ଅନୁଯାୟୀ, ୨୦୨୩ ବର୍ଷରେ ଆମେରିକାକୁ ଭାରତ ପ୍ରାୟ ୧.୫ ବିଲିଅନ ଡଲାର ମୂଲ୍ୟର ଅଟୋମୋବାଇଲ ଉପକରଣ ରପ୍ତାନି କରିଛି। ନୂଆ ଶୁଳ୍କ ଲାଗିବା ପରେ ଏହି ରପ୍ତାନୀ ବାଧାପ୍ରାପ୍ତ ହେବ। ଏଥିଯୋଗୁ ଭାରତୀୟ ଅଟୋମୋବାଇଲ କମ୍ପାନୀଗୁଡ଼ିକର ଲାଭ ଏବଂ ନିଯୁକ୍ତି ପ୍ରଭାବିତ ହେବ। କମ୍ପାନୀଗୁଡ଼ିକ ଏହି ବର୍ଦ୍ଧିତ ମୂଲ୍ୟକୁ ନିଜେ ବହନ କରିବେ କିମ୍ବା ରପ୍ତାନୀ ପାଇଁ ଅନ୍ୟ ବିକଳ୍ପ ବଜାର ଖୋଜିବେ। ଟାଟା ମୋଟର୍ସର ସହାୟକ କମ୍ପାନୀ ଜାଗୁଆର୍ ଲ୍ୟାଣ୍ଡରୋଭର ବିଶ୍ୱର ବିଭିନ୍ନ ସ୍ଥାନରୁ ଆମେରିକା ବଜାରକୁ ରପ୍ତାନୀ ହୋଇଥାଏ। ମୁଖ୍ୟତଃ ବ୍ରିଟେନ ଏବଂ ୟୁରୋପର ଅନ୍ୟ ଦେଶରୁ ଏହି କାର୍ ଆମେରିକାକୁ ପଠାଯାଇଥାଏ। ତେଣୁ ଏହି କମ୍ପାନୀର ବିକ୍ରି ପ୍ରଭାବିତ ହୋଇପାରେ। ଟାଟା ଓ ମାରୁତି ସୁଜୁକି ଭଳି ଗାଡ଼ି ନିର୍ମାତା ମୁଖ୍ୟତଃ ଘରୋଇ ବଜାର ଉପରେ ନିର୍ଭରଶୀଳ ଥିବାରୁ ସେମାନେ ସୁରକ୍ଷିତ ରହିପାରନ୍ତି। ତେବେ ଭାରତ ଫର୍ଜ ଏବଂ ମଦରସନ୍ ସୁମି ଭଳି ଅଟୋମୋବାଇଲ ଉପକରଣ ନିର୍ମାତା ଟ୍ରମ୍ପଙ୍କ ନିଷ୍ପତ୍ତି ଦ୍ୱାରା ପ୍ରଭାବିତ ହେବେ ବୋଲି ଅଟୋମୋବାଇଲ ଶିଳ୍ପର ବିଶେଷଜ୍ଞମାନେ କହିଛନ୍ତି। ଅଟୋମୋବାଇଲ ଆମଦାନୀ ଉପରେ ୨୫ ପ୍ରତିଶତ ଶୁଳ୍କ ଲାଗୁ ଘୋଷଣା ଟ୍ରମ୍ପଙ୍କ ପାଲଟା ଆମଦାନୀ ଶୁଳ୍କ ନୀତିର ଏକ ଅଂଶବିଶେଷ। ଭାରତ ପୂର୍ବରୁ ଆମେରିକାର ବିଳାସପୂର୍ଣ୍ଣ ଗାଡ଼ି ଉପରେ ୧୦୦ ପ୍ରତିଶତରୁ ଅଧିକ ଆମଦାନୀ ଶୁଳ୍କ ଲଗାଉଥିବା ବିଷୟ ଟ୍ରମ୍ପ ଏକାଧିକବାର ଉଠାଇ ସାରିଛନ୍ତି। ଏହାବ୍ୟତୀତ ଟ୍ରମ୍ପ ଆଗାମୀ ଦିନରେ ଯଦି ଫାର୍ମାସ୍ୟୁଟିକାଲ୍ସ, କୃଷି ଏବଂ ପ୍ରଯୁକ୍ତି ଆଦି କ୍ଷେତ୍ରରେ ପାଲଟା ଶୁଳ୍କ ଲାଗୁ କରନ୍ତି ତା'ହେଲେ ଭାରତ ବାର୍ଷିକ ପ୍ରାୟ ୭ ବିଲିଅନ ଡଲାରର କ୍ଷତି ସହିପାରେ।

# ପଡୋଶୀ ଆନ୍ଧ୍ରପ୍ରଦେଶରେ ବ୍ୟାପିଲା ବାର୍ଡ଼ଫ୍ଲୁ : ଓଡ଼ିଶା ପାଇଁ ସତର୍କ ଘଣ୍ଟି



**ଭୁବନେଶ୍ୱର, ୨୮।୦୩:ନ୍ୟୁଜ୍ ବ୍ୟୁରୋ**

ପଡ଼ୋଶୀ ଆନ୍ଧ୍ରପ୍ରଦେଶରେ ଆଠଟି ସ୍ଥାନରେ ବାର୍ଡ଼ ଫ୍ଲୁର ପ୍ରକୋପ ଦେଖାଦେଇଛି। ଶୁକ୍ରବାର ବିଶ୍ୱ ପଶୁ ସ୍ୱାସ୍ଥ୍ୟ ସଂଗଠନ କହିଛି ଯେ, ଫାର୍ମ ଏବଂ କୁକୁଡ଼ାରେ ଏଚ୫ଏନ୧ ଲକ୍ଷଣ ଚିହ୍ନଟ କରାଯାଇଛି। ପ୍ୟାରିସ-ଭିତ୍ତିକ ସଂଗଠନ ଏକ ରିପୋର୍ଟରେ କହିଛି ଯେ ଆଭିଆନ୍ ଇନଫ୍ଲୁଏଞ୍ଜା, ଯାହାକୁ ସାଧାରଣତଃ ବାର୍ଡ଼ ଫ୍ଲୁ କୁହାଯାଏ। ଏହି ସମସ୍ତ ଘଟଣା ଆନ୍ଧ୍ରପ୍ରଦେଶର ପୂର୍ବ ଅଞ୍ଚଳରେ ଚିହ୍ନଟ କରାଯାଇଥିଲା। ଏହି କାରଣରୁ ମୋଟ ୬,୦୨,୦୦୦ ପକ୍ଷୀଙ୍କୁ ହତ୍ୟା କରାଯାଇଛି।